ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୫୬
୨୩ ଫେବୃଆରୀ, ୨୦୨୬ ସୋମବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 256
23rd February, 2026 Monday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଉପାର୍ଜିତାନାଂ ବିତ୍ତାନାଂ ତ୍ୟାଗ ଏବ ହି ରକ୍ଷଣମ୍**
**ତଡ଼ାଗୋଦରସଂସ୍ଥାନାଂ ପରିସ୍ରାବ ଇବାମ୍ଭସାମ୍**

ଉପାର୍ଜିତ ଧନର ବ୍ୟୟ ଦ୍ୱାରା ହିଁ ଧନର ସୁରକ୍ଷା ହୋଇଥାଏ, ଯେପରି ପୁଷ୍କରିଣୀ ଭିତର ଜଳକୁ ବାହାର କରିଦେଲେ ପୁଷ୍କରିଣୀର ସୁରକ୍ଷା ହୋଇଥାଏ ।

## ଉପାଖ୍ୟାନ

### ... ବାଜିଗଲେ ଦୋଷ ନାହିଁ

## ଖିଆଲି ରାଜାର ଅଦ୍ଭୁତ ପୋଷାକ

# ଦୁର୍ଘଟଣାରେ ୫ ପୁଲିସଙ୍କ ମୃତ୍ୟୁ

**ଝାରସୁଗୁଡା, ୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡା ସଦର ଥାନା ପାଖରେ ଆଜି ଭୋରରେ ଏକ ଟିପର ଓ ପୁଲିସର ଏକ ବୋଲେରୋ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୫ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ଆଉ ୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

ମୃତ ପୁଲିସ କର୍ମଚାରୀମାନେ ହେଉଛନ୍ତି, କାଶୀରାମ ଭୋଇ, ନିରଞ୍ଜନ କୁଜୁର, ଦେବଦତ୍ତ ସା, ଲିଙ୍ଗରାଜ ଧୂରୁଆ, ଓ ଭକ୍ତବନ୍ଧୁ ମିର୍ଦ୍ଧା । ନିରଞ୍ଜନ କୁଜୁର ଡ୍ରିଲ୍ ସବ୍-ଇନ୍ସପେକ୍ଟର ଥିଲେ । ଲିଙ୍ଗରାଜ ଧୁରୁଆ ଏପିଆର ହାବିଲଦାର ଥିବା ବେଳେ ଦେବଦତ୍ତ ସା ଓ କାଶୀରାମ ଭୋଇ ଏପିଆର କନଷ୍ଟେବଳ ଥିଲେ । ସେହିପରି ମୃତ ଭକ୍ତବନ୍ଧୁ ମିର୍ଦ୍ଧା ହୋମଗାର୍ଡ ଥିଲେ । ଏପିଆର କନଷ୍ଟେବଳ ଯୁବରାଜ ମେହେର ଓ ଆକାଶ ନାଏକଙ୍କ ସହିତ ସରଜେଣ୍ଟ ରାଜୀବ ଭୋସାଗର ଆହତ ହୋଇଛନ୍ତି ।



ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପୁଲିସର ବୋଲେରୋ ଚୁରମାର ହୋଇଯାଇଥିଲା । ଟିପ୍ପ ବୋଝେଇ ଟିପରଟି ରାସ୍ତାକଡକୁ ଓଲଟି ପଡିଥିଲା । ଘଟଣାସ୍ଥଳରେ ହିଁ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ଓ ପୁଲିସ୍ ସମସ୍ତଙ୍କୁ ଗାଡିରୁ ଉଦ୍ଧାର କରି ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ୫ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା ।

ସରଜେଣ୍ଟ ରାଜୀବ ଭୋସାଗର ଓ ଏପିଆର କନଷ୍ଟେବଳ ଯୁବରାଜ ମେହେରଙ୍କୁ ବରଗଡର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଏପିଆର କନଷ୍ଟେବଳ ଆକାଶ ନାଏକଙ୍କୁ ବୁର୍ଲା ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ଏହି ଖବର ଜଣାପଡିବା ପରେ ସମସ୍ତ ପୁଲିସ ବିଭାଗରେ ତଥା ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି । ଜିଲ୍ଲା ପୁଲିସର ଉଚ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହିତ ଡାକ୍ତରଖାନା ଯାଇ ଆହତମାନଙ୍କ ଅବସ୍ଥା *(ଶେଷ ପୃଷ୍ଠା ଦେଖନ୍ତୁ)*

# ୨ ଜଣଙ୍କୁ ହାତୀ ଦଳିଦେଲା

**ଦିଗପହଣ୍ଡି, ୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଲମେରିପଲ୍ଲୀରେ ୨ ଜଣଙ୍କୁ ଦଳିଦେଲା ଦନ୍ତା । ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଜଲମେରିପଲ୍ଲୀ ଗ୍ରାମର ସିମାଞ୍ଚଳ



ରାଉତଙ୍କ ସ୍ତ୍ରୀ ଉର୍ମିଳା ରାଉତ(୪୯) ଏବଂ ସ୍ୱର୍ଗତ କାଶୀନାଥ ପ୍ରଧାନଙ୍କ ପୁଅ ଗୋପୀନାଥ ପ୍ରଧାନ(୬୦) ଦନ୍ତା ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ରବିବାର ଭୋର ପ୍ରାୟ ୬ ଟାରେ ଏହି ଦୁଃଖଦ ଘଟଣା ଘଟିଛି ।

ଉଭୟେ ଗାଁ ନିକଟ ପରିବା ବଗିଚାରେ କାମ କରୁଥିବା ବେଳେ ନିକଟସ୍ଥ ଘୋଡ଼ାହାଡ଼ ନଦୀ ପଠାରୁ ହାତୀଟି ବାଡ଼ ଭିତରକୁ ଆସି ଉଭୟଙ୍କୁ ଗୋଡ଼ାଇ ଥିଲା । ପ୍ରାଣ ଭୟରେ ଉଭୟେ ଦୌଡୁଥିବା ବେଳେ ଜମିହିଡ ରାସ୍ତାରେ ଝୁଣ୍ଟି ତଳେ ପଡ଼ିଯାଇଥିଲେ । ଆଖପାଖରେ ଥିବା ଲୋକେ ପାଟି କରୁଥିଲେ ମଧ୍ୟ ପ୍ରଥମେ ହାତୀଟି ଉର୍ମିଳାଙ୍କୁ ପାଦରେ ଦଳି ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା । ପରେ ଗୋପୀନାଥଙ୍କୁ ଗୋଡ଼ାଇ ହାତୀ ତାର ଶୁଣ୍ଢରେ ଦୁଇଥର କିଛିଦୂରକୁ ଫୋପାଡି ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା ବୋଲି କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ । ଖବରପାଇ ଗଜପତି ଜିଲା ଚନ୍ଦ୍ରଗିରି ବନାଞ୍ଚଳ ରେଞ୍ଜର ରୂପକ କୁମାର ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ଏନେଇ ଏତଲା ହେବାପରେ ଦିଗପହଣ୍ଡି ପୋଲିସ ୭/୨୬ ଏବଂ ୮/୨୬ ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ । ବ୍ୟବଚ୍ଛେଦ ହେବାପରେ ମୃତଦେହ ଦୁଇଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ଗତ ପ୍ରାୟ ୧ ମାସ ହେଲା ହାତୀଟି ଗଜପତି ଜିଲା ଲଖାରୀ ହାତୀ ଅଭୟାରଣ୍ୟରୁ ଗୋଠ ଛଡ଼ା ହୋଇ ଗଜପତି ଜିଲା ତପ୍ତପାଣି ନିକଟ ଝାଟିକାବାଡ଼ ଜଙ୍ଗଲ ଦେଇ ଗଞ୍ଜାମ ଜିଲା *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଆ ଯୁବ ଚାଷୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା



**ଭୁବନେଶ୍ୱର, ୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ଯୁବ ଚାଷୀ ହିରୋଦ ପଟେଲଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା । ମନ୍ କି ବାତ୍‌ରେ ହିରୋଦଙ୍କ ଚାଷ ଶୈଳୀର ଉଦାହରଣ ଦେଇଛନ୍ତି । ସେ କହିଛନ୍ତି ଯେ, ହିରୋଦ ତାଙ୍କ ବାପା ଶିବ ଶଙ୍କର ପଟେଲଙ୍କ ଠାରୁ ପ୍ରେରଣା ପାଇ ଚାଷ କାର୍ଯ୍ୟ କରୁଛନ୍ତି । ଧାନ, କଦଳୀ, ମାଛ ଚାଷ କରି ବେଶ୍ ଲାଭବାନ୍ ହୋଇଛନ୍ତି । ହିରୋଦଙ୍କ ଚାଷ ପ୍ରଣାଳୀ ଦେଖିବାକୁ ଅନେକ ଲୋକ ଆସୁଛନ୍ତି । ତାଙ୍କ ଚାଷ ଶୈଳୀ ଶିଖିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକର ରତନପୁର ଗ୍ରାମର ଜଣେ ଯୁବ କୃଷି-ଉଦ୍ୟୋଗୀ ହେଉଛନ୍ତି ହିରୋଦ ପଟେଲ । ଆଇଟିଆଇ ପାଠପଢା ପରେ ଚାଷ କରି ଜଣେ ସଫଳ ଚାଷୀ ହୋଇଛନ୍ତି । ହିରୋଦ ତାଙ୍କର ଅଭିନବ ସମନ୍ୱିତ କୃଷି ମଡେଲ ପାଇଁ ଉଲ୍ଲେଖନୀୟ ସ୍ୱୀକୃତି ପାଇଛନ୍ତି । ୮ ଏକର ଜମିରେ ବିଭିନ୍ନ ପ୍ରକାର ଚାଷ କରୁଛନ୍ତି । ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ସେ ମାଛ, ଫଳ, ପନିପରିବା ସହ ଫୁଲ ଚାଷ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୧୩୧ ମନ କି ବାତରେ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ।

ମୋଦି କହିଛନ୍ତି ଯେ, ଓଡ଼ିଶାର ତୃଣମୂଳ ସ୍ତରର ଉଦ୍ଭାବକ ହିରୋଦ ପଟେଲ ଏକ ଅନନ୍ୟ ପ୍ରତିଭା । ପାରମ୍ପରିକ କୃଷିକୁ ଏକ ଅତ୍ୟନ୍ତ ଲାଭଦାୟକ ଏବଂ ସ୍ଥାୟୀ ଉଦ୍ୟମରେ ପରିଣତ କରିବା କ୍ଷେତ୍ରରେ ସେ ଜଣେ ଅଗ୍ରଣୀ ଚାଷୀ । ହିରୋଦ ପୋଖରୀ ଉପରେ ସିଧାସଳଖ ନିର୍ମିତ ଏକ ଟ୍ରେଲିସ୍ ସିଷ୍ଟମ୍‌ରେ ସମନ୍ୱିତ କୃଷି ତଥା ପୋଖରୀ ଉପରେ ନିର୍ମିତ ବାଉଁଶ ଗଠନ (ଟ୍ରେଲିସ୍) ଉପରେ ଲଟା ଜାତୀୟ ପନିପରିବା ଚାଷ କରିବା ସହ ପୋଖରୀରେ ମାଛ ଚାଷ କରି ଲାଭବାନ ହୋଇଛନ୍ତି । କେବଳ ସେତିକି ନୁହଁ ସେ ପୋଖରୀରେ ନୌଚାଳନା କରି ଟ୍ରେଲିସ୍‌ରେ ଝୁଲୁଥିବା ପନିପରିବା ଅମଳ କରୁଛନ୍ତି । ଏଥିପାଇଁ ସେ ନିଜର ଛୋଟ ଡଙ୍ଗା ମଧ୍ୟ ତିଆରି କରିଛନ୍ତି । ପୋଖରୀ ବାହାରେ, ସେ କଦଳୀ ଚାଷ, *(ଶେଷ ପୃଷ୍ଠା ଦେଖନ୍ତୁ)*

# ପ୍ରଦେଶ ସ୍ତରରେ ଏସ୍‌ଆଇଆର୍ କରାଇବାକୁ ଇସିଙ୍କ ଅଧିକାର ନାହିଁ

**ଚଣ୍ଡିଗଡ଼, ୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଂଗ୍ରେସ ସାଂସଦ ମନିଷ ତିୱାରୀ ରବିବାର ବିଶେଷ ଗହନ ପୁନରୀକ୍ଷଣ (ଏସଆଇଆର), ଆମେରିକା ଟାରିଫ ଓ ଭାରତ-ଆମେରିକା ବାଣିଜ୍ୟ ବୁଝାମଣାକୁ ନେଇ ଗଣମାଧ୍ୟମ ସହ ଆଲୋଚନାରେ ନିଜ ରାୟ ରଖିଛନ୍ତି ଓ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି । ମନିଷ ତିୱାରୀ କହିଛନ୍ତି ଯେ 'ପ୍ରଦେଶ ସ୍ତରରେ ଏସଆଇଆର କରାଇବାକୁ ଆଇନରେ କୌଣସି ପ୍ରାବଧାନ ନାହିଁ । ମୁଁ ସଂସଦରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲି ଓ ଦାବି କରିଥିଲି ଏହାକୁ ନେଇ ଆଇନଗତ ନିଷ୍ପତ୍ତି ହେବା ଦରକାର ।



ସମ୍ବିଧାନ ଓ ଆଇନରେ ଯେଉଁ ପ୍ରାବଧାନ ରହିଛି ସେହି ଅନୁସାରେ ନିର୍ବାଚନ ଆୟୋଗଙ୍କ ନିକଟରେ ସାରା ଦେଶରେ ଏସଆଇଆର କରାଇବାର ଅଧିକାର ଅଛି କି ନା ଏହା ସ୍ପଷ୍ଟ ହେବା ଆବଶ୍ୟକ' । ମନିଷ ତିୱାରୀ କହିଛନ୍ତି ଯେ ଯେଉଁଠି ବି ଏସଆଇଆର ହୋଇଛି ସେଠାରୁ ଏହା ସ୍ପଷ୍ଟ ରିପୋର୍ଟ ଆସିଛି ଯେ ପ୍ରକ୍ରିୟା ପାରଦର୍ଶୀ ନୁହେଁ ଓ ଟାର୍ଗେଟ କରି ଭୋଟର ଲିଷ୍ଟରୁ ଲୋକଙ୍କ ନାମ କଟାଯାଉଛି । *(ଶେଷ ପୃଷ୍ଠା ଦେଖନ୍ତୁ)*

# ନାବାଳିକା ଗଣଦୁଷ୍କର୍ମକୁ ନେଇ ରାଜ୍ୟବ୍ୟାପି ବିକ୍ଷୋଭ କରିବ ବିଜେଡି

**ଭୁବନେଶ୍ୱର, ୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ରାଜକନିକା ନାବାଳିକା ଗଣଦୁଷ୍କର୍ମ ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜେଡି । ଏହା ସହ ଏଭଳି ଘଟଣାର ବିରୋଧ କରି ଆସନ୍ତା ୨୪ ତାରିଖରେ ବିଜୁ ମହିଳା ଜନତା ଦଳ ରାଜରାସ୍ତା ଓହ୍ଲାଇବା ନେଇ ସୂଚନା ଦେଇଛି । କେବଳ ଭୁବନେଶ୍ୱରରେ ନୁହେଁ ବରଂ ସାରା ରାଜ୍ୟରେ ଏହି ସଂଘର୍ଷ ଚାଲିବ ବୋଲି ଚେତାବନୀ ଦେଇଛି ଦଳ ।




ଦଳ ଏପ୍ରସଙ୍ଗରେ ସରକାରଙ୍କୁ ଘେରିଛି, ଦଳ ପକ୍ଷରୁ କୁହାଯାଇଛି ରାଜ୍ୟରେ ସରକାର ୧୮ ମାସ ମଧ୍ୟରେ ନିଜର ବିଫଳତା ଦେଖାଇଛି । ରାଜ୍ୟରେ ମହିଳା ଅସୁରକ୍ଷିତ । ରାଜକନିକା ଏକ ଘରୋଇ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି । ସ୍କୁଲର ୪ ଶିକ୍ଷକ ଏହି ଗଣଦୁଷ୍କର୍ମରେ ସାମିଲ ଅଛନ୍ତି । ଏହି ୪ ଅଭିଯୁକ୍ତଙ୍କୁ ଗିରଫ କରିବା କେବଳ ସମାଧାନ ନୁହେଁ । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ତଦନ୍ତର ପରିସରଭୁକ୍ତ କରାଯାଉ ଏବଂ ଏହାସହ ସମସ୍ତ ଅଭିଯୁକ୍ତଙ୍କୁ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ଦାବି କରିଛି । ରାଜ୍ୟରେ ୪ ହଜାରରୁ ଊର୍ଦ୍ଧ୍ୱ ମହିଳା ବିରୋଧୀ କେସ ରେଜିଷ୍ଟର ହୋଇଛି । ଏହା ରାଜ୍ୟରେ ମହିଳା ଅସୁରକ୍ଷିତ ଥିବା ଦର୍ଶାଉଛି । ସପ୍ତମ ଶ୍ରେଣୀରେ ଛାତ୍ରୀ ଦୁଇ ବର୍ଷ ଧରି ଗଣଦୁଷ୍କର୍ମ ର ଶିକାର ହୋଇଛି । ଏଥିରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ରେଡ ଫ୍ଲାଗ କେଶ୍ ଭାବେ ନେଲା କ୍ରାଇମବ୍ରାଞ୍ଚ

**କେନ୍ଦ୍ରାପଡ଼ା, ୨୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜକନିକା ବ୍ଲକ ଓଳାଉରସ୍ଥିତ ଏକ ଘରୋଇ ଇଂରାଜୀ ମିଡିୟମ ସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ରାଜ୍ୟ ପୋଲିସ ପ୍ରଶାସନ ଗୁରୁତ୍ୱର ସହ ନେଇଛି । ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଂଚ ହାତରେ ନ୍ୟସ୍ତ କରାଯାଇଥିବାବେଳେ କ୍ରାଇମବ୍ରାଂଚ ଏହାକୁ ରେଡ ଫ୍ଲାଗ କେଶ ଭାବେ ଗ୍ରହଣ କରିଛି । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର କହିଛନ୍ତି ଯେ ଏହି ମାମଲାକୁ କ୍ରାଇମବ୍ରାଂଚର ବରିଷ୍ଠ ଅଧିକାରୀମାନେ ତଦନ୍ତ କରିବେ । କ୍ରାଇମ ଏଗେନଷ୍ଟ ଓମ୍ୟାନ (ସିଏଡବ୍ଲ୍ୟୁ) ୱିଙ୍ଗ ଏଥିରେ ସାମିଲ ହେବେ । ଏସପି ଅଥବା ଏଏସପି ଏହାର ତଦନ୍ତ ଅଧିକାରୀ ଭାବେ କାର୍ଯ୍ୟ କରିବେ । ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଅଭିଯୋଗ ପତ୍ରର ଦାଖଲ ପରଠାରୁ ୬୦ ଦିନ ମଧ୍ୟରେ ଚାର୍ଜସିଟ ଦିଆଯିବ । ସେହିପରି ନ୍ୟାୟିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ ପାଇଁ ପବ୍ଲିକ ପ୍ରୋସିକୁଟର (ପିପି) ଅଥବା ଆସିଷ୍ଟାଂଟ ପବ୍ଲିକ ପ୍ରୋସିକୁଟର (ଏପିପି) ଏଥିରେ ସାମିଲ ହେବେ । ପୋଲିସ ପୀଡିତାଙ୍କୁ ସୁରକ୍ଷା ଦେବା ସହିତ ନିୟୋଜିତ ସିଏଡବ୍ଲ୍ୟୁ ୱିଙ୍ଗ ପୀଡିତାଙ୍କର ବୟାନକୁ ଅଡିଓ ଭିଡିଓ କରିବେ । ପ୍ରତ୍ୟେକ ୧୫ ଦିନ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୨ଦିନ ବର୍ଷା !

**ଭୁବନେଶ୍ୱର, ୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର । ଏହାର ପ୍ରଭାବରେ ଓଡ଼ିଶାର କିଛି ଜିଲ୍ଲାରେ ଆସନ୍ତାକାଲିଠାରୁ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି ।

ସୁଦୃଶ ଲଘୁଚାପ କ୍ଷେତ୍ରଟି ସମୁଦ୍ର ପତନରୁ ପ୍ରାୟ ୫.୮ କି.ମି. ପର୍ଯ୍ୟନ୍ତ ବିସ୍ତାରିତ ଅଛି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଏହା ଆସନ୍ତା ୪୮ ଘଣ୍ଟାରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଆହୁରି ସକ୍ରିୟ ହେବାର ସମ୍ଭାବନା ରହିଛି ।

ଆସନ୍ତାକାଲି ୮ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି । ସେହିପରି ୨୪ ତାରିଖରେ ଯାଜପୁର, କଟକ ଓ ମୟୂରଭଞ୍ଜରେ ବିଜୁଳି, ଘଡଘଡି ସହ ବର୍ଷା ଓ ଝଟକା ପବନର ସମ୍ଭାବନା ରହିଥିବା ସେ କହିଛନ୍ତି । *(ଶେଷ ପୃଷ୍ଠା ଦେଖନ୍ତୁ)*

## ଟପ ମାଓ କମାଣ୍ଡରଙ୍କ ଆତ୍ମସମର୍ପଣ

**ହାଇଦ୍ରାବାଦ, ୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିଷିଦ୍ଧ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦ)କୁ ଝଟକା ଦେଇ ଶୀର୍ଷ କମାଣ୍ଡର ତଥା ରଣନୀତିକାର ଥିପ୍ପିରୀ ତିରୁପତି ଓରଫ ଦେବଜୀ ତେଲେଙ୍ଗାନା ପୋଲିସ ନିକଟରେ ଆତ୍ମସମର୍ପଣ କରିଦେଇଛି । ୬୨ ବର୍ଷ ବୟସ୍କ ଦେବଜୀ ତେଲେଙ୍ଗାନା ଜଗତିୟାଲ ଜିଲ୍ଲାର ବାସିନ୍ଦା ଓ ତା'ମୁଣ୍ଡ ଉପରେ ୧ କୋଟି ଟଙ୍କାର ପୁରସ୍କାର ରାଶି ଥିଲା । ମେ ୨୦୨୫ରେ ଅମ୍ବାଲା କେଶବ ରାଓ (ବାସବ ରାଜୁ)ଙ୍କ ମୃତ୍ୟୁ ପରେ ଦେବଜୀକୁ ସଙ୍ଗଠନର ସମ୍ଭାବିତ ଉତ୍ତରାଧିକାରୀ ମନେ କରାଯାଉଥିଲା ।

ଦେବଜୀ ପାର୍ଟିର ସେଣ୍ଟ୍ରାଲ କମିଟି ଓ ପଲିଟି ବ୍ୟୁରୋର ଜଣେ ମୁଖ୍ୟ ସଦସ୍ୟ ଥିଲା । ସେ ପ୍ୟୁପିଲସ୍ ଲିବରେସନ ଗୁରିଲ୍ଲା ଆର୍ମି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ତେବ ଦେବଜୀର ଆତ୍ମସମର୍ପଣ ସହିତ ସଙ୍ଗଠନର ବରିଷ୍ଠ ନେତା ମଲ୍ଲା ରାଜୀ ରେଡ୍ଡୀ ଓ ଅନ୍ୟ କେତେକ କ୍ୟାଡର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆଉ ଏକ ତେଜସ ବିମାନ ଦୁର୍ଘଟଣାଗ୍ରସ୍ତ

**ନୂଆଦିଲ୍ଲୀ, ୨୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଦୁର୍ଘଟଣାରେ ଆଉ ଏକ ହାଲୁକା ତେଜସ ଯୁଦ୍ଧ ବିମାନ ହରାଇଲା ଭାରତୀୟ ବାୟୁସେନା । ଏହି ଘଟଣା ପରେ ପୂରା ତେଜସ୍ ବିମାନ ସମୂହକୁ ନେଇ ବ୍ୟାପକ ବୈଷୟିକ ଯାଞ୍ଚ ଆରମ୍ଭ ହୋଇଛି । ସୂତ୍ର ଅନୁସାରେ, ଚଳିତ ମାସ ଆରମ୍ଭରେ ଏକ ପ୍ରମୁଖ ବାୟୁସେନାର ଘାଟିର ଅପରେସନାଲ ଏରିଆରେ ଏହି ଘଟଣା ଘଟିଥିଲା । ଲଢୁଆ ବିମାନଟି ନିୟମିତ ତାଲିମ ଉଡାଣ ଭରୁଥିବା ବେଳେ କ୍ରାସ୍ ହୋଇଥିଲା । ତେବେ କୌଣସି ଯାନ୍ତ୍ରୀକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି । ବିମାନଟିର ଏୟାରଫ୍ରେମ୍ ଗୁରୁତର କ୍ଷତି ହୋଇଛି ଏବଂ ଏହା ନଷ୍ଟ ହୋଇପାରେ । ତଥାପି, ପାଇଲଟ୍ ସୁରକ୍ଷିତ ଭାବରେ ବାହାରକୁ ବାହାରି ଆସିଲେ ଏବଂ ତାଙ୍କୁ କୌଣସି ଗୁରୁତର ଆଘାତ ଲାଗି ନ ଥିଲା । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତୀୟ ବାୟୁସେନାରେ ସାମିଲ ହେବା ପରଠାରୁ ଏହା ତୃତୀୟ ତେଜସ୍ ବିମାନ ଦୁର୍ଘଟଣା ।

# ତିନି ଆତଙ୍କବାଦୀ ନିହତ

**ନୂଆଦିଲ୍ଲୀ, ୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁରକ୍ଷାବାହିନୀଙ୍କୁ ବଡ଼ ସଫଳତା ମିଳିଛି । ଜମ୍ମୁ-କାଶ୍ମୀରର କିସ୍ତୱାଡ ଜିଲ୍ଲାର ଏକ ଦୂର ଦୂରାନ୍ତ ଅଞ୍ଚଳରେ ରବିବାର ସୁରକ୍ଷାବାହିନୀ ସହ ଏନକାଉଣ୍ଟରରେ ପାକିସ୍ତାନର ଜୈଶ-ଏ-ମହମ୍ମଦ ସହ ସଂପୃକ୍ତି ଦୁଇ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି । ସେନାର ସୂଚନା ଅନୁସାରେ, ଆତଙ୍କବାଦୀ ଚଟରୁ ବେଲ୍ଟର ପାସେରକୁଟ ଅଞ୍ଚଳରେ 'ତ୍ରାଶି-୧' ଅପରେସନ ବେଳେ ନିପାତ ହୋଇଛନ୍ତି ଏବଂ ତାଙ୍କ ପାଖରୁ ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦା ଜବତ କରାଯାଇଛି, ଯେଉଁଥିରେ ଦୁଇ ଏକେ-୪୭ ରାଇଫଲ ମଧ୍ୟ ସାମିଲ ଅଛି ।

ଜମ୍ମୁ-କାଶ୍ମୀର ପୁଲିସ, ଆଇବି (ଇଣ୍ଟେଲିଜେନ୍ସ ବ୍ୟୁରୋ) ଓ ନିଜର ଇଣ୍ଟେଲିଜେନ୍ସ ସୋର୍ସରୁ ମିଳିଥିବା ଭରସାଯୋଗ୍ୟ ଇଣ୍ଟେଲିଜେନ୍ସ ଇନପୁଟ ଆଧାରରେ, କିସ୍ତୱାଡ ଅଞ୍ଚଳରେ ଅପରେସନ 'ତ୍ରାଶୀ-୧' ଅନୁସାରେ ଏକ ସୁଚିନ୍ତିତ ମିଳିତ ଅପରେସନ ଆରମ୍ଭ କରାଯାଇଥିଲା । ଯାହାକି ଅଞ୍ଚଳରେ ଆକ୍ଟିଭ୍ ଆତଙ୍କବାଦୀଙ୍କୁ ଟ୍ରାକ୍ ଓ ନ୍ୟୁଟ୍ରଲାଇଜ୍ କରାଯାଇ ପାରିବ । ସେନାର ହ୍ୱାଇଟ୍ ନାଇଟ୍ କୋର୍ ଏକ୍ସରେ ଏକ ପୋଷ୍ଟରେ କହିଛି- ପ୍ରଥମେ ହୋଇଥିବା ସଫଳ କଣ୍ଟାକ୍ଟ ପରେ, ସିଆଇଏଫ୍ (କାଉଣ୍ଟର- ଇଣ୍ଟେଲିଜେନ୍ସ ଫୋର୍ସ) ଡେଲ୍ଟାର ପୁଲିସ ଓ ସିଆରପିଏଫ୍ ସହ ମିଶି ଆଜି ସକାଳେ ପାଖାପାଖି ୧୧ଟା ସମୟରେ ମୁସ୍କିଲ ଅଞ୍ଚଳରେ ଆତଙ୍କବାଦୀ ସହ ମୁହାଁମୁହିଁ ହୋଇ ଥିଲେ । ସେନାର କହିବାନୁସାରେ, ଟାକ୍ଟିକାଲ ସଠିକତା, ନିର୍ବିଘ୍ନ ସମନ୍ୱୟ ଓ ଦୃଢ *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାଜ୍ୟସଭା ଭୋଟ: ଆଶାୟୀଙ୍କ ତାଲିକା ଲମ୍ବୁଛି

**ଭୁବନେଶ୍ୱର, ୨୨।୨**
**ତଥ୍ୟ**

ରାଜ୍ୟସଭା ନିର୍ବାଚନ ପାଇଁ କାର୍ଯ୍ୟ ନିର୍ଘଣ୍ଟ ଘୋଷଣା ସରିଥିବାବେଳେ ବିଜେପି ଓ ବିଜେଡିରେ ଆଶାୟୀମାନଙ୍କ ତାଲିକା ଲମ୍ବିବାରେ ଲାଗିଛି । ଓଡିଶାର ଯେଉଁ ୪ଟି ରାଜ୍ୟସଭା ଆସନ ଖାଲି ହେଉଛି ସେସବୁ ଆଗକୁ ବିଜେଡି କବଜାରେ ଥିଲା । ଏଥିରୁ ଦୁଇ ଜଣ ବିଜେଡି ସାଂସଦ ଇସ୍ତଫା ଦେଇ ପୁର୍ନବାର ବିଜେପି ଟିକଟରେ ନିର୍ବାଚିତ ହୋଇଛନ୍ତି । ଏପରିପ୍ରେକ୍ଷୀରେ ବିଜେଡି ଛାଡି ବିଜେପି ହାତ ଧରିଥିବା



ମୟୁରଭଞ୍ଜ ଜିଲ୍ଲାର ଶ୍ରୀମତୀ ମମତା ମହାନ୍ତ ଓ କଳାହାଣ୍ଡି ଜିଲ୍ଲାର ଶ୍ରୀ ସୁଜିତ କୁମାରଙ୍କୁ ବିଜେପି ଏଥର ପ୍ରାର୍ଥୀ କରିବ କି ନାହିଁ ସେଥିନେଇ ଛକାପଞ୍ଝା ଚାଲିଛି ।

ସେହିଭଳି ବିଜେଡି ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ ଓ ନିରଞ୍ଜନ ବିଶିଙ୍କ ଭିତରୁ ଦଳ କାହାକୁ ଟିକଟ ଦେବ କି ଅନ୍ୟ ନୂଆ ଚେହେରାଙ୍କୁ ନିର୍ବାଚନରେ ଅବତୀର୍ଣ୍ଣ କରାଇବ ସେଥିନେଇ ବି କଳ୍ପନା ଜଳ୍ପନା ଚାଲିଛି । ନିର୍ବାଚନ ଜିଣିପାରିନଥିବା ଓ ପ୍ରତିଦ୍ୱନ୍ଦିତାରୁ ଦୂରରେ ରହି ଦଳପାଇଁ କାମ କରିଥିବା ବହୁ ବିଜେଡି ନେତାଙ୍କର ବି ରାଜ୍ୟସଭାକୁ ଯିବାକୁ ଇଚ୍ଛା । ସେହିପରି ବିଜେପିର ବହୁ ନେତା ମଧ୍ୟ ରାଜ୍ୟସଭା ଲାଗି ବିଭିନ୍ନ ସ୍ତରରେ ଲବି ଚଳାଉଥିବାବେଳେ ପୁଣି ଜଣେ ଅଣଓଡିଆ ଯେ ଓଡିଶାରୁ ପ୍ରାର୍ଥୀ ନହେବେ ତାହା ଉପରେ କେହି ଗ୍ୟାରେଣ୍ଟି ଦେଇପାରୁ ନାହାନ୍ତି ।

ଏଠାରେ ଉଲ୍ଲେଖନୀୟ ଯେ ବିଧାନସଭାରେ ଏବେ ବିଜେପିର ୭୯, ବିଜେଡିର ୫୦ ଓ କଂଗ୍ରେସର ୧୪ଜଣ ସଦସ୍ୟ ଅଛନ୍ତି । ଏହାଛଡା ୩ଜଣ ସ୍ୱାଧୀନ ବିଧାୟକ ଓ ସିପିଏମର ଜଣେ ବିଧାୟକ ମଧ୍ୟ ରହିଛନ୍ତି । ସଂଖ୍ୟାଗଣିତ ଦୃଷ୍ଟିରୁ ଯଦି କ୍ରସ ଭୋଟିଂ ନହୁଏ ତେବେ ସହଜରେ ବିଜେପି ଦୁଇଟି ଓ ବିଜେଡି ଗୋଟିଏ ଆସନ ନିର୍ବିଘ୍ନରେ ଅକ୍ତିଆର କରିପାରିବ ।

କଂଗ୍ରେସର ମାତ୍ର ୧୪ଜଣ ବିଧାୟକ ଥିବାରୁ ଏହି ଦଳ ନିଜସ୍ୱ ଶକ୍ତିରେ ଗୋଟିଏ ବି ଆସନ ଜିଣିପାରିବ ନାହିଁ । ଏହା ସତ୍ତ୍ୱେ ବି କ୍ରସ ଭୋଟିଂ ଏଡାଇବା ପାଇଁ କଂଗ୍ରେସ ଦଳ ପ୍ରାର୍ଥୀ ଦେଇ ନିଜ ଭୋଟକୁ ସୁରକ୍ଷିତ ରଖିବା ଲାଗି ଚାହୁଁଛି । କଂଗ୍ରେସ ପ୍ରାର୍ଥୀ ନଦେଲେ ଦଳର ବିଧାୟକମାନେ ନିର୍ବାଚନରୁ ଦୂରରେ ରହିବେ କି ଚତୁର୍ଥ ଆସନ ପାଇଁ ବିଜେପି କିମ୍ବା ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ ଦେଲେ ବିଶେଷ କ୍ଷତି ହୋଇପାରେ ।

ଅନ୍ୟ ପକ୍ଷରେ ଯଦି ବିଜେପି ଚତୁର୍ଥ ଆସନ ପାଇଁ କିମ୍ବା ବିଜେଡି ଉକ୍ତ ଆସନ ଲାଗି ପ୍ରାର୍ଥୀ ଛିଡା କରନ୍ତି ତାହା ମଧ୍ୟ ଏହି ଦୁଇ ଦଳର ପତିଆରା ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିବ । ଏ କ୍ଷେତ୍ରରେ କଂଗ୍ରେସ, ସିପିଏମ୍ ଓ ସ୍ୱାଧୀନ ବିଧାୟକମାନଙ୍କର ନିର୍ଣ୍ଣାୟକ ଭୂମିକା ରହିବ । ବିଜେଡିର ୫୦ଜଣ ବିଧାୟକଙ୍କ ଭିତରୁ ଦୁଇଜଣଙ୍କୁ ନିଲମ୍ବନ କରାଯାଇଥିବାରୁ ସେମାନଙ୍କ ଉପରେ ବି ଅନ୍ୟମାନଙ୍କର ନଜର ରହିଛି ।

ଅତୀତରେ ଶାସକଦଳ ଏଭଳି ରିସ୍କ ନେଇ ଲୋକହସା ହେବାର ଅନେକ ନଜିର ରହିଛି । ତେବେ ଗୋଟିଏ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୩ ଫେବୃଆରୀ ୨୦୨୬ । ସୋମବାର




## ଲୁଟେରା ଗିରଫ: ଲୁଟ୍ ଅଳଙ୍କାର ଉଦ୍ଧାର

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଘରକୁ ଫେରୁଥିଲା ବେଳେ ସୁନା ଦୋକାନୀଙ୍କ ଠାରୁ ଲୁଟ ଘଟଣାରେ ଭଦ୍ରକ ଟାଉନ ପୋଲିସକୁ ମିଳିଛି ବଡ ସଫଳତା। ଛିଣ୍ଡାଇ କରି ଲୁଟି ନେଇ ଥିବା ସୁନା ଓ ରୁପା ଅଳଙ୍କାର ଉଦ୍ଧାର। ଦୁଇ ଲୁଟେରା ଗିରଫ। ଗିରଫ ଦୁଇ ଲୁଟେରା ହେଲେ ଯାଜପୁର ଜିଲ୍ଲା କୋରେଇ ଥାନା ଅଞ୍ଚଳର କେ ଦୁଲାଲ ଏବଂ ବିକ୍ରମ ଦାସ। ଏହି ଦୁହି ଜଣ ଲୁଟେରା ଗତ ଜାନୁଆରୀ ମାସ ୧୭ ତାରିଖ ରାତିରେ ଭଦ୍ରକ ଟାଉନ ଥାନା ଅଧିନସ୍ଥ ମଠ ସାହି ଠାରୁ ଜଣେ ସୁନା ବ୍ୟବସାୟୀଙ୍କ ଠାରୁ ସୁନା ଓ ରୁପା ଥିବା ବେଗକୁ ଛିଣ୍ଡାଇ କରି ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ସୁନା ବ୍ୟବସାୟୀ ସିନ୍ଧୁ ସାହା ଭଦ୍ରକ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଆରମ୍ଭ କରିଥିଲା। ଶେଷରେ ଏହି ଛିଣ୍ଡାଇ ଘଟଣାରେ କେ ଦୁଲାଲ ଏବଂ ବିକ୍ରମ ଦାସ ସମ୍ପୃକ୍ତ ଥିବା ଜାଣି ତାଙ୍କୁ ଶନିବାର ରାତିରେ ଯାଜପୁର ଜିଲ୍ଲା କୋରେଇ ଥାନା ପୂର୍ବ କୋର୍ଟ ଅଞ୍ଚଳରୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୩୭୯ ଗ୍ରାମର ରୁପା ଅଳଙ୍କାର ଏବଂ ୧୭ ଗ୍ରାମର ସୁନା ଅଳଙ୍କାର ଜବତ ସହିତ ଗୋଟିଏ ପଲସର ଗାଡିକୁ ମଧ୍ୟ ଜବତ କରିଛନ୍ତି। ତେବେ ଏହି ଦୁଇ ଜଣ ବିଭିନ୍ନ ଲୁଟ୍‌ରେ ସମ୍ପୃକ୍ତ ଥିବାରୁ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଥିବା ଅତିରିକ୍ତ ଏସପି ଅରୂପ ଅଭିଷେକ ବେହେରା କହିଛନ୍ତି। ତେବେ ଲୁଟ୍ ସୁନା ଓ ରୁପା ଅଳଙ୍କାର ଉଦ୍ଧାର ହୋଇ ପାରି ଥିବାରୁ ବ୍ୟବସାୟୀ ସିନ୍ଧୁ ସାହା ଖୁସି ବ୍ୟକ୍ତ କରିଛନ୍ତି ।

### ସାନଭାଇର ବାହାଘର ସାରି ଫେରୁଥିଲେ

## ଦୁର୍ଘଟଣାରେ ବଡ଼ଭାଇର ପ୍ରାଣହାନୀ

**ରେଢ଼ାଖୋଲ: ଏକ୍ସପ୍ରେସ ନ୍ୟୁଜ୍**

ସାନଭାଇ ବାହାଘର ବାରାତି ସାରି ଫେରିବା ବାଟରେ ସଡ଼କ ଦୁର୍ଘଟଣାରେ ବଡ଼ଭାଇ ମୃତ୍ୟୁ, ଜଣେ ଗୁରୁତର ଆହତ, ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳିଗଡ ଗ୍ରାମ ପଞ୍ଚାୟତ ଅଧୀନ ସୁଦମୁଣ୍ଡା ଗ୍ରାମ ଛକ ନିକଟରେ। ଶନିବାର ସନ୍ଧ୍ୟା ସମୟରେ ବାଇକ ଦୁର୍ଘଟଣାରେ ଜଣେ ମୃତ ଜଣେ ଗୁରୁତର ଆହତ। ମୃତ ଜଣଙ୍କ ହେଲେ ଚାରମାଳ ଥାନା ଅଧୀନ ଭରତାପୁର ଗ୍ରାମର ବାସିନ୍ଦା ପ୍ରଦୀପ ସାହୁ



ଏବଂ ଗୁରୁତର ଆହତ ଜଣଙ୍କ ସୁଶାନ୍ତ ପ୍ରଧାନ। ସୂଚନା ଯୋଗ୍ୟ ଯେ ଭାଇ ବାହାଘର ରୋଷଣୀ ସାରି ପ୍ରଦୀପ ଏକ ବାଇକ ଯୋଗେ ଘରକୁ ଫେରିବା ବାଟରେ ସୁଦମୁଣ୍ଡା ଗ୍ରାମ ଛକ ନିକଟ ରାସ୍ତା କଡ ଏକ ବିଜୁଳି ଖୁଣ୍ଟରେ ବାଇକ ଭାରସାମ୍ୟ ହରାଇ ପିଟି ହୋଇଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିବା ବେଳେ ସୁଶାନ୍ତ ଅଧିକ ଗୁରୁତର ଆହତ ଥିବାରୁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ସେପଟେ ଘଟଣାସ୍ଥଳରେ ରେଢ଼ାଖୋଲ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବଳାତ୍କାରୀ ଭିନ୍ନକ୍ଷମ ଯୁବତୀଙ୍କୁ ବି ଛାଡିଲେନି

**ଦେବଗଡ: ଏକ୍ସପ୍ରେସ ନ୍ୟୁଜ୍**

ଦେବଗଡ଼ ଥାନାଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳପୂର୍ବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ତେବେ ଦେବଗଡ ଥାନା ପୋଲିସ ଶନିବାର ଜଣେ ବିବାହିତ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଗତ ୧୮ ତାରିଖ ଦିନ ଯୁବତୀଙ୍କ ପରିବାର ଲୋକେ ଘରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ ପ୍ରଭାଶୁଣି ଗ୍ରାମର ଶଶୀ କିଷାନ (୪୫) ଭିନ୍ନକ୍ଷମ ଯୁବତୀଙ୍କ ଘରେ ପଶି ବଳ ପୂର୍ବକ ବଳାତ୍କାର କରିଥିଲେ। ଏହି ସମୟରେ ପରିବାର ଲୋକେ ଘରେ ପହଞ୍ଚିବାରୁ ଶଶୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ପୀଡିତା ଯୁବତୀଙ୍କ ମା' ଶୁକ୍ରବାର ସନ୍ଧ୍ୟାରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାରୁ ଦେବଗଡ଼ ଥାନା ପୋଲିସ ବଳାତ୍କାରୀଙ୍କ ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଶଶୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସ୍କୁଟି ଡିକି ଭାଙ୍ଗି ଟଙ୍କା ଲୁଟ୍

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**




ଖୋର୍ଦ୍ଧା ସହରରେ ମାତିଛନ୍ତି ଲୁଟେରା। ଏହି ଲୁଟେରାମାନେ ବ୍ୟାଙ୍କ୍ ପରିସରରେ ବୁଲୁଛନ୍ତି। ଏହି ଗ୍ୟାଙ୍ଗରେ ଏକାଧିକ ଲୁଟେରା ସାମିଲ ଅଛନ୍ତି। ବ୍ୟାଙ୍କରୁ ଟଙ୍କା ଉଠାଇ ସ୍କୁଟି, ବାଇକ୍ କିମ୍ବା କାର ରଖିଲା ପରେ ଏମାନେ ଟାର୍ଗେଟ କରି ଲୁଟ କରୁଛନ୍ତି। ଏମିତି ଏକ ଘଟଣା ଘଟିଛି ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଷ୍ଟେଟ ବ୍ୟାଙ୍କ ପରିସରରେ। ଲୁଟ୍ ବେଳର ଘଟଣା ସିସିଟିଭିରେ ସ୍ପଷ୍ଟ ଭାବେ ଦେଖାଯାଉଛି। ମୁକୁନ୍ଦ ପ୍ରସାଦ ଅଞ୍ଚଳର ମହମ୍ମଦ ଅସରଫ ଷ୍ଟେଟ ବ୍ୟାଙ୍କରୁ ୪୦ହଜାର ଟଙ୍କା ଆଣି ଏକ ଧଳା ସ୍କୁଟିରେ ରଖିଥିଲେ। ପୁନର୍ବାର କୌଣସି କାମରେ ବ୍ୟାଙ୍କ୍ ଯାଇଥିଲେ। ଆସିକି ଦେଖିଲାବେଳକୁ ସ୍କୁଟି ଡିକି ଭାଙ୍ଗି ଟଙ୍କା ଲୁଟ୍ ହୋଇଯାଇଛି। ସ୍କୁଟି ଡିକି ଭାଙ୍ଗି ଲୁଟି ନେଲେ ଲୁଟେରା। ଆଖି ଆଗରେ ଲୁଟ୍ ହୋଇଗଲା ୪୦ହଜାର ଟଙ୍କା। ଲୁଟ୍ ବେଳର ସିସିଟିଭି ଦୃଶ୍ୟରେ ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ଏହି ଲୁଟ୍ ଜଣାପଡୁଛି। ଲୁଟ୍‌ର ଶିକାର ହୋଇଥିବା ମହମ୍ମଦ ଅସରଫ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ମଧ୍ୟ ସେ ସହଯୋଗ କରିନଥିଲେ। ବ୍ୟାଙ୍କରୁ ନିରାଶ ହୋଇ ମହମ୍ମଦ ଅସରଫ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରି ଲୁଟ୍‌ର ସତ୍ୟାସତ୍ୟ ଜାଣିଥିଲେ। ତିନିଜଣ ଲୁଟେରା ଆସି ସର୍ବ ସମ୍ମୁଖରେ ଧଳା ସ୍କୁଟିରୁ ଡିକି ଭାଙ୍ଗି ଟଙ୍କା ନେଇ ଆଖି ପିଛୁଳାକେ ପଳେଇଲେ। ଅଭିଯୋଗ ପାଇ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ହେଲେ କେହି ଧରା ପଡ଼ିନାହାନ୍ତି। ସହରରେ ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ଲୁଟେରାମାନେ ବିଭିନ୍ନ ସ୍ଥାନରେ ରହି ଗ୍ରାହକଙ୍କୁ ଶିକାର କରୁଛନ୍ତି। ବାଇକ୍, ଟଙ୍କା, ସୁନା ଚେନ ଲୁଟ୍ ହେବାର ଅଭିଯୋଗ ହେଉଛି। ଏଥିପ୍ରତି ପୋଲିସ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ନକଲି ବିଦେଶୀ ମଦ ଜବତ

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**




ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ବାଛୁରୀପଡା ଗ୍ରାମରେ ଶନିବାର ବିପୁଳ ପରିମାଣର ଚୋରା ବିଦେଶୀ ମଦ ବିକ୍ରି ଚାଲିଥିବାର ଖବର ପାଇ ବୈଶିଙ୍ଗା ପୋଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଥିଲା। ତେବେ ୭୨ ବର୍ଷୀୟ ହରିହର ସାହୁଙ୍କ ଘରେ ତଲାସୀ ସମୟରେ ବିଭିନ୍ନ କମ୍ପାନୀର ୨୪ ଲିଟର ୭୦୦ ମିଲିମିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ଏହାକୁ ନେଇ ଏସଆଇ ଇତିଶ୍ରୀ ସାହୁଙ୍କ ଅଭିଯୋଗ କ୍ରମେ ୮୨ ନଂରେ ଏକ ମାମଲା ରୁଜୁ କରାଯାଇଛି। ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହୋଇପଡିବା ଯୋଗୁଁ ଅଭିଯୁକ୍ତଙ୍କୁ ନୋଟିସ ଜାରି କରାଯାଇ ଥାନାରୁ ଛଡ଼ା ଯାଇଛି।

## ୱାର୍ଡମେମ୍ବରଙ୍କୁ ଛୁରାମାଡ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସନ୍ଧ୍ୟାରେ ଖୋର୍ଦ୍ଧା ସଦର ଥାନା ଆଦର୍ଶ ବିଦ୍ୟାଳୟ ନିକଟ ଅନନ୍ତ ବରଛକଠାରେ ବ୍ରହ୍ମପୁରା ଗାଁର ୱାର୍ଡମେମ୍ବର ନବ ଜେନାଙ୍କୁ ଛୁରାମାଡ ହୋଇଛି। ସ୍ଥାନୀୟ ଅଞ୍ଚଳର ମୁନା ଜେନା ନାମକ ଜଣେ ଯୁବକ ଏ କାଣ୍ଡ ଭିଆଇଥିବା କୁହାଯାଉଛି। ଏହି ଛୁରାମାଡରେ ନବ ଜେନାଙ୍କର ମୁଣ୍ଡ, ହାତ ଓ ପିଠିରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି। ଖବର ପାଇ ଖୋର୍ଦ୍ଧା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହି ଛୁରା ମାଡ ପଛରେ ଖଣି କାରବାର ଅନ୍ୟତମ କାରଣ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

## ହତ୍ୟା ଘଟଣାରେ ୩ ଅଭିଯୁକ୍ତ ଜେଲଗଲେ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଛତ୍ରପୁର ଥାନା ଅନ୍ତର୍ଗତ ରିକାପଲ୍ଲୀ ଗେଟ ନିକଟରେ ଅରୁଗୁଣୀ ଗ୍ରାମର ଆର.ରାଜା ରାଓ (୨୮) ନାମକ ଯୁବକଙ୍କୁ ସଂଘବୋଧ ଭାବେ ହତ୍ୟା ଘଟଣାର ପର୍ଦ୍ଦାଫାଶ କଲା ପୋଲିସ। ମାମଲା ରୁଜୁର ୨୪ ଘଣ୍ଟା ନ ପୂରଣୁ ୩ ଅଭିଯୁକ୍ତଙ୍କୁ ଧରି ଜେଲ ପଠାଇଲା ଛତ୍ରପୁର ପୋଲିସ। ପୋଲିସ ସେମାନଙ୍କ ଠାରୁ ମୋବାଇଲ, ଖଣ୍ଡା ଓ ୨ ଠେଙ୍ଗା ସହ ବିଭିନ୍ନ ସାମଗ୍ରୀ ଜବତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା କରାଯାଇଥିବା ନେଇ ଛତ୍ରପୁର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଛତ୍ରପୁର ଏସଡ଼ିପିଓ ଚନ୍ଦନ କୁମାର ଘଡ଼ାଇ ଓ ଥାନା ଅଧିକାରୀ ସାବ୍ୟସାଚି ମଲ୍ଲ। ଅଭିଯୁକ୍ତମାନେ ହେଲେ ଛତ୍ରପୁର ସହରର ଦେବୀନଗର ସାହିର ଚନ୍ଦନ ରାଉତ (୨୭) ଓ ତାଙ୍କ ଭାଇ ସୁନୀଲ ରାଉତ (୨୨) ଏବଂ ସହଯୋଗୀ ବ୍ୟାରେକ ସାହି (ଚର୍ଚ୍ଚ ରୋଡ଼) ଅଞ୍ଚଳର ଆଶିଷ ବେହେରା (୨୨) ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପୂର୍ବରୁ ମଧ ଭଲିବଲ ଖେଳ ଅନ୍ୟାନ୍ୟ କାରଣ ଯୋଗୁଁ ମୃତ ରାଜା ଏବଂ ଅଭିଯୁକ୍ତମାନଙ୍କ ମଧ୍ୟରେ ବଚସା ଏବଂ ଝଗଡା ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ମଧ୍ୟରେ ଝଗଡା ହୋଇଥିଲା ପରବର୍ତ୍ତୀ ସମୟରେ ରାଜାକୁ ସଂଘବୋଧ ଭାବେ ଖଣ୍ଡା ଓ ଠେଙ୍ଗା ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏନେଇ ମୃତ ରାଜାଙ୍କ ଭାଇ ଆର. ଶ୍ରୀକାନ୍ତ ଏତଲା ଦାୟର କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଛତ୍ରପୁର କେସ ନଂ ୭୨/୨୦୨୬ ରୁଜୁ କରିଥିଲା। ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତମାନଙ୍କୁ ଧରିବା ନିମନ୍ତେ ୨ଟି ଟିମ ଗଠନ କରାଯାଇଥିଲା। ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଟିମର ନେତୃତ୍ୱ ନେଇଥିଲେ। ଅଭିଯୁକ୍ତମାନଙ୍କୁ କଟକ ଅଞ୍ଚଳରୁ ଗିରଫ କରାଯାଇଥିଲା ବୋଲି ଏସଡ଼ିପିଓ ଶ୍ରୀ ଘଡ଼ାଇ କହିଥିଲେ। ମୃତ ଏବଂ ଅଭିଯୁକ୍ତମାନେ ମଦ୍ୟପାନ କରନ୍ତି ବୋଲି ପୋଲିସ କହିବା ସହିତ ନିଶାକାରବାରକୁ ନେଇ ଏଭଳି ଘଟଣା ହୋଇଛି ବୋଲି ସାମ୍ବାଦିକ ଗଣ ଏସଡ଼ିପିଓଙ୍କୁ ପ୍ରଶ୍ନ କରିଥିବାରୁ ପୋଲିସର ନିଶାକାରବାର ଉପରେ ତୀକ୍ଷଣ ନଜର ରଖଯାଇଛି ବୋଲି କହିଥିଲେ।

## ଜଙ୍ଗଲରୁ ଗଞ୍ଜେଇ ଜବତ

**ମୋହନା: ଏକ୍ସପ୍ରେସ ନ୍ୟୁଜ୍**

୫ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଅଡବା ଥାନା ଅନ୍ତର୍ଗତ ପିଲିପାଯୁ ଗାଁ ନିକଟସ୍ଥ ଜଙ୍ଗଲରେ। ଅଡବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ପିଲିପାଜୁ ଗାଁ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଗଚ୍ଛିତ କରି ରଖା ଯାଇଥିବା ଗଞ୍ଜେଇ ବସ୍ତାକୁ ଜବତ କରିବା ସହ ଜଣକୁ ଅଟକ ରଖିଥିଲା। ମୋହନା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରଯାଇଥିଲା ଯାହାର ପରିଣାମ ୫ କୁଇଣ୍ଟାଲ ହୋଇଥିଲା। ଏହି ଗଞ୍ଜେଇ ଅଡବା ଅଞ୍ଚଳରୁ ଗଞ୍ଜାମ ଜିଲ୍ଲାକୁ ଚୋରା ଚାଲାଣ ପାଇଁ ରଖା ଯାଇଥିବା ନେଇ ପୋଲିସ ପକ୍ଷରୁ ସୂନା ମିଳିଛି।

ଅନ୍ୟପଟେ ଅଡବା ଥାନାରେ ୪୫/୨୬ରେ ଏକ ମାମଲା ରୁଜୁ ହୋଇ ଏହି ଗଞ୍ଜେଇ ଚୋରା ଚାଲାଣରେ ସଂପୃକ୍ତ ଥିବା ଶୁଶାନ୍ତ ପାଲକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ଦର ୫୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ସାଇବର ଠକେଇର ପର୍ଦ୍ଦାଫାଶ, ୬ ଗିରଫ

**ନୂଆପଡା: ଏକ୍ସପ୍ରେସ ନ୍ୟୁଜ୍**

ନୂଆପଡା ପୋଲିସ ଏକ ବୃହତ୍ ସଂଗଠିତ ସାଇବର ଠକେଇର ପର୍ଦ୍ଦାଫାଶ କରି ପ୍ରାୟ ୩ କୋଟି ଟଙ୍କାର ଅନଲାଇନ ଆର୍ଥିକ ଠକେଇ ଘଟଣାରେ ୬ ଜଣଙ୍କୁ ଗିରଫ କରିଛି। ସିଆଇଡି- କ୍ରାଇମ୍ ବ୍ରାଞ୍ଚ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର 'ସାଇବର କବଚ' ଅଭିଯାନ ଅନ୍ତର୍ଗତ ମ୍ୟୁଲ୍ ବ୍ୟାଙ୍କ ଖାତା ମାଧ୍ୟମରେ ହେଉଥିବା ଅନଲାଇନ ଠକେଇ ବିରୋଧରେ ଏହି ବୃହତ୍ କାର୍ଯ୍ୟାନୁଷ୍ଠାନ ହୋଇଥିଲା।

ଗୃହମନ୍ତ୍ରାଳୟ ଓ ଜିଲ୍ଲା ସାଇବର ସେଲର ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ନୂଆପଡା ପୋଲିସ ଥାନା ଅଧୀନରେ ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା ସନ୍ଦେହଜନକ ଖାତାଗୁଡିକୁ ଯାଞ୍ଚ କରାଯାଇଥିଲା। ବିସ୍ତୃତ ଯାଞ୍ଚ ଓ ପ୍ରଯୁକ୍ତିକ ବିଶ୍ଳେଷଣ ପରେ ଏକ ସଂଗଠିତ ସାଇବର ଅପରାଧର ପର୍ଦ୍ଦାଫାଶ ହୋଇଥିଲା।

ନୂଆପଡା ଜିଲ୍ଲା ପୋଲିସ ଅଧିକ୍ଷକ ଅମ୍ରିତପାଲ ସିଂ କହିଛନ୍ତି ଯେ ଡିଜିଟାଲ ଇନପୁଟ୍, ବ୍ୟାଙ୍କ ଖାତା ଯାଞ୍ଚ ଓ କ୍ଷେତ୍ରସ୍ତରୀୟ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ଦୀର୍ଘ ସମୟ ତଦନ୍ତ



ପରେ ଠକେଇ ଟଙ୍କା ଉତ୍ତୋଳନ କରିବାରେ ବ୍ୟବହୃତ ମ୍ୟୁଲ୍ ଖାତା ଚାଳନା କରୁଥିବା ବ୍ୟକ୍ତିମାନଙ୍କୁ ପୋଲିସ ଚିହ୍ନଟ କରିବାରେ ସଫଳ ହୋଇଥିଲା। ମୋଟ ଠକାମୀ ରାଶି ପ୍ରାୟ ୩ କୋଟି ଟଙ୍କା ଅନୁମାନ କରାଯାଉଛି। ଚଢ଼ାଉ ସମୟରେ ଅପରାଧୀମାନଙ୍କ ପାଖରୁ ୬ଟି ମୋବାଇଲ ଫୋନ, ଲେଣଦେନ ସମ୍ବନ୍ଧୀୟ ଦଲିଲପତ୍ର, ବ୍ୟାଙ୍କ ଦଲିଲ, ଏଟିଏମ କାର୍ଡ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଗିରଫ ହୋଇଥିବା ୬ ଜଣଙ୍କ ମଧ୍ୟରୁ ୩ ଜଣ ମ୍ୟୁଲ ଖାତା ଧାରକ ଥିବାବେଳେ ଅନ୍ୟ ୩ ଜଣ ମଧ୍ୟସ୍ଥ ଭାବେ ଏହି ଠକାମୀକୁ ସହଯୋଗ କରୁଥିବା ଜଣାପଡିଛି। ଏହି ଠକାମୀରେ ଆନ୍ତରାଜ୍ୟ ଲିଙ୍କ ନେଇ ତଦନ୍ତ ଚାଲିଥିବା ବେଳେ ଅନ୍ୟ ଜଡିତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପ୍ରୟାସ ଜାରି ରହିଛି।

ଏହି ଘଟଣାରେ ନୂଆପଡା ଥାନାରେ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ଓ ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ର ସମ୍ପର୍କିତ ଧାରା ଅଧୀନରେ ମାମଲା ରୁଜୁ କରାଯାଇଛି। ଉକ୍ତ ଅଭିଯାନ ନୂଆପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିଲା। ତଦନ୍ତ ଜାରି ରହିଥିବାରୁ ଆଗାମୀ ଦିନରେ ଅଧିକ ଗିରଫ ସମ୍ଭାବନା ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ବାଣିଜ୍ୟ

## ବିଳମ୍ବ ହୋଇପାରେ ଆମେରିକା-ଭାରତ ଟ୍ରେଡ୍ ଡିଲ୍

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଆମେରିକା ଓ ଭାରତ ମଧ୍ୟରେ ବାଣିଜ୍ୟ ଡିଲ୍ ପୁଣି ଥରେ ବିଳମ୍ବ ହୋଇପାରେ। କାରଣ ଦୁଇ ଦେଶ ମଧ୍ୟରେ ୨୩ ତାରିଖରୁ ୱାଶିଂଟନରେ ବୈଠକ ହେବାର ଥିଲା। ହେଲେ ଏହି ବୈଠକ ପୁଣି ଘୁଞ୍ଚିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଫେବ୍ରୁଆରୀ ୭ ତାରିଖରେ ଦୁଇ ଦେଶ ମିଳିତ ଭାବେ ଅନ୍ତରୀଣ ବାଣିଜ୍ୟ ଡିଲ୍ ନେଇ ଘୋଷଣା କରିଥିଲେ। ୨୩ ତାରିଖରେ ହେବାକୁଥିବା ବୈଠକରେ ଏହି ଟ୍ରେଡ୍ ଡିଲ୍ ଉପରେ ଫ୍ରେମୱାର୍କ ଚୂଡାନ୍ତ ହେବାର ଥିଲା। ହେଲେ ଏହା ବିଳମ୍ବ ହୋଇପାରେ।

ଫେବୃଆରୀ ୨୩ ତାରିଖରୁ ଭାରତ ଓ ଆମେରିକୀୟ ଅଧିକାରୀମାନଙ୍କ ମଧ୍ୟରେ ଆମେରିକାରେ ଏକ ଗୁରୁତ୍ୱପୂର୍ଣ୍ଣ ତିନି ଦିନିଆ ବୈଠକ ବସିଥାନ୍ତା। ବାଣିଜ୍ୟ ମନ୍ତ୍ରଣାଳୟର ମୁଖ୍ୟ ଆଲୋଚନାକାରୀ ଦର୍ପଣ ଜୈନ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେବାର ଥିଲା। ହେଲେ ସୁପ୍ରିମକୋର୍ଟ ରାୟ ଆସିବା ଓ ଟ୍ରମ୍ପ ଅସ୍ଥାୟୀ ଭାବେ ୧୫ ପ୍ରତିଶତ ଶୁଳ୍କ ଲାଗୁ କରିବାରୁ ସ୍ଥିତି ଓଲଟପାଲଟ ହୋଇଯାଇଛି। ତେଣୁ ଏହାର ପ୍ରଭାବ ଉପରେ ଦୁଇ ଦେଶ ଅନୁଧ୍ୟାନ କରିବେ। ଏହାପରେ ଯାଇ ବୈଠକ ହେବ। ପରବର୍ତ୍ତୀ ବୈଠକ ପାରସ୍ପରିକ ସୁବିଧା ଅନୁସାରେ ପୁନଃ ନିର୍ଦ୍ଧାରଣ କରାଯିବ ବୋଲି ପିଟିଆଇରେ ଖବର ପ୍ରକାଶ ପାଇଛି।

ଶୁକ୍ରବାର ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ ଦ୍ୱାରା ବିଶ୍ୱର ବିଭିନ୍ନ ଦେଶ ଉପରେ ଲଗାଯାଇଥିବା ଶୁଳ୍କକୁ ଅବୈଧ ଘୋଷଣା କରି ଏହାକୁ ରଦ୍ଦ କରି ଦେଇଥିଲେ। ଜାତୀୟ ସୁରକ୍ଷା ଆଳରେ ଟ୍ରମ୍ପ ଏପ୍ରିଲ ୨୦୨୫ରେ ପ୍ରାୟ ୧୦୦ଟି ଦେଶ ଉପରେ ଶୁଳ୍କ ଲଗାଇବା ପାଇଁ ଆଇଇଇପିଏ ଆଇନର ବ୍ୟବହାର କରିଥିଲେ। ହେଲେ କୋର୍ଟ କହିଛନ୍ତି ଟ୍ରମ୍ପଙ୍କର ଏହି ଆଇନ ଲାଗୁ କରିବାର କୌଣସି ଅଧିକାର ନାହିଁ। କେବଳ ଦେଶର ସଂସଦମାନେ ଆମେରିକାର କଂଗ୍ରେସ ଆଇଇଇପିଏ ଲାଗୁ କରିବା ନିଷ୍ପତ୍ତି ନେଇ ପାରିବ। ଆମେରିକା ସୁପ୍ରିମକୋର୍ଟର ମୋଟ ୯ ଜଣିଆ ବିଚାରପତି ଅଛନ୍ତି। ଏଥିରେ ୬ ବିଚାରପତି ଟ୍ରମ୍ପଙ୍କ ନିଷ୍ପତ୍ତି ବିରୋଧରେ ରାୟ ଶୁଣାଇଥିବା ବେଳେ ୩ ଜଣ ଟାରିଫକୁ ସମର୍ଥନ କରିଥିଲେ। ବହୁମତ ଦୃଷ୍ଟିରୁ ରାୟ ଟ୍ରମ୍ପଙ୍କ ବିରୁଦ୍ଧରେ ଯାଇଥିଲା।

ସୁପ୍ରିମକୋର୍ଟଙ୍କ ରାୟ ପରେ ସାରା ବିଶ୍ୱରେ ଶୁଳ୍କ ୧୦ ପ୍ରତିଶତକୁ ଖସି ଆସିଥିଲା। ଭାରତ ଉପରେ ଲାଗିଥିବା ୧୮ ପ୍ରତିଶତ ସଂଶୋଧିତ ଶୁଳ୍କ ଖସିପାରେ ବୋଲି କୁହାଯାଇଥିଲା। ହେଲେ ଟ୍ରମ୍ପ କିନ୍ତୁ କହିଥିଲେ ଯେ ଭାରତ ସହ କୌଣସି ପରିବର୍ତ୍ତନ ହେବ ନାହିଁ। ତେବେ ସୁପ୍ରିମକୋର୍ଟଙ୍କ ରାୟର ୩ ଘଣ୍ଟା ପରେ ଟ୍ରମ୍ପ ଏକ ସାମ୍ବାଦିକ ସମ୍ମିଳନୀ କରି ପୁଣିଥରେ ୧୦ ପ୍ରତିଶତ ଗ୍ଲୋବାଲ ଟାରିଫ ଘୋଷଣା କରିଥିଲେ। ପରେ ଏହାକୁ ଆଉ ୫ ପ୍ରତଶତ ବୃଦ୍ଧି କରି ୧୫ ପ୍ରତିଶତ କରିଥିଲେ। ଏଭଳି ସ୍ଥିତିରେ ଦେଖି ଚାହିଁ ନିଷ୍ପତ୍ତି ନିଆଯିବ ବୋଲି ଭାରତ କହିଛି।

## ଚତୁର୍ଥ ଦିନରେ ଧାରଣା: ସମର୍ଥନ ଜଣାଇଲେ ପୂର୍ବତନ ବିଧାୟକ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

କଣ୍ଠାପଡା ବ୍ଲକ କାର୍ଯ୍ୟାଳୟ ଆଗରେ ବିଭିନ୍ନ ଗ୍ରାମ ପଞ୍ଚାୟତରେ ୧୯ ମାସ ହେବ ବ୍ଲକ ପ୍ରଶାସନ ରାଜନେତାଙ୍କ ଚାପରେ ପାତର ଅନ୍ତର ନୀତି ଅବଲମ୍ବନ କରି ଉନ୍ନତି ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ନିର୍ଦ୍ଦିଷ୍ଟ ଚାରି ପାଞ୍ଚଟି ଗ୍ରାମ ପଞ୍ଚାୟତରେ ବ୍ଲକ ପ୍ରଶାସନ କାମ କରିବାରେ ସହାୟତା କରୁଥିବା ବେଳେ ଅନ୍ୟ ପଞ୍ଚାୟତ ପ୍ରତି ଅଣଦେଖା କରୁଥିବା ନେଇ ଲୋକ ପ୍ରତିନିଧିମାନେ ୪ ଦିନ ହେଲା ଧାରଣାରେ ବସିଛନ୍ତି। ରାଜନେତାଙ୍କ ଚାପରେ ଏ ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନାହାନ୍ତି। ଧାରଣାସ୍ଥଳରେ ଲୋକ ପ୍ରତିନିଧିମାନେ ଧାରଣା ଦେଉଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ଅଣଦେଖା କରିବାରୁ ଏବେ ଧାରଣାକୁ ପୂର୍ବତନ ବିଧାୟକ ଡ଼ ପ୍ରମୋଦ କୁମାର ମଲିକଙ୍କ ନେତୃତ୍ୱରେ ବିଜୁ ଜନତା ଦଳର କର୍ମୀମାନେ ଧାରଣାକୁ ସମର୍ଥନ କରିବେ ବୋଲି ଶ୍ରୀ ମଲିକ ଧାରଣାସ୍ଥଳରେ ପହଁଚିବେ ବୋଲି କହିଛନ୍ତି। ସେହିଭଳି ଧାରଣାସ୍ଥଳରେ ନିଆଳି ବ୍ଲକର ପୂର୍ବତନ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ ପହଞ୍ଚି ଧାରଣାକୁ ସମର୍ଥନ ଜଣାଇଲେ। ସେହିପରି ବିଭିନ୍ନ ଦଳର ରାଜନେତା, ସାଧାରଣ ଜନତା, ଧାରଣାକୁ ସମର୍ଥନ ଜଣାଇଛନ୍ତି। ରବିବାର ଛୁଟି ଥିବାରୁ ସୋମବାର ଦିନ ଠାରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସୂଚନା ଦେଇଛନ୍ତି। କଣ୍ଠାପଡା ବ୍ଲକ ବିଡ଼ିଓ ସ୍ୱପ୍ନିତା ନାୟକ



ସବୁବେଳେ ବିବାଦୀୟ ହୋଇ ରହିଥିବା ବେଳେ ଧାରଣାକୁ ବିଭିନ୍ନ ବର୍ଗର ଲୋକମାନଙ୍କ ସାମର୍ଥନ ମିଳୁଥିବାରୁ ଆଗାମୀ ଦିନରେ ଧାରଣା ଭୟଙ୍କର ଦିଗ ଆଡ଼କୁ ଗତି କରୁଥିବା ଜଣାପଡିଛି। ଏହି ଧାରଣାରେ ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ବରାଳ, ୮ ନମ୍ବର ଯୋନ ଜିଲ୍ଲା ପରିଷଦ ସଭ୍ୟ ପିୟୁଷ ରଞ୍ଜନ ମିଶ୍ର, ୯ ନମ୍ବର ଯୋନ ଜିଲ୍ଲା ପରିଷଦ ସଭ୍ୟ କ୍ରିଷ୍ଣା ରାଣୀ ବେହେରା, କଣ୍ଠାପଡା ସେବା ସମବାୟ ସମିତି ସଭାପତି ଦ୍ୱାରିକା ନାଥ ଦାସ, କଣ୍ଠାପଡା ବ୍ଲକ ସରପଞ୍ଚ ସଂଘ ସଭାପତି ସଂଜୟ ରାଉତରାୟ, ସରପଞ୍ଚ ସସ୍ମିତା ସାସେନୀ, ତୃପ୍ତି ମୟୀ ରାଉତ, କୁନି ଭୋଇ, ସୁବ୍ରତ କୁମାର ଦାସ, ମାନସୀ ମଲିକ, ସୁପ୍ରିୟା ଭୋଇ, ସୁମିତ୍ରା ପାଢ଼ୀ, ସମିତି ସଭ୍ୟ ଓ ସଭ୍ୟା ସଂଧ୍ୟା ରାଣୀ ଦାସ, ରଜନୀକାନ୍ତ ଭୋଇ, ପ୍ରିୟବ୍ରତ ବେଉରା, ସସ୍ମିତା ଚାତର, ପୁଷ୍ପାଞ୍ଜଳି ବିଶ୍ୱାଳ, ପ୍ରଶାନ୍ତ ପାଢ଼ୀ, ସୌଦାମିନୀ ରାଉତ, ସସ୍ମିତା ଦାସ, ବୁଧନାଥ ବେହେରା, ସ୍ଥାନୀୟ ଜନ ସାଧାରଣ ଓ ଲୋକ ପ୍ରତିନିଧି ଅଭିମନ୍ୟୁ ମଲିକ, ଶିତିକାନ୍ତ ପ୍ରଧାନ, ସୁବ୍ରତ କୁମାର ପାତ୍ର, ଲୋକେଶ କୁମାର ମହାପାତ୍ର, ଅଭିମନ୍ୟୁ ବେହେରା, ଦୀପକ କୁମାର ସାହୁ, ସତ୍ୟ ରଞ୍ଜନ ପାତ୍ର, ବିମାନ ବିହାରୀ ବେହେରା, ପ୍ରକାଶ ଚନ୍ଦ୍ର ବେହେରାଙ୍କ ସମେତ ୨ ଶହରୁ ଉର୍ଦ୍ଧ୍ୱ ଲୋକ ଧାରଣାରେ ସାମିଲ ହୋଇଥିଲେ।

## ଦେଶୀ ବିଜ୍ଞାପନରେ କୋରିଆ ଷ୍ଟାର୍



### ସିନେମାଫିନେମା ଟିଭିଫିଭି

ଗତ କିଛି ବର୍ଷ ହେଲା ଭାରତରେ କୋରିଆ ସଂସ୍କୃତିର ଆଦର ଦ୍ରୁତ ବଢିଛି। ସଙ୍ଗୀତରେ ବିଟିଏସ୍ ବ୍ୟାଣ୍ଡ ହେଉ ବା ୱେବ୍ ସିରିଜ୍‌ରେ ସ୍କ୍ୱିଡ୍ ଗେମ୍ସଡିମେନ୍ ହଣ୍ଟର୍ସ ଭଳି କାହାଣୀ। ଭାରତରେ କୋରିଆ ସଂସ୍କୃତି ଝଡ ସୃଷ୍ଟି କରିଛି। ନିକଟରେ ଦକ୍ଷିଣ କୋରିଆ ଗାୟକ ଆଉରା ଭାରତର ପ୍ରସିଦ୍ଧ ପଲ୍ସ କ୍ୟାଣ୍ଡି ପାଇଁ ଜିଙ୍ଗଲ୍ ଗାଇଥିଲେ, ଡ୍ୟାନ୍ସ ଚାଲେଞ୍ଜ୍ କରିଥିଲେ। ସେ ଏଭଳି ଏକ ବ୍ରାଣ୍ଡର ଚେହେରା ହେଲେ ଯାହା ଭାରତୀୟ ଷ୍ଟ୍ରିଟ୍ କଲଚର୍ ସହ ଗଭୀର ଭାବେ ଜଡିତ।

ଆଉରା ୨୦୨୩ରେ ଭାରତ ଆସିଲେ। ସ୍ଥାନୀୟ କଳାକାରଙ୍କ ସହ କାମ କଲେ। ମଥୁରାରେ 'ବୋ କିସ୍ନା ହୈ' ଗୀତ ଗାଇଲେ। ନାଗାଲାଣ୍ଡର ହର୍ନବିଲ୍ ଫେଷ୍ଟିଭାଲ୍‌ରେ ପ୍ରଦର୍ଶନ ବି କଲେ। ନିକଟରେ ସେ ଶିବ ତାଣ୍ଡବ ସ୍ତୋତ୍ରର ଏକ ନୂଆ ସଂସ୍କରଣ ବି ଗାଇଲେ, ଯାହା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେ ବିଗ୍ ବସ୍ ଓ ବାଲାଜୀ ଟେଲିଫିଲ୍ମସ ଶୋ'ରେ ମଧ୍ୟ ସାମିଲ ହୋଇଥିଲେ। ଅର୍ଥାତ୍ ଏହା କେବଳ ବ୍ରାଣ୍ଡ ଆମ୍ବାସଡର ମଡେଲ ଟ୍ରେଣ୍ଡ ନୁହେଁ, ବରଂ ସାଂସ୍କୃତିକ ମିଶ୍ରଣ ମଧ୍ୟ। ଭାରତରେ କୋରିଆନ ପପ୍ ପ୍ରସାରଣରେ ୩୬୨ ପ୍ରତିଶତ, ଅର୍ଥାତ୍ ୫ ବର୍ଷରେ ସାଢେ ତିନି ଗୁଣା ବୃଦ୍ଧି ହୋଇଛି। କୋରିଆନ୍ ଶୋ' 'ଡିମେନ୍ ହଣ୍ଟର୍ସ'କୁ ରିଲିଜ୍‌ର ମାତ୍ର ୯୧ ଦିନରେ ୨୬.୫ କୋଟି ଦର୍ଶକ ଦେଖିଛନ୍ତି। ୮୪.୫ ପ୍ରତିଶତ ଭାରତୀୟ କୋରିଆ ବିଷୟବସ୍ତୁକୁ ନେଇ ସକାରାତ୍ମକ ମନୋଭାବ ରଖନ୍ତି। ଭାରତ ଏଥିରେ ୩ୟ ସ୍ଥାନରେ ଅଛି।



କ୍ରକ୍ସ ଇଣ୍ଡିଆ ନିଜର ମନସୁନ୍ କ୍ୟାମ୍ପେନ୍‌ରେ ବଲିଉଡ୍ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ସହ କୋରିଆ ଅଭିନେତ୍ରୀ ଚେ ସୁ ବିନ୍‌ଙ୍କୁ କାଷ୍ଟ କରିଥିଲା। ୟୁଟ୍ୟୁବ୍‌ରେ ଏହାକୁ ୨ କୋଟିରୁ ଅଧିକ ଓ ଇନ୍‌ଷ୍ଟାଗ୍ରାମ୍‌ରେ ୪୧ କୋଟିରୁ ଅଧିକ ଦର୍ଶକ ଦେଖିଛନ୍ତି। କୋଲ୍‌ଗେଟ୍ ଇଣ୍ଡିଆ ନିଜର ଏସିଆ-ପାସିଫିକ୍ କ୍ୟାମ୍ପେନ୍‌ରେ କୋରିଆ ଗାୟିକା-ଅଭିନେତ୍ରୀ ଆଇୟୁଙ୍କୁ ସାମିଲ କରିଥିଲା। ୟୁଟ୍ୟୁବ୍‌ରେ ଏହାକୁ ୫.୮ କୋଟି ଦର୍ଶକ ଦେଖିଛନ୍ତି। ପଲ୍ସ କ୍ୟାଣ୍ଡି ଆଉରାଙ୍କ ସହ ଇଂରାଜୀ ଜିଙ୍ଗଲ୍ ଲଞ୍ଚ୍ କଲା। ଇନ୍‌ଷ୍ଟାଗ୍ରାମରେ ଏହାର ଦର୍ଶକଙ୍କ ସଂଖ୍ୟା ୬୭ ଲକ୍ଷରୁ ଅଧିକ। ଏହା ମାଧ୍ୟମରେ ଏକ ବ୍ରାଣ୍ଡ ପ୍ରଥମ ଥର ଜଣେ କୋରିଆ ଷ୍ଟାର୍‌ଙ୍କୁ ଦେଶୀ ଅନ୍ଦାଜ୍‌ରେ ଉପସ୍ଥାପନ କଲା। ଭାରତୀୟ ଅଭିନେତ୍ରୀ ଓ ମଡେଲ ଆନ୍ଦ୍ରିୟା କେଭିଚୁସା କୋରିଆ ପପ୍ ଗ୍ରୁପ୍ ନ୍ୟୁ ଜିନ୍ସ ସହ କୋକାକୋଲାର ଏକ ବିଜ୍ଞାପନରେ କାମ କରିଥିଲେ।

# ନିର୍ମାଣାଧିନ ବ୍ରାହ୍ମଣୀ ସେତୁ ନିମ୍ନମାନର



**,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାହ୍ମଣୀ ନଦୀ ଉପରେ ସାରଙ୍ଗପୁର ନିକଟରେ ବାଇଁଶିରିଆ ସାରଙ୍ଗପୁର ସେତୁ ନିର୍ମାଣ ଚାଲିଛି। ୧୩ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ସେତୁ ନିର୍ମାଣ କାମ ଦେଖିବାକୁ କିମ୍ବା ମାନ ତଦାରଖ କରିବାକୁ ବିଭାଗୀୟ ଅଧିକାରୀ ମଧ ରହୁନାହାଁନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ଏହି ସେତୁର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଜଣାପଡ଼ିଛି। ସେତୁ ନିର୍ମାଣରେ ଢଳାଇରେ ମୋଟା ବାଲି ବ୍ୟବହାର କରିବାକୁ ଏଷ୍ଟିମେଣ୍ଟରେ ବ୍ୟବସ୍ଥା ରଖାଯାଇ ରୁଢ଼ିଆନଦୀରୁ ବାଲି ଆଣିବାକୁ ପ୍ରାବଧାନ ଥିଲା ବେଳେ ସେହି ଅନୁସାରେ ମୂଲ୍ୟମଧ ପ୍ରଦାନ କରାଯାଇଛି। ମାତ୍ର ନିମାଣକାରୀ ସଂସ୍ଥା ନିର୍ମାଣ ଆରମ୍ଭରୁ ଅଦ୍ୟାବଧି ଗୋଟିଏ ଟ୍ରିପ୍ ରୁଢ଼ିଆର ମୋଟାବାଲି ନିର୍ମାଣସ୍ଥଳକୁ ଆଣିନଥିବା ଜଣାପଡ଼ିଛି।

ସେହି ବ୍ରାହ୍ମଣୀ ନଦୀରେ ଥିବା ଧୁଧୁ ପତଳା ବାଲିକୁ ଢଳାଇରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ବାଲିହିତ ଯେଉଁ ବଜିରି ମିଶାଯାଉଛି ତାହାମଧ ନଦୀପଠାରେ ପଡ଼ି ମାଟିଆ ଦେଖାଯାଉଛି। ସେତୁର ମୁଳଆଧାର ପିଲର ହୋଇଥିବା ବେଳେ ଏଥିରେ ପିଲର ଢଳାଇରେ ବ୍ୟବହାର କରାଯାଉଥିବା ପତଳାବାଲି ଢଳାଇକୁ କେତେ ସ୍ଥାୟୀତ୍ୱ ଦେବ ତାକୁ ନେଇ ଉଠିଛି ପ୍ରଶ୍ନ।

ଅପରପକ୍ଷରେ ଢଳାଇ ପଡୁଥିବା ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ନରହିବା ଠାରୁ ଅଧିକ ଆଶ୍ଚର୍ଯ୍ୟ କରିଛି ଯେ ପିଲର ଢଳାଇ ପଡୁଥିବାର ସୂଚନା ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ନିକଟରେ ନଥିବା। ଏସଂପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିନୋଦ ଶିଅଳଙ୍କୁ ପଚାରିବାରୁ କହନ୍ତି ଯେ ଆଜି ଢଳାଇ ପଡୁଥିବା ଖବର ତାଙ୍କ ପାଖରେ ନାହିଁ। ଢଳାଇରେ ରୁଢ଼ିଆନଦୀର ମୋଟାବାଲି ବ୍ୟବହାର କରିବାକୁ ଏଷ୍ଟିମେଣ୍ଟରେ ରଖାଯାଇଥିବା ସୂଚନା ଦେଇଥିଲା ବେଳେ ବ୍ରାହ୍ମଣୀ ନଦୀର ପତଳା ବାଲି କିପରି ବ୍ୟବହାର କରାଯାଉଛି ବୋଲି ପ୍ରଶ୍ନର ଉତ୍ତର ଦେବାକୁ ଥମଥମ ହୋଇ ପଚରି ବୁଝୁଛି ବୋଲି କହି ଫୋନ କାଟି ଦେଇଥିଲେ। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଆଜିର ରାଶିଫଳ

| ତାରିଖ | ସୋମବାର- ଷଷ୍ଠୀ |
| --- | --- |
| ୨୩.୨.୨୦୨୬ | ନକ୍ଷତ୍ର- ଦ୍ୱିଜା, ମେଷଚନ୍ଦ୍ର |



| | | |
| --- | --- | --- |
| ମେଷ | : | ଦିନଟି ଖୁସିରେ କଟିବ। |
| ବୃଷ | : | ଦିନଟି ଅଶାନ୍ତି ରହିବ |
| ମିଥୁନ | : | ବିଭିନ୍ନ ସ୍ଥାନରୁ ଅର୍ଥ ଲାଭ ହେବ। |
| କର୍କଟ | : | ଦ୍ରବ୍ୟଲାଭ ହୋଇପାରେ। |
| ସିଂହ | : | ଅସନ୍ତୋଷ ଲାଗି ରହିବ। |
| କନ୍ୟା | : | ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ତୁଳା | : | ଅର୍ଥ ଖୁସି ମିଳିପାରେ। |
| ବିଛା | : | ବିଭିନ୍ନ ସ୍ଥାନର ଲାଭ ରହିଛି। |
| ଧନୁ | : | ଦ୍ରବ୍ୟ ଲାଭ ହୋଇପାରେ। |
| ମକର | : | ଅର୍ଥାଭାବ ଲାଗି ରହିପାରେ। |
| କୁମ୍ଭ | : | ପଦୋନ୍ନତି ମିଳିପାରେ। |
| ମୀନ | : | ବ୍ୟୟ ବୃଦ୍ଧି ହେବ। |

**ପାଠାଗାର ଭାଙ୍ଗିଲା**

# ଦୁର୍ବୃତ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୂନ୍




**ଖୋର୍ଦ୍ଧା,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ପଞ୍ଚାୟତ ସମିତି ଅନ୍ତର୍ଗତ ମଲ୍ଲିପୁର ଗ୍ରାମ ପଞ୍ଚାୟତ ବିଙ୍କୁଡିଆ ଗ୍ରାମରେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଏମପି ଲାଣ୍ଡ ପାଣ୍ଠିରୁ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମାଣାଧୀନ ସାର୍ବଜନୀନ ପାଠାଗାରକୁ ଭାଙ୍ଗିବା ଘଟଣାରେ ଦୋଷୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଚିଠି ଲେଖିଛନ୍ତି। ଶ୍ରୀମତି ଷଡଙ୍ଗୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସେହି ପାଠାଗାର ନିର୍ମାଣ କରିବା ନିମନ୍ତେ ବନ୍ତଲ ଗ୍ରାମର ହେମନ୍ତ ମାନସିଂହଙ୍କୁ ଖୋର୍ଦ୍ଧା ପଞ୍ଚାୟତ ସମିତି ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୭ ଫୁଟ ଉଚ୍ଚତା ପର୍ଯ୍ୟନ୍ତ କୋଠା ନିର୍ମାଣ ପରେ କିଛି ଦୁର୍ବୃତ୍ତ ଅର୍ଦ୍ଧନିର୍ମିତ କୋଠାକୁ ଭାଙ୍ଗି ଦେଇଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସେ ଦାବି କରିଛନ୍ତି। ଠିକ ସେହିପରି ଭାବରେ ଘଟଣାଟିକୁ ଗୁରୁତ୍ୱର ଭାବରେ ନେଇ ଖୋର୍ଦ୍ଧା ମଣ୍ଡଳ ଉନ୍ନୟନ ଅଧିକାରୀ ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା -୫୪୩, ତା- ୨୦.୨.୨୦୨୬ ରିଖରେ ଘଟଣା ଟିର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖୋରଧା ଶିଳ୍ପାଞ୍ଚଳ ଥାନା ଅଧିକାରୀଙ୍କୁ ଜଣାଇଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବା ବେଳେ, ଶିଳ୍ପାଞ୍ଚଳ ପୋଲିସ ଏହି ଘଟଣା ସଂପୃକ୍ତ କୌଣସି ବ୍ୟକ୍ତିଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରିବାରେ ସଫଳ ହୋଇ ପାରିନାହିଁ। ଅଭିଯୁକ୍ତମାନଙ୍କ ପ୍ରତି ପୋଲିସ ନରମ ମନୋଭାବ ପୋଷଣ କରୁଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

# କାର୍-ବାଇକ୍ ମୁହାଁ ମୁହିଁ



**ମୁରିବାହାଲ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ୫୯ନଂ ଜାତୀୟ ରାଜପଥ ଘଣ୍ଟବାହାଲି ଏବଂ ବିଟାବନ୍ଧ ଗ୍ରାମ ନିକଟରେ କାର ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ମୁରିବାହାଲ ବ୍ଲକ ବିଟାବନ୍ଧ ପଞ୍ଚାୟତର ଘଣ୍ଟବାହାଲି ଗ୍ରାମର ପଦ୍ମ ରତେଇ (୨୧) ଏବଂ ଜିତୁ ରତେଇ (୨୪) କୌଣସି କାମରେ ଟିଟିଲାଗଡ଼ ପଟକୁ ବାଇକରେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଟାଟା ଇଣ୍ଡିଗୋ କାର (ଓଡି ୦୨ ଏଫ ୧୮୫୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା, ଫଳରେ ଦୁଇଜଣ ତଳେ ପଡିଯାଇଥିଲେ। ପଦ୍ମ ରତେଇଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଜିତୁ ରତେଇଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ ହେଁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବଲାଙ୍ଗିର ଭୀମ ଭୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। କ୍ଷତିପୂରଣ ଦାବି କରି ମୃତକଙ୍କ ପରିବାର ଲୋକେ ୫୯ନଂ ଜାତୀୟ ରାଜପଥ ଉପରେ ଶବ ରଖି ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଖବର ପାଇ ଟିଟିଲାଗଡ଼ ପୋଲିସ ଏବଂ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ ଘଟଣା ସ୍ଥଳକୁ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ରେଡକ୍ରସ ପାଣ୍ଠିରୁ କୋଡିଏ ହଜାର ଟଙ୍କା ମୃତକ ପରିବାର ଲୋକଙ୍କୁ ପ୍ରଦାନ କରିଥିଲେ। ଟିଟିଲାଗଡ଼ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଦୁର୍ଘଟଣା ପରେ କାର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ମାରିଥିଲା। ଟିଟିଲାଗଡ଼ ପୋଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ବାଲିମାଫିଆଙ୍କ ପୋଲିସକୁ ଚ୍ୟାଲେଞ୍ଜ

**ମାହାଙ୍ଗା,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଏବେ ମାହାଙ୍ଗା ଅଞ୍ଚଳରେ ବାଲି ମାଫିଆମାନେ ସକ୍ରିୟ ହୋଇ ଦିନ ଦ୍ୱିପ୍ରହରରେ ନିର୍ଭୟରେ ବେଆଇନ ବାଲି ଉଠାଣ କରି ମାଲେ ମାଲେ ହେଉଛନ୍ତି ପ୍ରକାଶ ଥାଉ କି ମାହାଙ୍ଗା ତହସିଲ ଅଞ୍ଚଳରେ ବେଧଡକଭାବେ ବେଆଇନ କାର୍ଯ୍ୟ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ତହସିଲ ପ୍ରଶାସନଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ଓ ଖଣି ବିଭାଗ ମାଫିଆମାନଙ୍କ ଦ୍ୱାରା ହେଉଥିବା ବେଆଇନ କାର୍ଯ୍ୟକୁ ଆଖିବୁଜି ଦେଇଛି। ମାହାଙ୍ଗାର କୁମୁଡାଜୟପୁର ଅଧିନ ଗେଙ୍ଗୁଟୀ ନଦୀ ବାଲିଘାଟରୁ ବେଆଇନଭାବେ ବାଲି ଉତ୍ତୋଳନ କରାଯାଇ ପ୍ରତିଦିନ ହଜାର ହଜାର ଟ୍ରିପ ବାହାର ଜିଲ୍ଲାକୁ ଚାଲାଣ କରାଯାଉଛି। ତହସିଲ, ଖଣିବିଭାଗ ଓ ପୋଲିସ ପ୍ରଶାସନ ସବୁ ଦେଖି ଜାଣି



ଆଖି ବୁଜି ଦେଇଛନ୍ତି। ବିଶେଷ କରି ମାହାଙ୍ଗା ବ୍ଲକ ଦ୍ୱିପାଞ୍ଚଳ କୁମୁଡାଜୟପୁର ଫାଣ୍ଡି ନିକଟ ସାହାପୁର ନଦୀ ଘାଟରୁ ଦିନ ଦ୍ୱିପ୍ରହରରେ ବେନାମି ନମ୍ବର ଥିବା ଟ୍ରାକ୍ଟର ଗାଡିରେ ବେଆଇନ ଭାବେ ବାଲିମାଫିଆଙ୍କ ଦ୍ୱାରା ବାଲି ଉଠାଣ କରାଯାଉଛି। ରବିବାର ସ୍ଥାନୀୟ ଅଞ୍ଚଳର ଟ୍ରାକ୍ଟର ଚାଳକ ବାଲି ବୋଝେଇ ଗାଡିକୁ ଜୟପୁର ବଜାର ଦେଇ ଯାଉଥିବାବେଳେ ଜୟପୁର ବଜାରରେ ପୋଲିସ କର୍ମଚାରୀ ସବୁ ଦେଖି କିଛି ନ କହି ଚୁପ ହୋଇ ବସିଥିଲେ। ଏହି ଗାଡିଟି କିପରି ଓ କିଏ ଚଳାଉଥିଲା ଜୟପୁର ବଜାରରେ ଥିବା ସିସି କ୍ୟାମେରାରେ ଜଣାପଡିବ। ଏହି ବାଲିଉଠାଣ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣମାନେ ପୋଲିସ, ତହସିଲ ଓ ଖଣିବିଭାଗକୁ ଜଣାଇଥିଲେ ମଧ ବାଲିମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ ହୋଇ ବସିପଡୁଛନ୍ତି। ଯାହାକୁ ନେଇ ପ୍ରଶାସନର ପାରିବାପଣିଆକୁ ନେଇ ଉଠିଛି ବଡ ପ୍ରଶ୍ନ । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ବାଲିମାଫିଆ ଓ ଗାଡି ଚାଳକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ

**ପାରାଦୀପ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପର ବଡ଼ବଡ଼ିଆ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ। ଜଳିଗଲା ୫୦ରୁ ଉର୍ଦ୍ଧ୍ୱ ପରିବା ଦୋକାନ। ପାଖାପାଖି କୋଟିଏରୁ ଅଧିକ ଟଙ୍କାର ସମ୍ପତ୍ତି ଜଳିପୋଡି ପାଉଁଶ ହୋଇଯାଇଥିବା ସୂଚନା। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଶନିବାର ରାତି ପାଖାପାଖି ୨ଟାରେ ସମସ୍ତ ପରିବା ବ୍ୟବସାୟୀ ଶୋଇଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ କେହି କିଛି ଭାବିବା ଆଗରୁ ସମଗ୍ର ପରିବା ମାର୍କେଟ ନିଆଁରେ ପୋଡି ଛାରଖାର ହୋଇଯାଇଥିଲା। ଲକ୍ଷ ଲକ୍ଷ ଟଙ୍କାର ପରିବା, ଟଙ୍କା ବାକ୍ସ, ଓଜନକଣ୍ଟା, ସାଇକେଲ, ବାଇକ, ବିଭିନ୍ନ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଛି। ଏନେଇ ଖବରପାଇ କୁଜଙ୍ଗ ଅଗ୍ନିଶମ ବିଭାଗ ସହିତ ପାରାଦୀପ ବନ୍ଦରର ଦୁଇଟି ଅଗ୍ନିଶମ ଗାଡ଼ି, ପିପିଏଲ, ଇଫକୋ ଓ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ କାରଖାନାର ମୋଟ ୬ଟି ନିଆଁଲିଭା ଗାଡି ପହଞ୍ଚି ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅକ୍ଲାନ୍ତ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ସମଗ୍ର ପାରାଦୀପବାସୀଙ୍କ ପରିବାର ଚାହିଦା ମେଣ୍ଟାଉ ଥିବା ଏହି ପରିବା ମାର୍କେଟରେ ରହିଥିବା ଅସ୍ଥାୟୀ ପିଣ୍ଡିଗୁଡିକ ବାଉଁଶ ଓ ପଲିଥିନ ପାଲରେ ତିଆରି ହୋଇଥିବାରୁ ନିଆଁ ଲାଗିବା ପରେ ଏହାକୁ ଆୟତ୍ତ କରିବା କଷ୍ଟକର ହୋଇ ପଡିଥିଲା ବୋଲି ବଣିକ ସଂଘର ସଦସ୍ୟମାନେ କହିଛନ୍ତି।

# ଝରକା ଭାଙ୍ଗି ଅଳଙ୍କାର ଚୋରି

**ଭଦ୍ରକ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାମନବିନ୍ଧା ଗ୍ରାମର ଗଙ୍ଗାଧର ସେଠୀଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଅଳଙ୍କାର, ଟଙ୍କା ଓ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶନିବାର ସକାଳେ ଗଙ୍ଗାଧର ଥାନାରେ ଏନେଇ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗରୁ ଜଣାପଡିଛି ଯେ, ଗଙ୍ଗାଧର ଓ ତାଙ୍କ ସ୍ତ୍ରୀ ରାତିରେ ଶୋଇବା ପରେ କେତେକ ଦୁର୍ବୃତ୍ତ ତାଙ୍କ ଘର ଝରକା ଗ୍ରିଲ ଭାଙ୍ଗି ଭିତରକୁ ପଶିଥିଲେ। ସେମାନେ ଏକ ଲଗେଜରେ ଥିବା ସୁନା, ରୂପା ଅଳଙ୍କାର ଓ ନଗଦ ୧୦ହଜାର ଟଙ୍କା ଚୋରି କରି ନେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି।

# ବସ୍‌ସେବା ନଥିବାରୁ ୧୫ କି.ମି ଚାଲିଲେ ଛାତ୍ରଛାତ୍ରୀ

**ହରଭଙ୍ଗା,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧ ଜିଲ୍ଲା ହରଭଙ୍ଗାବ୍ଲକ୍ ଉପାନ୍ତ ପଞ୍ଚାୟତ ତଳଗାଁକୁ ଆଜିର ଦିନରେ ମଧ୍ୟ କୌଣସି ଘୋରଇ ଯାତ୍ରା ବସ ପଞ୍ଚାୟତ ଠାରୁ ଜିଲ୍ଲାକୁ ଠିକ ସମୟରେ ଯିବା ଆସିବା କରୁ ନଥିବାରୁ ଜନସାଧାରଣ, ଛାତ୍ରଛାତ୍ରୀ ନାହିଁ ନ ଥିବାର ସମ୍ମୁଖୀନ ହେଉଛନ୍ତି। ଯାହାକି ତଳଗାଁ ପଞ୍ଚାୟତ ଗଣ୍ଡିଶ୍ୱର୍ ଠାରୁ ସକାଳ ୬ଟାରେ ଛାଡି ବୌଦ୍ଧରେ ୧୦ଟାରେ ପହଁଚ଼ି ଦିନ ୧୨ଟା ୪୫ ମିନିଟରେ ଛାଡୁ ଥିବାବେଳେ ଭାୟା ବାଣିଗୋଛାରୁ ଅପରାହ୍ନ ୩ଟାରେ ଛାଡି ଗଣ୍ଡିଶ୍ୱରରେ ୪ଟା ୩୦ ମିନିଟ ସମୟରେ ପହଁଚୁ ଥିବା ବେଳେ ତାହା ମଧ୍ୟ ରେଗୁଲାର ଯାଉ ନ ଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ପାଇଁ ବହୁ ହନ୍ତସନ୍ତ ହେଉଥିବାର ବାସ୍ତବ ଚିତ୍ର। ଯାହାକି ଥିଲା + ୨ ବୋର୍ଡ ପରୀକ୍ଷା ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବାଣିଗୋଛା ନେତାଜୀ ସୁବାସ ବୋଷ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଦିନ ଦୁଇଟାରେ ପରୀକ୍ଷା ସରିଲା ପରେ କୌଣସି ବସ, ଅଟୋ ନଥିବାରୁ ୧୨ଜଣ ଛାତ୍ରଛାତ୍ରୀ ଦୀର୍ଘ ୧୫ କିଲୋମିଟର୍ ବାଟ ଚାଲି ଚାଲି ଯାଇ ଘରେ ସନ୍ଧ୍ୟା ୬ଟାରେ ଘରେ ପହଁଚ଼ି ଥିଲେ। ଯାହାକି ଏକରେ ଗରିବ ଛାତ୍ରଛାତ୍ରୀ ହୋଇ ଥିବାରୁ ବାପା ମାଆ ଦିନକୁ ଅତିବେଶୀରେ ୨୦ ଟଙ୍କାଟି ଦେଇଥାନ୍ତି। ଏଣୁ



ସେମାନେ ଖାଇବେ ବା କ'ଣ, ଘରୁ ଯାହା ସକାଳୁ ପଖାଳ ମୁଠେ ଖାଇ ଆସିଥାନ୍ତି। ଦିନ ଦ୍ୱିପ୍ରହର ଟାଇଁ ଟାଇଁ ଖରାରେ ଦୀର୍ଘ ୧୫ କିଲୋମିଟର୍ ବାଟ ଚାଲି ଚାଲି ଘରେ ପହଁଚ଼ିବା ପରେ ଘରେ ଦିଟା ଭାତ ଖାଇଲା ପରେ ବିଶ୍ରାମ ନେବେ ନା ପାଠ ପଢ଼ିବେ। ଏଣୁ ତଳ ଗାଁରୁ ଯେଉଁ ସପ୍ନେଶ୍ୱର୍ ବସ ଯାଉଛି ତାହାକୁ କିଭଳି ରେଗୁଲାର ଯିବ ଏବଂ ବୌଦ୍ଧରୁ ଫେରିଲା ବେଳେ ବାଣିଗୋଛାରୁ ୪ଟା ୧୫ ମିନିଟରେ ଛାଡ଼ିଲେ ସ୍କୁଲ୍ କଲେଜ୍ ଛୁଟି ହୋଇଥିବ ଏବଂ ଯିବା ପାଇଁ ସୁବିଧା ହେବ। ଏଣୁ ପରିବହନ ବିଭାଗ ରାସ୍ତାରେ ଖାଲି ଗାଡ଼ି ତନଖି କଲେ ଚାଲିବ ନାହି ବରମ ଯାତ୍ରୀ ବାହି ବସ ମାଳ ମଫସଲ ଏବଂ ପଞ୍ଚାୟତ ହେଡ କ୍ୱାଟରକୁ କିଭଳି ଠିକ ସମୟରେ ପହଁଚ଼ିବ ତାହାକୁ ଟିକେ ଧ୍ୟାନ ଦେବା ଦରକାର। ପୁଣି ବ୍ଲକରୁ ଯେଉଁ ଲକ୍ଷ୍ମୀ ବସ ପଞ୍ଚାୟତ ହେଡ୍ କ୍ୱାଟରକୁ ଯାଉଛି ସେହି ବସ ମଧ୍ୟ ପଞ୍ଚାୟତ ହେଡ୍ କ୍ୱାଟରକୁ ଆସି ଫେରି ଯାଉଛି। ଯାହାକି ପଞ୍ଚାୟତର ସେଶ ସୀମାରେ ଥିବା ଗ୍ରାମମାନଙ୍କୁ ଯାଉନି ବସ ଏଣୁ ବୌଦ୍ଧ ପରିବହନ ବିଭାଗ ଏଥିପ୍ରତି ସମ୍ପୂର୍ଣ୍ଣ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ବିସ୍ଫୋରଣରେ ଦୁଇ ଯବାନ ଗୁରୁତର

**ବଣାଇଁ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାର ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲାର ସାରାଣ୍ଡା ଜଙ୍ଗଲ ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନ ସମୟରେ ପୁଣି ଲ୍ୟାଣ୍ଡ ମାଇନ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ଛୋଟାନାଗରା ଥାନା ଅନ୍ତର୍ଗତ ଚାଦ୍ରିଡେରା ଜଙ୍ଗଲରେ ୨୦୯ ନମ୍ବର କୋବ୍ରା ବାଟାଲିୟନର ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ଏକ ଆକସ୍ମିକ ବିସ୍ଫୋରଣ ଘଟିଥିଲା। ସମ୍ପୃକ୍ତ ଅଞ୍ଚଳରେ ଏକ କ୍ୟାମ୍ପ କରିବା ପାଇଁ ସ୍ଥାନ ନିରୂପଣ ନିମନ୍ତେ ଯାଇଥିବା ଏହି ଯବାନଙ୍କ ମଧ୍ୟରୁ ବିସ୍ଫୋରଣରେ ଦୁଇଜଣ ହେଡ କନେଷ୍ଟବଳ ବଲଜିନ୍ଦର ସିଂ ଓ ଦିନେଶ କୁମାର ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଏୟାର ଲିଫ୍ଟ କରାଯାଇ ରାଞ୍ଚି ଚିକିତ୍ସା ପାଇଁ ପଠା ଯାଇଥିଲା। ଏବେ ଉଭୟଙ୍କ ଅବସ୍ଥା ଠିକ ଥିବା ସୂଚନା ମିଳିଛି।

# ଜିଞ୍ଜର ଜବତ

**ବାଲେଶ୍ୱର,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ୟୁନିଟ୍ ? ପକ୍ଷରୁ ରବିବାର ଚଢ଼ାଉ କରାଯାଇଛି। ସୋର ଥାନା ଅନ୍ତର୍ଗତ ଦୟାନିଧିପୁର ନିକଟ ଖେଳପଡ଼ିଆରେ ବେଆଇନ ଭାବେ ଏକ ଭ୍ୟାନ୍ ?ରୁ ଜିଞ୍ଜର ଅନ ଲୋଡିଂ ହେଉଥିବା ଖବର ପାଇ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ୱପ୍ନାରାଣୀ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ? ଚଢ଼ାଉ କରିଥିଲେ। ୫ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର ୧ ହଜାର ଜିଞ୍ଜର ବୋତଲ (୪୫୦ ଲିଟର) ଜବତ ହୋଇଥିଲା। ଏ ସମ୍ପର୍କରେ ବିଭାଗ ପକ୍ଷରୁ କେସ୍ ? ନଂ ୪୪୦/୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଆଇଆଇସି ହରିହର ସିଂହ,ଏସ୍ ?ଆଇ ଭବେଶ ଦାସ, ଏଏସ୍ ?ଆଇ ଲମ୍ବୋଦର ମହାନ୍ତଙ୍କ ସମେତ ସୋର ଥାନା ପୋଲିସ ଏହି ଚଢ଼ାଉରେ ସାମିଲ

**ରୌଦ୍ରତାପର ପଦଧ୍ୱନୀ**

# କାମ କରୁନି ପାନୀୟ ଜଳ ପ୍ରକଳ୍ପ

**କୋଣାର୍କ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ଏନଏସି ଅଧୀନ ବିଭିନ୍ନ ୱାର୍ଡରେ ବିଶୁଦ୍ଧ ପାନୀୟ ଜଳ ପାଇଁ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଜନସାଧାରଣମାନଙ୍କୁ ଥଣ୍ଡା ବିଶୁଦ୍ଧ ପାନୀୟ ଜଳର ସୁବିଧା ଯୋଗାଇ ଦିଆଯାଉଛି। ହେଲେ ଦୁଃଖର ବିଷୟ ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ କେତେକ ମେସିନ ଅଚଳ ହୋଇପଡ଼ିଥିବା ବେଳେ ଲୋକମାନେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। କେବଳ ପ୍ରକଳ୍ପ ବସାଇ ଦେଇ ତାର ରକ୍ଷଣା ବେକ୍ଷଣ ନକରି ବାହା ବାହା ନେବା ପ୍ରୟାସକୁ ସାଧାରଣରେ ନାପସନ୍ଦ କରାଯାଇଛି। ଫେବୃଆରୀ ମାସରୁ ପ୍ରବଳ ଗରମ ହେବା ସହ ଆଗକୁ ରୌଦ୍ରତାପ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଫଳରେ ପର୍ଯ୍ୟଟକମାନଙ୍କ ସହ ସ୍ଥାନୀୟ



ଜନସାଧାରଣ ଜଳକଷ୍ଟ ଭୋଗିବାର ଆଶଙ୍କା ରହିଛି। ଦୀର୍ଘ ତିନି ଚାରି ମାସ ହେବ ମାଧିପୁର ଛକ ଠାରେ ଅବସ୍ଥିତ ସୌର ଚାଳିତ ଥଣ୍ଡା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ମେସିନ ଖରାପ ହୋଇ ପଡିଥିବା ବେଳେ ତାର ମରାମତି କେବେ ହେବ ଆଉ କିଏ କରିବ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାରୁ ଜଣାପଡେକି ଏହି ପ୍ରକଳ୍ପ ଅଧୀନରେ କୋଣାର୍କ ଏନଏସିର ବିଭିନ୍ନ ୱାର୍ଡରେ ୩୦ ଉର୍ଦ୍ଧ୍ୱ ମେସିନ ବସିଥିବା ବେଳେ ମାତ୍ର ୨/୩ ମେସିନ ସଚଳ ରହିଥିବା ବେଳେ ବାକି ଅନ୍ୟ ସବୁ ଅଚଳ ହୋଇ ପଡିଥିବା ଦେଖିବାକୁ ମିଳିଛି। ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରି ଜନସାଧାରଣମାନଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇବାକୁ ବସାଇ ଥିବା ପ୍ରକଳ୍ପ ଗୁଡ଼ିକ ରକ୍ଷଣା ବେକ୍ଷଣ ଯୋଗୁଁ ଅଚଳ ହୋଇପଡ଼ିଥିବା ବେଳେ ଦାୟିତ୍ୱରେ ଥିବା ସଂସ୍ଥା ଏହାକୁ ମରାମତି ନକରିବା ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗକୁ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପାନୀୟ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ମେସିନ ଗୁଡ଼ିକ ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦାବି ପ୍ରକାଶ ପାଇଛି।

# କାମରେ ଲାଗୁନି ଭିନ୍ନକ୍ଷମ ରାମ୍ପ: ଭକ୍ତ ନିରାଶ

**ପୁରୀ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବୟସ୍କ ଓ ଭିନ୍ନକ୍ଷମଙ୍କୁ ମନା ଶ୍ରୀମନ୍ଦିର। ଜଗତର ଠାକୁର ମହାପ୍ରଭୁ ଜଗନ୍ନାଥ ବାହୁମେଲାଇ ଭକ୍ତଙ୍କୁ କୋଳେଇ ନେବାକୁ ରତ୍ନ ସିଂହାସନରେ ବିରାଜିତ। ହେଲେ ପ୍ରଭୁଙ୍କ ପର୍ଯ୍ୟନ୍ତ ସଭିଏଁ ପହଞ୍ଚିବାକୁ ବାଟ ହୋଇଯାଇଛି ବନ୍ଦ। ଏତେ କଷ୍ଟରେ ପୁରୀ ଯାଏ ଦଉଡି ଆସିଲି। ହେଲେ ସିଂହଦ୍ୱାରରୁ ଫେରିଯାଉଛି। ଯାହା ପ୍ରଭୁଙ୍କ ଇଚ୍ଛା। ଲୁହ ଭିଜା ଆଖିରେ କୋହ ଭରା କଣ୍ଠରେ ଏଭଳି କହିଛନ୍ତି କଟକ ଭକତପଡାରୁ ଆସିଥିବା କାର୍ତ୍ତିକ ସ୍ୱାଇଁ। କାର୍ତ୍ତିକଙ୍କୁ ଏବେ ୮୬ ବର୍ଷ ବୟସ। ଶନିବାର ସେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ବୋଲି ଅନେକ ଆଶା ନେଇ ପୁରୀକୁ ଆସିଥିଲେ। ହେଲେ ଶ୍ରୀମନ୍ଦିର ଯିବାକୁ ଅସମ୍ଭାଳ ଭିଡ ଓ ବୟସ୍କଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ଦେଖି କାନ୍ଦି କାନ୍ଦି ଫେରିଗଲେ। କେବଳ କାର୍ତ୍ତିକ ନୁହେଁ ଦୈନିକ ଜଗା ଦୁଆରୁ ଏଭଳି ଶହଶହ ବୟସ୍କ ଓ ଭିନ୍ନକ୍ଷମ ଭକ୍ତ ହତାଶ ମନରେ ଫେରିଯାଉଛନ୍ତି।

ଶ୍ରୀମନ୍ଦିରକୁ ଦୈନିକ ହଜାର ହଜାର ଭକ୍ତ ଆସୁଛନ୍ତି। ପର୍ବପର୍ବାଣୀ ଓ ବିଶେଷ ଦିନରେ ଭକ୍ତଙ୍କ ସଂଖ୍ୟା ଲକ୍ଷେ ଡେଉଁଛି। ଏମାନଙ୍କ ମଧ୍ୟରେ ଅନେକ ଭିନ୍ନକ୍ଷମ ଓ ବୟସ୍କ ମଧ୍ୟ ଅଛନ୍ତି। ହେଲେ



ଶ୍ରୀମନ୍ଦିରରେ ଏହି ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବାରୁ ସେମାନେ ହତାଶ ହୋଇ ଫେରୁଛନ୍ତି। ବାହାରୁ ପତିତପାବନଙ୍କୁ ମୁଣ୍ଡିଆ ମାରି ଯିବାକୁ ବାଧ ହେଉଛନ୍ତି। ଏଭଳି ଭକ୍ତଙ୍କ ପାଇଁ ସୁଗମ ବ୍ୟବସ୍ଥା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ମଧ ଏହା କାର୍ଯ୍ୟକାରୀ କରାଯାଉନାହିଁ। ଉତ୍ତର ଦ୍ୱାର ଦେଇ ଭିନ୍ନକ୍ଷମଙ୍କ ପ୍ରବେଶ କରାଇବାକୁ ସ୍ୱତନ୍ତ୍ର ସ୍ଥାୟୀ ରାମ୍ପ ପ୍ରସ୍ତୁତ କରାଯାଇଛି। ହେଲେ ଏହି ରାମ୍ପ କୌଣସି କାମରେ ଆସୁନି। ଉତ୍ତର ଦ୍ୱାରରେ ପ୍ରସ୍ତୁତ ହୋଇଥିବା ରାମ୍ପ ଐଶାନେଶ୍ୱର ମନ୍ଦିର ପାର୍ଶ୍ୱ ଦେଇ ଆନନ୍ଦ ବଜାରରେ ବାହାରିବାର ଥିଲା। ସେଠାରୁ କୀର୍ତ୍ତନ ଚକଡା ଓ ଘଣ୍ଟି ଦ୍ୱାର ଦେଇ ଭିନ୍ନକ୍ଷମ ଓ ବୟସ୍କ ଭକ୍ତ ବାହାରକାଠ ନିକଟକୁ ଯାଇଥାନ୍ତେ।

ସେଠାରେ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତେ। ଏନେଇ ରୂପରେଖ ଶେଷ ହେବା ପରେ ଉତ୍ତରଦ୍ୱାରର ବାମପାର୍ଶ୍ୱରେ ପଥରର ସ୍ଥାୟୀ ରାମ୍ପ ପ୍ରସ୍ତୁତ ହୋଇଥିଲା। ହ୍ୱିଲ ଚେୟାରରେ ଚମଡା ଥିବାରୁ ଏହି ରାମ୍ପରେ ଚାଲିବାକୁ ସ୍ୱତନ୍ତ୍ର କାଠର ହ୍ୱିଲ ଚେୟାର ମଧ ପ୍ରସ୍ତୁତ ହୋଇଥିଲା। ଭିନ୍ନକ୍ଷମ ଭକ୍ତଟିଏ ହ୍ୱିଲ ଚେୟାରରେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପହଞ୍ଚିବା ପରେ ସେ ଏହି କାଠର ହ୍ୱିଲ ଚେୟାରରେ ବସି ମନ୍ଦିରକୁ ପ୍ରବେଶ କରୁଥିଲା। ଏଥିପାଇଁ ମନ୍ଦିର ନିକଟରେ ନିୟମିତ ସ୍ୱେଚ୍ଛାସେବୀ ରହୁଥିଲେ। ଅନେକ ସମୟରେ ପୋଲିସ ମଧ ଏଥିପାଇଁ ସହଯୋଗ କରୁଥିଲେ। ହେଲେ ମାତ୍ର କିଛି ମାସ ମଧ୍ୟରେ ଏହା ଆଉ କାର୍ଯ୍ୟକାରୀ କରାଗଲାନାହିଁ। ଏହି କାଠର ହ୍ୱିଲ ଚେୟାର ଏବେ ଖତ ଖାଉଛି।

■ ଶିକ୍ଷକମାନେ ମଦ୍ୟପାନ କରି ସ୍କୁଲ କଲେଜ ଏବଂ ବିଶ୍ୱବିଦ୍ୟାଳୟକୁ ଆସିବା ଭଳି ଖବର ନିୟମିତ ହୋଇଗଲାଣି । ଏହିଭଳି ଶିକ୍ଷକଙ୍କ ସଂଖ୍ୟା ବଢ଼ିବା ଫଳରେ ହିଁ ପୂରା ଶିକ୍ଷକ ସମାଜ ଆଜି ନିନ୍ଦିତ। ତେଣୁ ଏ ଦିଗରେ ସେଇ ଶିକ୍ଷକମାନେ ହିଁ ସ୍ୱର ଉଠାଇବା ଉଚିତ, ଯେଉଁମାନେ ଦେଶର ଭବିଷତ ଗଢ଼ିବା ଦାୟିତ୍ୱରେ ଅଛନ୍ତି।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ   ଭୁବନେଶ୍ୱର   ୨୩ ଫେବୃଆରୀ, ୨୦୨୬   ସୋମବାର

ଓଡ଼ିଶା ଏକ୍ସପ୍ରେସ୍


## କାହାକୁ କରିବେ ଭରସା ?

ଗୋଟେ ସମୟ ଥିଲା ପିଲାଙ୍କୁ ସ୍କୁଲକୁ ଛାଡ଼ିଦେଇ ବାପା-ମା ଆଶ୍ୱସ୍ତ ହେଉଥିଲେ। ଏବେ ସ୍କୁଲରେ ମଧ୍ୟ ଭୟ। ଯେଉଁମାନଙ୍କ ଭରସାରେ ବାପ-ମା ପିଲାଙ୍କୁ ସ୍କୁଲକୁ ଛାଡନ୍ତି ସେମାନେ ହିଁ ବିପଦ ସାଜୁଛନ୍ତି।

ନୈତିକ ମୂଲ୍ୟବୋଧ ଏତେ ତଳସ୍ତରକୁ ଖସି ଆସିଲାଣି ଭାବିଲେ କଷ୍ଟ ଲାଗେ। ଆଗକୁ ଆଉ କ'ଣ କ'ଣ ହେବ ଏକଥା ଭାବି ଏକ ଭୟର ଆଶଙ୍କା ଦେଖାଦେଲାଣି। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ମଧ୍ୟ ଝିଅମାନେ ସୁରକ୍ଷିତ ନୁହନ୍ତି। ଝିଅଙ୍କ ପ୍ରତି ବିପଦ ବଢ଼ୁଛି। ଅଧ୍ୟାପକଙ୍କ ଅତ୍ୟାଚାର ସହି ନପାରି ଛାତ୍ରୀ ଆତ୍ମହତ୍ୟା ଏବଂ ସ୍କୁଲରେ ନାବାଳିକା ଛାତ୍ରୀଙ୍କ ପ୍ରତି ଶିକ୍ଷକଙ୍କ ଅମାନୁସିକ ଆଚରଣ ଏବଂ ଅତ୍ୟାଚାରର ଖବର ଏତେ ସଂଖ୍ୟାରେ ପ୍ରକାଶ ପାଉଛି, ପଢିଲେ ସଚେତନ ମଣିଷର ଧର୍ଯ୍ୟଚ୍ୟୁତି ହେବା ସ୍ୱାଭାବିକ।

ଶିକ୍ଷକମାନେ ମଦ୍ୟପାନ କରି ସ୍କୁଲ କଲେଜ ଏବଂ ବିଶ୍ୱବିଦ୍ୟାଳୟକୁ ଆସିବା ଭଳି ଖବର ନିୟମିତ ହୋଇଗଲାଣି। ଏହିଭଳି ଶିକ୍ଷକଙ୍କ ସଂଖ୍ୟା ବଢ଼ିବା ଫଳରେ ହିଁ ପୂରା ଶିକ୍ଷକ ସମାଜ ଆଜି ନିନ୍ଦିତ। ତେଣୁ ଏ ଦିଗରେ ସେଇ ଶିକ୍ଷକମାନେ ହିଁ ସ୍ୱର ଉଠାଇବା ଉଚିତ, ଯେଉଁମାନେ ଦେଶର ଭବିଷତ ଗଢ଼ିବା ଦାୟିତ୍ୱରେ ଅଛନ୍ତି। ଦରମା ଏବଂ ଚାକିରି ସୁରକ୍ଷା ପାଇଁ ଯେଉଁଭଳି ଏମାନେ ବିଧାନସଭା ଆଗରେ ଧାରଣା ଦିଅନ୍ତି ଠିକ୍ ସେହିଭଳି ନୀତିଭ୍ରଷ୍ଟ ଶିକ୍ଷକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସେଇ ଶିକ୍ଷକ ସମାଜ ଆଗେଇ ଆସିବା ଦରକାର, ନହେଲେ ଦିନେ ଶିକ୍ଷକମାନେ ଯେ ସେମାନଙ୍କ ପରିଚୟ ହରାଇବେ ଏ ସମ୍ଭାବନାକୁ ଏଡେଇଦେଇ ହେଉନି।

ଅନେକ ସମୟରେ ଦେଖାଯାଇଛି ଠିକ୍ ପରୀକ୍ଷା ସମୟରେ ହିଁ ଶିକ୍ଷକମାନେ ଧାରଣା ଦିଅନ୍ତି। ପରୀକ୍ଷା ପରିଚାଳନା ବର୍ଜନ କରନ୍ତି, ଖାତା ମୂଲ୍ୟାୟନରେ ଅସହଯୋଗ କରନ୍ତି, ତେଣୁ ଏମାନେ ଯେ ଛାତ୍ରଛାତ୍ରୀଙ୍କ ପ୍ରତି ପ୍ରକୃତରେ ସଚେତନ ଏଭଳି ଏକ ଧାରଣା ଭୁଲ ପ୍ରମାଣିତ ହେବାରେ ଲାଗିଛି। ନିଜ ହକ୍ ପାଇଁ ସ୍ୱର ଉଠାଇବାର ଅଧିକାର ସେମାନଙ୍କ ରହିଛି, କିନ୍ତୁ ଏହା ପିଲାଙ୍କ ପାଠପଢାକୁ କ୍ଷତିଗ୍ରସ୍ତ କରି ଯେ ହେବା ଉଚିତ୍ ନୁହେଁ ଏକଥାକୁ ଶିକ୍ଷକମାନେ ଅନେକ ସମୟରେ ଗୁରୁତ୍ୱ ଦିଅନ୍ତି ନାହିଁ।

ସ୍କୁଲ ଛାତ୍ରୀଙ୍କୁ ଶିକ୍ଷକଙ୍କ ଗଣଦୁଷ୍କର୍ମ ଭଳି ଖବର ଆଖିରେ ପଡିଲେ ଶିକ୍ଷକଙ୍କ ପ୍ରତି ଯେଉଁ ଭକ୍ତି ଶ୍ରଦ୍ଧା ବାପା-ମାଙ୍କର ଥିଲା ତାହାଯେ ଆଉ ରହିବନି ଏକଥା ନକହିବା ଭଲ। ଶିକ୍ଷକମାନେ ସେମାନଙ୍କ ଆଚରଣରେ ସଞ୍ଜମତା ରଖିବା ଉଚିତ।

ଏତେକଥା କରିବାର ଉଦ୍ଦେଶ୍ୟ ହେଲା- ନିକଟରେ ପ୍ରକାଶିତ ଏକ ଖବର ଅନେକ ବାପା-ମାଙ୍କୁ ବ୍ୟଥିତ କରିଥିବା ନିଶ୍ଚେ, ବିଶେଷ କରି ଝିଅଙ୍କ ବାପା-ମାଙ୍କ ପାଇଁ ଏହା ଏକ ଆତଙ୍କପଦ ଖବର।

କେନ୍ଦ୍ରାପଡା ରାଜକନିକା ଅଞ୍ଚଳର ଏକ ସ୍କୁଲରେ ତିନିଜଣ ଶିକ୍ଷକ ଜଣକ ପରେ ଜଣେ ପାଳିକରି ସପ୍ତମ ଶ୍ରେଣୀରେ ପଢୁଥିବା ୧୨ ବର୍ଷର ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରିବା ଅଭିଯୋଗ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏଭଳି ବୀଭତ୍ସକାଣ୍ଡ ଘଟିଛି ରାଜକନିକା ଥାନା ଓଳାଭର ଅଞ୍ଚଳରେ ଥିବା ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ। ଏଭଳି ସ୍ୱର୍ଣକାତର ଅଭିଯୋଗ ପରେ ପୋଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଯେଉଁମାନେ ଦେଶର ଭବିଷ୍ୟତ ଗଢନ୍ତି ସେମାନେ ଯଦି ନିଜେ ଅମଣିଷ ହେବେ, ବାପା-ମା ଭରସା କରିବେ କାହାକୁ? ଏଭଳି ଘଟଣା ଆଦର୍ଶ ନୀତିନିଷ୍ଠ ଶିକ୍ଷକଙ୍କ ପରିଚୟକୁ ମଧ୍ୟ ନଷ୍ଟ କରୁଛି। ତେଣୁ ପୂରା ଶିକ୍ଷକ ସମାଜ ଏ ଦିଗରେ ସ୍ୱର ଉଠାଇବା ଦରକାର।

# ଖିଆଲି ରାଜାର ଅଦ୍ଭୁତ ପୋଷାକ

ଉମାପଦ

... ବାଜିଗଲେ ଦୋଷ ନାହିଁ

ଏବେ କ୍ଷମତାସୀନ ନେତାଙ୍କ ପାଖରେ ଚାଟୁକାରଙ୍କ ଅସମ୍ଭବ ଭିଡ଼ । କାମ ହାସଲ ପାଇଁ ଏମାନଙ୍କ ମୁହଁରେ ଅନେକ ପ୍ରକାରର ପ୍ରଶଂସା ଏବଂ ପରାମର୍ଶ । ଏହି ପ୍ରଶଂସା ଓ ପରାମର୍ଶରେ ପୋତି ହୋଇ ନେତା ଅଣନିଃଶ୍ୱାସୀ ହୋଇପଡୁଥିଲେ ହେଁ କ୍ଷମତାର ମଳୟ ପବନ ତାଙ୍କ ମନରେ ପୁନରାୟ ସ୍ଫୂର୍ତ୍ତି ଭରିଦେଉଛି । ସେ ଆହୁରି ପ୍ରଶଂସା ଶୁଣିବାକୁ ପସନ୍ଦ କରୁଛନ୍ତି । ଏଇ ସମୟରେ କୁପରାମର୍ଶ ତାଙ୍କ କାନକୁ ଗୀତାର ଶ୍ଳୋକ ଭଳି ଶୁଭୁଛି । ଶେଷକୁ ଏପରି ସମୟ ଆସୁଛି କେବଳ ବେଜିତ୍ ହେବା ସାର୍ ହେଉଛି ।

ଆସନ୍ତୁ ଏଇଧରଣର ନେତା ଏବଂ ତାଙ୍କୁ ଘେରି ରହିଥିବା ଚାଟୁକାରଙ୍କୁ ନେଇ ରଚିତ ଗପଟିଏ ଶୁଣିବା । ମୁଁ ମ୍ୟାଟ୍ରିକ୍ ପଢୁଥିବା ବେଳେ ଏ ଗପଟି ଆମ ଇଂରାଜୀ ପାଠ୍ୟକ୍ରମରେ ଥିଲା । ମୂଳ ଗଳ୍ପଟି ଡେନମାର୍କର ଖ୍ୟାତନାମା ଲେଖକ ହାନ୍ସ କ୍ରିଷ୍ଟିଆନ ଆଣ୍ଡରସନଙ୍କ ଦ୍ୱାରା ଲିଖିତ, ଯାହା ବିଶ୍ୱର ୧୦୦ଟି ଭାଷାରେ ଅନୁଦିତ ହୋଇଛି । ତଥାପି ଆଉଥରେ ଗପଟି ମନେପକାଇ ଦେଉଛି । ନେତାଗଣଙ୍କର ଅତି ଘନିଷ୍ଠ ପାଠକ/ପାଠିକା ଏଇ ଗପଟିକୁ ତାଙ୍କ ପ୍ରିୟ ନେତାଙ୍କୁ ଶୁଣାଇପାରିଲେ ଶ୍ରମ ସାର୍ଥକ ହେବ । ସାଂପ୍ରତିକ ପରିସ୍ଥିତିର ଆବଶ୍ୟକତା ଦୃଷ୍ଟିରୁ ଗଳ୍ପଟିକୁ କିଞ୍ଚିତ୍ ପରିବର୍ତ୍ତନ କରାଯାଇଛି ।

ଜଣେ ତୋଷାମଦପ୍ରିୟ ଖିଆଲି ରାଜା ଥିଲେ । ଥରେ ସିଏ ଏପରି ପୋଷାକଟିଏ ପିନ୍ଧିବାକୁ ଚାହିଁଲେ ଯାହାକୁ କେହି ପିନ୍ଧିନଥିବେ କି ଦେଖିନଥିବେ । ରାଜାଙ୍କର ଏହି ମନୋଭାବ ଜଣାପଡ଼ିବା ପରେ ବିଭିନ୍ନ ଦେଶରୁ ନାମୀଦାମୀ ଦର୍ଜିମାନେ ଆସି ପହଞ୍ଚିଲେ ସେ ରାଜ୍ୟରେ । ସେମାନେ ପ୍ରସ୍ତୁତ କଲେ ଆଖିଝଲସା ପୋଷାକ ସବୁ । ହେଲେ ନା । ରାଜାଙ୍କର କେଉଁଟା ବି ପସନ୍ଦ ହେଲାନାହିଁ ।

ଶେଷରେ ଆସିଲା ଜଣେ ଧୂର୍ତ୍ତ ଦର୍ଜି । ପୋଷାକ ତିଆରି ପାଇଁ ମୋଟା ଅଙ୍କର ଅଗ୍ରୀମ ନେବା ସହ ସେ ରାଜାଙ୍କର ଶାରୀରିକ ମାପ ମଧ୍ୟ ନେଲା । ଏହାପରେ ଆରମ୍ଭ ହେଲା ପୋଷାକ ପ୍ରସ୍ତୁତି । ବିଶ୍ୱକର୍ମା ଶ୍ରୀଜଗନ୍ନାଥଙ୍କ ଦାରୁ ଗଢ଼ିଲା ପରି ଦର୍ଜି ବେଶ୍ କିଛିଦିନ କବାଟ କିଳି ସିଲେଇ ମେସିନ ଘଡ଼ଘଡ଼ କରିବା ପରେ ଦିନେ ଗୋଟିଏ ଖାଲି ବାକ୍ସ ନେଇ ପହଞ୍ଚିଲା ଦରବାରରେ । ସେତେବେଳକୁ ରାଜାଙ୍କୁ ଘେରି ଅନେକ ଚାଟୁକାର । ଦର୍ଜି ନୂତନ ପୋଷାକ ସମ୍ପର୍କରେ ସୂଚନା ଦେଇ କହିଲା- ମହାରାଜ ଆପଣଙ୍କ ପୋଷାକ ପ୍ରସ୍ତୁତ । ତେବେ ଏହାର ଏକ ବିଶେଷତ୍ୱ ରହିଛି ।

**ଶେଷରେ ଆସିଲା ଜଣେ ଧୂର୍ତ୍ତ ଦର୍ଜି । ପୋଷାକ ତିଆରି ପାଇଁ ମୋଟା ଅଙ୍କର ଅଗ୍ରୀମ ନେବା ସହ ସେ ରାଜାଙ୍କର ଶାରୀରିକ ମାପ ମଧ୍ୟ ନେଲା । ଏହାପରେ ଆରମ୍ଭ ହେଲା ପୋଷାକ ପ୍ରସ୍ତୁତି । ବିଶ୍ୱକର୍ମା ଶ୍ରୀଜଗନ୍ନାଥଙ୍କ ଦାରୁ ଗଢ଼ିଲା ପରି ଦର୍ଜି ବେଶ୍ କିଛିଦିନ କବାଟ କିଳି ସିଲେଇ ମେସିନ ଘଡ଼ଘଡ଼ କରିବା ପରେ ଦିନେ ଗୋଟିଏ ଖାଲି ବାକ୍ସ ନେଇ ପହଞ୍ଚିଲା ଦରବାରରେ । ସେତେବେଳକୁ ରାଜାଙ୍କୁ ଘେରି ଅନେକ ଚାଟୁକାର । ଦର୍ଜି ନୂତନ ପୋଷାକ ସମ୍ପର୍କରେ ସୂଚନା ଦେଇ କହିଲା- ମହାରାଜ ଆପଣଙ୍କ ପୋଷାକ ପ୍ରସ୍ତୁତ । ତେବେ ଏହାର ଏକ ବିଶେଷତ୍ୱ ରହିଛି । - କି ବିଶେଷତ୍ୱ? ରାଜା ପ୍ରଶ୍ନ କଲେ ।**

- କି ବିଶେଷତ୍ୱ? ରାଜା ପ୍ରଶ୍ନ କଲେ ।

ଦର୍ଜି ବିନୟର ସହ କହିଲା- ମହାରାଜ ଆପଣଙ୍କ ବିରୋଧାଚରଣ କରୁଥିବା ବ୍ୟକ୍ତିର ଆଖିକୁ ଏହି ପୋଷାକ ଆଦୌ ଦିଶିବ ନାହିଁ ।

- ରାଜା ପଚାରିଲେ ଏପରି କାହିଁକି?

ଦର୍ଜି ନରମ କଣ୍ଠରେ କହିଲା- ମହାରାଜ ଦୈବୀକୃପା ବଳରେ ଏହି ପୋଷାକ ପ୍ରସ୍ତୁତ ହୋଇଛି । ତେଣୁ ଏହା ଉପରେ ଈର୍ଷା, ଦ୍ୱେଷ, ଶତ୍ରୁତାର କୋପଦୃଷ୍ଟି ପଡ଼ିଲେ ଏହା ଅଦୃଶ୍ୟ ହୋଇଯିବ ।

ଏ ସୂଚନା ଦେବା ପରେ ଦର୍ଜି ରାଜାଙ୍କୁ ଗୋଟିଏ ନିଭୃତ କୋଠରୀକୁ ନେଇଗଲା । ସେଇ ଘରେ ସେ ରାଜାଙ୍କୁ ସମ୍ପୂର୍ଣ୍ଣ ଉଲଗ୍ନ କରିବା ପରେ ଖାଲି ବାକ୍ସ ଖୋଲି ସେଥିରୁ ପୋଷାକ ବାହାର କରି ରାଜାଙ୍କୁ ପିନ୍ଧାଇବାର ମିଥ୍ୟା ଅଭିନୟ କଲା । ବେଶ୍ କିଛି ସମୟ ପୋଷାକ ପିନ୍ଧାଉଥିବାର ଅଙ୍ଗଭଙ୍ଗୀ କରିବା ପରେ ଦରଜୀ ଈଷତ୍ ହସି କହିଲା- ମୁଁ ଅନେକ ରାଜା, ମହାରାଜା ଏବଂ ସମ୍ରାଟଙ୍କ ପୋଷାକ ତିଆରି କରିଛି, ତେବେ ମୋ' ଜୀବନକାଳରେ ଏପରି ମହାର୍ଘ୍ୟ ପୋଷାକ କେବେ ତିଆରି କରିନଥିଲି !

ଦର୍ଜିର କଥା ଶୁଣି ମହାରାଜା ଉଦ୍‌ବେଳିତ ହୋଇପଡ଼ିଲେ । ସେଇ ମୁହୂର୍ତ୍ତରେ ସେ ଡକାଇଲେ ମହାମନ୍ତ୍ରୀଙ୍କୁ । ମନ୍ତ୍ରୀ ତ ପୂର୍ବରୁ ସେ ପୋଷାକର ବିଶେଷତ୍ୱ ସମ୍ପର୍କରେ ସୂଚନା ପାଇସାରିଥାନ୍ତି । ତେଣୁ ଘରେ ପଶୁପଶୁ ଲଙ୍ଗଳା ରାଜାଙ୍କ ଅଦୃଶ୍ୟ ପୋଷାକର ପ୍ରଶଂସା ଆରମ୍ଭ କରିଦେଲେ- ବାଃ ! ଅତି ସୁନ୍ଦର ! ଛାମୁଙ୍କ ପରି ପ୍ରଜାବତ୍ସଳ ରାଜାଙ୍କୁ ଚମତ୍କାର ମାନୁଛି ଏ ପୋଷାକ ! ଏହାପରେ ଆସିଲେ ସେନାପତି ଏବଂ ଅମାତ୍ୟଗଣ । ସମସ୍ତେ ଜାଣନ୍ତି ପୋଷାକ ଦିଶୁନାହିଁ କହିବା ମାନେ ରାଜାଙ୍କ ବିରୋଧୀ ହେବା । ତେଣୁ ସମସ୍ତେ ସମସ୍ୱରରେ ସତ ବାକ୍ୟରେ ଲଙ୍ଗଳା ରାଜାଙ୍କ ଅଦୃଶ୍ୟ ପୋଷାକର ଗୁଣଗାନ କଲେ । ଏଇ ସୁଯୋଗରେ ଧୂର୍ତ୍ତ ଦର୍ଜି ତା'ର ବାକିଆ ପ୍ରାପ୍ୟ ନେଇ ସେଠାରୁ ଧୀରେ ଅପସରିଗଲା ।

ଏବେ ଶୋଭାଯାତ୍ରାର ସମୟ । ଲଙ୍ଗଳା ରାଜା ରାଜ୍ୟବାସୀଙ୍କୁ ସେଇ ଅନନ୍ୟ ପୋଷାକ ଦେଖାଇବାର ଇଚ୍ଛା ପ୍ରକାଶ କରି ହରିବୋଲ ହୁଳହୁଳି ଏବଂ ଘଣ୍ଟଧ୍ୱନି ମଧ୍ୟରେ ନଗର ପରିକ୍ରମାରେ ବାହାରିଲେ । ସାଥିରେ ଅମାତ୍ୟ ଏବଂ ରାଜକର୍ମଚାରୀଗଣ ।

ସେତେବେଳକୁ ରାଜାଙ୍କର ସେଇ ବିରଳ ପୋଷାକ ସମ୍ପର୍କରେ ସାମ୍ବାଦିକମାନେ ପ୍ରଚାର କରିସାରିଥାନ୍ତି । ତେଣୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତ ସହସ୍ର ନରନାରୀ ପୋଷାକ ଦେଖିବା ଆଶାରେ ଠିଆ ହୋଇଥାନ୍ତି । ପୋଷାକ ଶୋଭାଯାତ୍ରା ଯେଉଁ ଅଞ୍ଚଳ ଦେଇ ଯାଉଥାଏ ସେଇ ଅଞ୍ଚଳରେ ଲଙ୍ଗଳା ରାଜାଙ୍କୁ ଦେଖି ଲୋକେ ବିସ୍ମିତ ହେଉଥିଲେ ହେଁ ପୋଷାକର ବିଶେଷତ୍ୱ ସମ୍ପର୍କରେ ପୂର୍ବ ପ୍ରଚାର ଦୃଷ୍ଟିରୁ କିଛି କହୁନଥାନ୍ତି । ରାଜାଙ୍କୁ ଲଙ୍ଗଳା କହିଲା ମାତ୍ରେ ମୁଣ୍ଡ କାଟ୍ । ତେଣୁ ସମସ୍ତେ ଅଦୃଶ୍ୟ ପୋଷାକର ତାରିଫ୍ କରୁଥାନ୍ତି ।

ଏଇପରି ଅବସ୍ଥାରେ ଲଙ୍ଗଳା ରାଜା ଶୋଭାଯାତ୍ରାରେ ବେଶ୍ କିଛିବାଟ ଯିବା ପରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଦୁଇଜଣ ଅନାହାର ପୀଡ଼ିତ ବ୍ୟକ୍ତି ଯେମିତି ରାଜାଙ୍କୁ ଦେଖିଛନ୍ତି ତାଙ୍କ ପାଟିରୁ ବାହାରି ପଡ଼ିଲା- ଆରେ, ଏ ଲଙ୍ଗଳା ରାଜାଙ୍କୁ ନେଇ ଏମାନେ କୁଆଡ଼େ ଯାଉଛନ୍ତି !

ରାଜା ଚମକି ପଡ଼ିଲେ । ସାଥିରେ ଥିବା ମହାମନ୍ତ୍ରୀଙ୍କୁ ସନ୍ଦେହୀ ଦୃଷ୍ଟିରେ ଚାହିଁବାରୁ ସେ ବୁଝାଇଦେଲେ ମହାରାଜ, ଲୋକଗୁଡ଼ା ଖାଇବାକୁ ପାଉନାହାନ୍ତି ତ ତେଣୁ ସହିପାରୁନାହାନ୍ତି । ଆପଣଙ୍କ ବିରୋଧରେ ମନ୍ତବ୍ୟ ଦେଉଛନ୍ତି । ଈର୍ଷାକାତର ବ୍ୟକ୍ତିର ଆଖିକୁ କ'ଣ ଏ ପୋଷାକ ଦୃଶ୍ୟମାନ ହେବ?

ରାଜା ସେଇ ମୁହୂର୍ତ୍ତରେ ଲୋକ ଦୁଇଜଣଙ୍କ ମୁଣ୍ଡକାଟ୍ ଆଦେଶ ଦେଲେ ।

ପୁଣି କିଛିବାଟ ଚାଲିଲା ଶୋଭାଯାତ୍ରା । ଏଥର ଯାହା ଘଟିବାର ଥିଲା ତାହା ହିଁ ଘଟିଲା । ରାସ୍ତାକଡ଼ରେ ଠିଆ ହୋଇଥିବା ଦୁଇ ଚାରିଟା ଲଙ୍ଗଳା ଛୁଆ ଯେମିତି ଲଙ୍ଗଳା ରାଜାଙ୍କୁ ଦେଖିଛନ୍ତି ହସି ହସି ଗଡ଼ିଗଲେ । ସେମାନେ ହସୁ ହସୁ କହିଲେ- ଆମେ ତ ଖାଇବାକୁ ନପାଇ ଲଙ୍ଗଳା ହୋଇ ବୁଲୁଛୁ, ଏ ରାଜାର ସବୁ ଥାଇ ଇଏ ଏମିତି ଲଙ୍ଗଳା ହୋଇ ବୁଲୁଛି କାହିଁକି?

ଏବେ ରାଜାଙ୍କର ଚେତା ପଶିଲା । ଲଙ୍ଗଳା ଭିକାରି ଛୁଆ ତାଙ୍କୁ ଈର୍ଷା କରିବେ କାହିଁକି? ରାଜା ତତ୍‌କ୍ଷଣାତ୍ ଦୁଇ ହାତରେ ଶରୀରର ସମ୍ମୁଖଭାଗକୁ ଘୋଡ଼ାଇ ଚିତ୍କାର କଲେ- ମୋ' ରାଜ ପୋଷାକ କାହିଁ । କାହିଁ ମୋ' ପୋଷାକ ! ଶୀଘ୍ର ଆଣ ତାକୁ...

ରାଜା ରାଜୁଡ଼ା ଅମଳରେ ଭାଟ, ଚାଟୁକାର, ତୋଷାମୋଦକାରୀଙ୍କ ସମେତ ସାଧାରଣ ଜନତା ମଧ୍ୟ ଜାଣିଥିଲେ ରାଜାଙ୍କର ଦୋଷତ୍ରୁଟି ଦେଖାଇ ସମାଲୋଚନା କରିବା ମାନେ ସର୍ବନାଶକୁ ଆମନ୍ତ୍ରଣ ଜଣାଇବା । ତେଣୁ ସମସ୍ତେ ସତ ଜାଣି ସୁଦ୍ଧା ଚିତ୍କାର କରୁନଥିଲେ ।

ହେଲେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଜିକାଲି ରାଜତନ୍ତ୍ରର ଏ ମାନସିକତା ଏକ ରିୱାଜରେ ପରିଣତ ହୋଇଗଲାଣି । ସବୁଠାରୁ ଦୁଃଖର କଥା ଯେଉଁମାନେ ଦୋଷତ୍ରୁଟି ଦେଖାଇବା ପାଇଁ ସ୍ୱୀକୃତି ପାଇଛନ୍ତି ସେମାନେ ତ୍ରୁଟି ଦର୍ଶାଇବା ବଦଳରେ ସ୍ତୁତିଗାନ କରୁଛନ୍ତି !

ଗୋଟିଏ ପ୍ରବାଦ ଅଛି- କାହାର ସର୍ବନାଶ ଚାହୁଁଥିଲେ ତା' ଭୁଲ୍‌ର ପ୍ରଶଂସା କର । ସେଇ ପ୍ରଶଂସାରେ ବିଭୋର ହୋଇ ସେ ଆହୁରି ଶହେଟା ଭୁଲ୍ କରିବ । ବାରମ୍ବାର ଭୁଲ୍‌ର ପରିଣତି କ'ଣ ହୁଏ ଏକଥା ବୁଝାଇ କହିବାର ଆବଶ୍ୟକତା ନାହିଁ ।

## ଏବେ ଏକପାଖିଆଙ୍କର ପ୍ରବଳ ଭିଡ଼

**ସତ କହିବାକୁ କିଆଁ ଡରିବି**

ଅମ୍ବିକା ପ୍ରସାଦ ଦାସ

ଗଣମାଧ୍ୟମର ଏକପାଖିଆ ଆଭିମୁଖ୍ୟକୁ ନେଇ ବିରୋଧୀଦଳ ନେତା କ୍ଷୁବ୍ଧ ହେଲା ପରେ ସେଦିନ ଏକ ଜାତୀୟ ନ୍ୟୁଜ ଚ୍ୟାନେଲରେ ଚାଲିଥିଲା ବିତର୍କ । ନିରପେକ୍ଷତାକୁ ନେଇ ଚର୍ଚ୍ଚା ବେଳେ ଜଣେ ବରିଷ୍ଠ ସାମ୍ବାଦିକ ସନ୍ତୁଳିତ ଖବର ପ୍ରସାରଣକୁ ନେଇ ଯୁକ୍ତି ବାଢ଼ିଥିଲେ । କିନ୍ତୁ ଅନ୍ୟଜଣେ ଅଭିଯୋଗକାରୀଙ୍କ ଉପରେ ପାଲଟା ଆକ୍ରମଣ କରିବାକୁ ଯାଇ କହିଥିଲେ ଏପରି ଅଭିଯୋଗ ଲଗାତାର

ଏକ ନିର୍ଦ୍ଦିଷ୍ଟ ଘଟଣାକୁ ପାଞ୍ଚ ପ୍ରକାରର ଉପସ୍ଥାପନ କରୁଥିବା ଗଣମାଧ୍ୟମମାନେ ଗଣତନ୍ତ୍ରର ଶକ୍ତିକୁ ଦୁର୍ବଳ କରିବାରେ ଯେ ଦାୟୀ ଏଥିରେ ଦ୍ୱିମତ ହେବାର ନାହିଁ । ରାଜନୈତିକ ଦଳର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ବା ତାଙ୍କ ପରିବାର ଯଦି ଗଣମାଧ୍ୟମର ମାଲିକ ବା ପରିଚାଳନା ଦାୟିତ୍ୱରେ ଥାଆନ୍ତି ତେବେ ସମ୍ବାଦଗୁଡ଼ିକର ପ୍ରସ୍ତୁତି ଶୈଳୀ ସେଇଆଡ଼କୁ ଢଳିଥାଏ । ସେକ୍ଷେତ୍ରରେ ସାମ୍ବାଦିକଙ୍କୁ କେବଳ ଦୋଷୀ ସଜେଇବା ବା ତା'ର ବିଶ୍ୱସନିୟତାକୁ ନେଇ ପ୍ରଶ୍ନ ଉଠାଇବା ଗ୍ରହଣୀୟ ନୁହେଁ । କାରଣ ସେ ପେଟପାଟଣା ପାଇଁ ସଂସ୍ଥାରେ ଚାକିରି କରିଥାଏ । ଯଦି ସଂଖ୍ୟାଧିକ ସଂସ୍ଥାରେ ଏଇ ଅବସ୍ଥା ହୁଏ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଧୀରେଧୀରେ ରାଜନୈତିକ ବ୍ୟକ୍ତି ଓ ଶିଳ୍ପପତିମାନଙ୍କ ହାତକୁ ଚାଲିଯା'ନ୍ତି ତେବେ ଲୋକେ ସନ୍ତୁଳିତ, ସଠିକ୍ ଖବର ପାଇବେ କେମିତି?

ଗ୍ରହଣୀୟ ନୁହେଁ । କାରଣ ସେ ପେଟପାଟଣା ପାଇଁ ସଂସ୍ଥାରେ ଚାକିରି କରିଥାଏ । ଯଦି ସଂଖ୍ୟାଧିକ ସଂସ୍ଥାରେ ଏଇ ଅବସ୍ଥା ହୁଏ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଧୀରେଧୀରେ ରାଜନୈତିକ ବ୍ୟକ୍ତି ଓ ଶିଳ୍ପପତିମାନଙ୍କ ହାତକୁ ଚାଲିଯା'ନ୍ତି ତେବେ ଲୋକେ ସନ୍ତୁଳିତ, ସଠିକ୍ ଖବର ପାଇବେ କେମିତି?

ପୂର୍ବରୁ ଗଣମାଧ୍ୟମର ଏଇ ଚାଲାକିକୁ ଲୋକେ ବୁଝିପାରୁନଥିଲେ । କିନ୍ତୁ ଏବର

ମହାଶୟ,

ପୂର୍ବ କାଳର ସାମ୍ବାଦିକମାନଙ୍କ ସହିତ ବର୍ତ୍ତମାନ ସମୟର ସାମ୍ବାଦିକମାନଙ୍କୁ ତୁଳନା କଲେ ଆକାଶ ପାତାଳ ପ୍ରଭେଦ ଦେଖିବାକୁ ମିଳିବ । ସେତେବେଳେ ସାମ୍ବାଦିକମାନେ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନୈତିକତାକୁ ପ୍ରାଧାନ୍ୟ ଦେଉଥିଲେ, ଅର୍ଥ ପାଇଁ ବିକ୍ରି ହୋଇଯିବା ଘଟଣା ପ୍ରାୟ ବିରଳ ଥିଲା । ନିରପେକ୍ଷ ସମ୍ବାଦର ଏପରି ଚାହିଦା ଥିଲା ଯେ, ସକାଳର ସମ୍ବାଦପତ୍ର ପଢ଼ିବା ପାଇଁ ଲୋକେ ଚାତକ ପରି ଚାହିଁ ବସୁଥିଲେ । ଏପରିକି ଲୋକେ ଏକ ସାଙ୍ଗରେ ଦୁଇ/ତିନିଟି ସମ୍ବାଦପତ୍ର କିଣିବା ପାଇଁ କୁଣ୍ଠାବୋଧ କରୁ ନ ଥିଲେ । ଏବେ କିନ୍ତୁ ସେ ସମୟ ନାହିଁ । ଅର୍ଥ ଲୋଭରେ ଦୁଃସ୍ଥ ସାମ୍ବାଦିକର ବିବେକ ବନ୍ଧା ପଡ଼ିଛି । ଅଧିକାଂଶ ସାମ୍ବାଦିକ, ଓକିଲ ଓ ବୁଦ୍ଧିଜୀବୀ ରାଜନେତାମାନଙ୍କର ହାତବାରିଶି ସାଜିଛନ୍ତି । କେହି ସ୍ୱଚ୍ଛ ଓ ନିରପେକ୍ଷ ରହିବାକୁ ଇଚ୍ଛା କରୁ ନାହାଁନ୍ତି । ଭଲକୁ ଭଲ ଓ ମନ୍ଦ କୁ ମନ୍ଦ କହିବାର ଶକ୍ତି କ୍ରମେ ଲୋପ ପାଇବାକୁ ବସିଛି । ସୁଖର କଥା, ସ୍ୱାର୍ଥର ଊର୍ଦ୍ଧ୍ୱକୁ ଉଠି ସତ୍ୟ କଥା ପ୍ରକାଶ କରିବାର ସାହସ ଏବେ ମଧ୍ୟ ହାତ ଗଣତି ସାମ୍ବାଦିକମାନଙ୍କ ମଧ୍ୟରେ ରହିଛି । ସେମାନଙ୍କ ସଂଖ୍ୟା କମ୍ ହେଲେ ମଧ୍ୟ ଭବିଷ୍ୟତରେ ସେହିମାନେ ହିଁ ଦେଶରେ ସ୍ୱଚ୍ଛତାର ବୀଜ ବପନ କରି, ସମାଜରେ ପରିବର୍ତ୍ତନ ଆଣି ପାରିବେ ଏଥିରେ ସନ୍ଦେହର ଅବକାଶ ନାହିଁ ।

**କୈଳାସ ଚନ୍ଦ୍ର ସାମନ୍ତରାୟ**, ଅନ୍ତେଇ,ପାଟକୁରା

ମହାଶୟ,

ଆପଣ ବହୁତ ସୁନ୍ଦର ବିଷୟରେ ଆଲୋକପାତ କରିଛନ୍ତି । ଭବିଷ୍ୟତରେ ଏହା ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ । ନୂତନ ପିଢି ଆମର ଖବରକାଗଜ ହେଉ କିମ୍ବା ଟିଭି ଚ୍ୟାନେଲରେ ପ୍ରସାରିତ ଖବରକୁ ସହଜରେ ଗ୍ରହଣ କରିବେ ନାହିଁ । ମାଲିକ ଯେପରି ଚାହିଁବେ ତାଙ୍କର ସ୍ୱାର୍ଥ ପୂରଣ ପାଇଁ ଚ୍ୟାନେଲ ସବୁ କାମ କରିବ । ନିରପେକ୍ଷ ସମ୍ବାଦ କିଏ ପରିବେଷଣ କରୁଛନ୍ତି ତାକୁ ଖୋଜିବାକୁ ଚେଷ୍ଟା କରିବେ ।

**କୃପାନିଧି ବିଶ୍ୱାଳ**, ଭୁବନେଶ୍ୱର

## ନ୍ୟାୟପୂର୍ଣ୍ଣ ତ୍ୟାଗରୁ ମିଳେ ସୁଖ

■ ଗିରିଧାରୀ ସାମଲ ■

ଆମେ ଅନେକ ଅନୁଭବ କରୁ ଯେ ଆମକୁ ନ୍ୟାୟ ମିଳିନାହିଁ । ଭଗବାନ ସ୍ୱୟଂ ନ୍ୟାୟର ପ୍ରତୀକ ଏବଂ ନ୍ୟାୟର ଅଧୀନ ମଧ୍ୟ । କର୍ମ ଜଞ୍ଜାଳର ଆହ୍ୱାନ ଭିତରେ ନ୍ୟାୟପୂର୍ଣ୍ଣ ତ୍ୟାଗ ଭିତରୁ ଯେ ଜଣକୁ ସୁଖ ସମ୍ଭବ ହୋଇପାରିଥାଏ ସେ ସମ୍ପର୍କରେ ଅନେକ ଦିନ ତଳୁ ପଢ଼ିଥିବା ଏକ ଆଧାତ୍ମିକ କଥାଟି ମୋର ମନେପଡୁଛି । ଏକଦା ଭଗବାନ ବୁଦ୍ଧଙ୍କ ନିକଟକୁ ସମ୍ରାଟ ଶ୍ରେଣିକ ଆସି କହିଲେ 'ପ୍ରଭୁ! ମୁଁ ଏକ ଗଭୀର ଚିନ୍ତାରେ ଅଛି । ଯାହାର ଉତ୍ତର ଆପଣଙ୍କ ବ୍ୟତୀତ ଅନ୍ୟ କେହି ଦେଇପାରିବେ ନାହିଁ ।' ବୁଦ୍ଧ କହିଲେ, 'ଠିକ୍ ଅଛି ପଚାର' । ସମ୍ରାଟ କହିଲେ, 'ଭଗବାନ ! ମୋ ରାଜକୁମାରଙ୍କ ପାଖରେ ସବୁକିଛି ଅଛି । ଧନ, ସମ୍ପତ୍ତି, ଐଶ୍ୱର୍ଯ୍ୟ ସାଙ୍ଗକୁ ବିଳାସପୂର୍ଣ୍ଣ ଜୀବନ। କିନ୍ତୁ ଏହାକୁ ନେଇ ସେମାନେ ପ୍ରସନ୍ନ ରହିପାରୁନାହାନ୍ତି । ମାତ୍ର ଆପଣଙ୍କ ପାଖରେ ଥିବା ଭିକ୍ଷୁମାନଙ୍କୁ ଯାହା ମିଳିଛି, ସେମାନେ ତାକୁ ଗ୍ରହଣ କରି କିପରି ଖୁସିରେ ରହିପାରୁଛନ୍ତି?' ଭଗବାନ ବୁଦ୍ଧ ଉତ୍ତର ଦେଲେ, 'ପ୍ରସନ୍ନତାକୁ ଖୋଜିବାକୁ ହେଲେ ଅକିଞ୍ଚନ (ଯାହା ପାଖରେ କିଛି ନାହିଁ) ଠୁ ଖୋଜ। ଯିଏ ସଂକଳ୍ପ କରି ସବୁକିଛି ଛାଡ଼ି ଦେଇଛି। ସିଏ ହିଁ ପ୍ରସନ୍ନ ରହିପାରେ । ଭିକ୍ଷୁକ କେବେ ଖୁସି ରହିପାରେ ନାହିଁ । କାରଣ ସେ କିଛି ଛାଡ଼ି ନାହିଁ। ସେ ତ କେବଳ ଅଭାବରେ ଜୀବନ ନିର୍ବାହ କରୁଛି ।

ଅଭାବ ଜୀବନ ବିତାଉଥିବା ମଣିଷ କେବେ ପ୍ରସନ୍ନ ରହିପାରିବ ନାହିଁ। ତାକୁ ଚିନ୍ତା ସର୍ବଦା ଘେରି ରହିଥାଏ । ଯିଏ ଜାଣିଶୁଣି ସବୁ ତ୍ୟାଗ କରେ, ସେ ହିଁ କେବଳ ପ୍ରସନ୍ନ ରହିପାରେ । ପ୍ରସନ୍ନ ରହିବାର ଦୁଇଟି କଥା ହେଉଛି ଗୋଟିଏ ଛାଡ଼ିବା ଓ ଗୋଟିଏ ହରାଇବା। ଯାହାକୁ ପଦାର୍ଥ ପ୍ରାପ୍ତ ହୋଇନାହିଁ, ସେ ତ୍ୟାଗି ନୁହେଁ । ତ୍ୟାଗୀ ସେ ଯିଏ ନିଜର ସ୍ୱତନ୍ତ୍ର ମନରୁ ସବୁକିଛି ତ୍ୟାଗ କରେ। ସାଧନ, ସୁବିଧା ସମ୍ପନ୍ନ ବ୍ୟକ୍ତି ବି ପ୍ରସନ୍ନ ରହିପାରିବ ନାହିଁ । କାରଣ ତାକୁ ସର୍ବଦା ଟଙ୍କର ସୁରକ୍ଷା ଚିନ୍ତା ଘାରିଥାଏ । ସେ ସବୁବେଳେ ଭୟଭୀତ ରହିଥାଏ । ଅଭୟ ସେ ହୋଇଥାଏ, ଯିଏ ସ୍ୱଇଚ୍ଛାରେ ତ୍ୟାଗ କରେ । ଶ୍ରେଣିକଙ୍କୁ ନିଜ ପ୍ରଶ୍ନର ପ୍ରକୃତ ଉତ୍ତର ମିଳିଗଲା । ମହାତ୍ମା ବୁଦ୍ଧ ଜୀବନରେ ମଧ୍ୟମ ମାର୍ଗର ପକ୍ଷଧର ଥିଲେ । କିନ୍ତୁ ସେ ମଧ୍ୟ ବିଶ୍ୱାସ କରୁଥିଲେ ବିନା ତ୍ୟାଗରେ ବ୍ୟକ୍ତି ସୁଖରେ ରହିପାରିବ ନାହିଁ । ଯଦି ଅଭାବ ଅଛି ତେବେ ଚିନ୍ତା ଥାଏ । ଯଦି ଆବଶ୍ୟକଠୁ ଅଧିକ ଅଛି ତେବେ ସୁରକ୍ଷାର ଭୟ ଥାଏ। ତେଣୁ କିଛି ନରଖି ନ୍ୟାୟପୂର୍ଣ୍ଣ ଭାବେ ତ୍ୟାଗ କରିଥିବା ବ୍ୟକ୍ତି ସର୍ବଦା ସୁଖରେ ରହେ ।

*ମୋ.: ୯୪୩୭୨୨୬୬୪୭*

## ସେମାନେ ତାଙ୍କୁ ପୂଜୁଛନ୍ତି ଦେବତା ଭଳି



ଡିଙ୍କି ମହାକାଳି ଚକୁଲି

ସମରେନ୍ଦ୍ର ବଳିଆରସିଂହ

କଣ ମୋ ଗାଁ ଲାଗିଲା? ଗାଁ କ'ଣ ସହରକୁ ଲାଗିଗଲା? କାରଣ ଗାଁକୁ ସହର ଲାଗି ଲାଗି ଆସୁଛି । ସହରୀ ସଭ୍ୟତାକୁ ଭଲ ପାଉଥିବା ମଣିଷ ଭାରି ଉଲ୍ଲସିତ ହୋଇ କହୁଛନ୍ତି, ମୋ ଗାଁକୁ ସହର ଲାଗିଗଲାଣି । ତେବେ ପାଠକବନ୍ଧୁ, ଆମ ଶିରୋନାମାଟିର ଅର୍ଥ ହେଲା, 'ମୁଁ ଚାଲିଲି । ଜୀବନକାଳରେ ଯେତିକି କରିବା କଥା କଲି, ଏବେ ମୋ ଗାଁ ତୁମମାନଙ୍କୁ ଲାଗିଲା ।' ଏଇ ଯେମିତି ସଂସାର ଛାଡୁଥିବା ମଣିଷ ଘରର ଅନ୍ୟ ବରିଷ୍ଠ ସଦସ୍ୟ କିମ୍ବା ଶୁଭାକାଂକ୍ଷୀଙ୍କୁ କୁହନ୍ତି, 'ମୋ ପିଲାଏ ତୁମକୁ ଲାଗିଲେ, ସେମାନଙ୍କର ଭଲ, ମନ୍ଦ କଥା ବୁଝିବା' କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ଢଁସର ଗାଁର ସ୍ମୃତି । ଦେଖିଲି, ଫଟୋଚିତ୍ର ତଳେ ଲେଖାଥିଲା, 'ମୋ ଗାଁ ଲାଗିଲା ।' ଏକଦା ସେଇ ଗାଁର ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, ନିରଳସ ସମାଜସେବୀ ତଥା ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ସ୍ୱର୍ଗତ ଧନେଶ୍ୱର ସାମନ୍ତରାୟଙ୍କୁ ରୋଗଶଯ୍ୟାରେ ଭେଟିଥିଲେ ପୁଣ୍ୟାତ୍ମା ଜାନକୀ ବଲ୍ଲଭ ପଟ୍ଟନାୟକ । ସାନ୍ତ୍ୱନା ଦେଇ କହିଥିଲେ, 'ଆପଣ ଭଲ ହେଇଯିବେ ।' ତେବେ ଉତ୍ତରରେ ଧନେଶ୍ୱର ବାବୁ କହିଥିଲେ, 'ମୋର ଶେଷ ସମୟ ଆସିଲାଣି । ମୋ ଗାଁ ଲାଗିଲା ।' ସେ ଚାଲିଯିବାର ଇତିମଧ୍ୟରେ ଦୁଇ ଦଶନ୍ଧିରୁ ଅଧିକ ସମୟ ହୋଇଗଲାଣି । ତେବେ ସେଇ କଥା ପଦକ ଏବେ ଗାଁ ଲୋକଙ୍କ ପାଇଁ ଭାରି ମୂଲ୍ୟବାନ। ସ୍ୱର୍ଗତ ଧନେଶ୍ୱର ସାମନ୍ତରାୟଙ୍କୁ ସେମାନେ ପୂଜୁଛନ୍ତି ଦେବତା ଭଳି । ଥିଲାବାଲା, ନଥିଲାବାଲା ସମସ୍ତେ ଏକାଠି ହୋଇଛନ୍ତି ଗାଁର ବିକାଶ ପାଇଁ, ଧନେଶ୍ୱର ସାମନ୍ତରାୟଙ୍କ ସ୍ମୃତିରକ୍ଷା ପାଇଁ । ବହୁ ପୁରାତନ ସ୍ୱପ୍ନେଶ୍ୱର ମନ୍ଦିର ସଂଲଗ୍ନ ଶ୍ରୀରାମକୃଷ୍ଣ ଆଶ୍ରମ ପରିସରରେ ଗଢାହୋଇଛି ଧନେଶ୍ୱର ସାମନ୍ତରାୟ ଆରୋଗ୍ୟ ନିକେତନ । ଅତି ସୁନ୍ଦର ଆଧାତ୍ମିକ ପରିବେଶ । ଭାରତୀୟ ଧର୍ମ ଓ ଦର୍ଶନର ଗୁରୁ ରାମକୃଷ୍ଣ ପରମହଂସ ଓ ତାଙ୍କ ଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁଷ୍ଠାନର ସଦସ୍ୟମାନେ ଅନୁପ୍ରାଣୀତ । ସେମାନଙ୍କ ଆତିଥେୟତା ପ୍ରଶଂସନୀୟ । ଅନୁଷ୍ଠାନର ସମ୍ପାଦକ ରମାକାନ୍ତ ପଣ୍ଡା ବିବରଣୀ ପାଠ ପୂର୍ବକ ଅନୁଷ୍ଠାନର ମଙ୍ଗଳକାରୀ ଆଭିମୁଖ୍ୟ ବାବଦରେ ସୂଚନା ଦେଇଥିଲେ ।

୧୯୨୦ ମସିହା ମାର୍ଚ୍ଚ ୧୧ ତାରିଖରେ ଗୋଟେ ମଧ୍ୟବିତ୍ତ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିବା ଧନେଶ୍ୱର ବାବୁ କୃଷି କାର୍ଯ୍ୟ ସହ ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ବାନରସେନାରେ ସାମିଲ ହୋଇ ଗାନ୍ଧିଜୀଙ୍କ 'କୁଟି ଖାଅ, କାଟି ପିନ୍ଧ'ର ନାରା ଦେଇଥିଲେ। ଅହିଂସାର ପ୍ରଚାର କରି ଗାଁ ଗାଁରେ ଖଦୀର ପ୍ରଚାର, ପ୍ରସାର କରାଇଥିଲେ । ପରବର୍ତ୍ତୀ ସମୟରେ ଦେଶ ସ୍ୱାଧୀନ ହେବାପରେ ସେ ଦୀର୍ଘ ୨୦ ବର୍ଷ ଧରି କଂଗ୍ରେସ ଦଳରୁ ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ଭାବେ ମନୋନୀତ ହୋଇଥିଲେ। ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କ ନେତୃତ୍ୱରେ ଢଁସର ସେବା ସମବାୟ ସମିତି ଶତ ପ୍ରତିଶତ ଋଣ ଆଦାୟ କ୍ଷେତ୍ରରେ ସଫଳତା ପାଇ ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା । ଓଡ଼ିଶା ସମବାୟ ଆନ୍ଦୋଳନ ଶତବାର୍ଷିକ ସମାରୋହରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିଭଳି ଜଣେ ଭଲ ମଣିଷଙ୍କ ସୁକୃତି ଓ ଉତ୍ସର୍ଗୀକୃତ ସମାଜସେବା ଓ ସେବାପରାୟଣତାକୁ ପ୍ରତିବର୍ଷ ସ୍ମରଣ କରୁଛନ୍ତି ଗ୍ରାମବାସୀ । ବାହାରେ ରହୁଥିବା ଗାଁର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଶିବରାତ୍ରି ଦିନ ଗାଁକୁ ଆସୁଛନ୍ତି। ମହାଦେବ ଶିବଙ୍କ ପୂଜାର୍ଚ୍ଚନା କରୁଛନ୍ତି। ତତ୍‌ସହିତ ଧନେଶ୍ୱର ସାମନ୍ତରାୟଙ୍କ ଭଳି ପୁଣ୍ୟାତ୍ମାଙ୍କ ସ୍ମୃତିଚାରଣ କରୁଛନ୍ତି । ସେଦିନ ଧନେଶ୍ୱର ସାମନ୍ତରାୟ ଆରୋଗ୍ୟ ନିକେତନର ବାର୍ଷିକ ଉତ୍ସବରେ ସାମିଲ ହେବାର ସୁଯୋଗ ଏ ଅକିଂଚନକୁ ମିଳିଥିଲା । ଇଏ ୨୦୧୯ ମାର୍ଚ୍ଚ ମାସ ୪ ତାରିଖର ସ୍ମୃତି । ଆଦର୍ଶ ଶିକ୍ଷକ ତଥା କଳା, ସାହିତ୍ୟ, ସଂସ୍କୃତିର ପରମ ଉପାସକ ଅଗ୍ରଜ ରମାକାନ୍ତ ଭଞ୍ଜ ଓ ନିକେତନର ସଦସ୍ୟମାନଙ୍କ ନିମନ୍ତ୍ରଣ କ୍ରମେ ସେଠାରେ ପହଞ୍ଚିଥିଲି । ଯାହା ଦେଖିଲି, ଯାହା ଶୁଣିଲି, ଲାଗିଲା ସତରେ ଗାଁରେ ହିଁ ଭାରତର ଆତ୍ମା ବିରାଜମାନ। ଆରୋଗ୍ୟ ନିକେତନକୁ ଡାକ୍ତରମାନେ ଆସି ନିଃଶୁଳ୍କ ସେବା ପ୍ରଦାନ କରୁଛନ୍ତି । ଛୋଟମୋଟର ଚିକିତ୍ସା ମଧ୍ୟ କରାଯାଉଛି । ଧନୀ, ଗରିବ ସମସ୍ତେ ଏଥିପାଇଁ ଦାନ ଦେଉଛନ୍ତି । ଜଣେ ସାଧାରଣ ଚାଷୀ ତାଙ୍କ ରୋଜଗାରରୁ ଦୈନିକ ଶହେ ଟଙ୍କା ଦେଉଥିବାର ଶୁଣି ମୁଁ ଅଭିଭୂତ ହୋଇପଡ଼ିଲି। ବଦାନ୍ୟ ବ୍ୟକ୍ତିବିଶେଷ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିକେତନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିବେକାନନ୍ଦ ଷ୍ଟଡି ସର୍କଲର ପିଲାମାନଙ୍କର ପୂଜ୍ୟପୂଜାରେ ଥିବା ଆନ୍ତରିକତା ଦେଖି ଭାରି ଖୁସି ଲାଗିଲା । ଧନେଶ୍ୱର ସାମନ୍ତରାୟ ଆରୋଗ୍ୟ ନିକେତନର ସଭାପତି ସମାଜସେବୀ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯୋଗଦେଇ ବାଙ୍କୀ ଅଞ୍ଚଳର ଜନପ୍ରିୟ ଚିକିତ୍ସକ ଡା. ହରିହର ପଣ୍ଡା କହିଥିଲେ ଯେ, ଡାକ୍ତରମାନେ ଟଙ୍କା ପଛରେ ନ ଧାଇଁ ସେବାପରାୟଣ ହୁଅନ୍ତୁ । ଏହାହିଁ ଜୀବନରେ ଆତ୍ମସନ୍ତୋଷତା ଓ ଶାନ୍ତି ଆଣିଦେବ । ମୁଖ୍ୟଅତିଥି ଭାବେ ଯୋଗଦେଇ ଖ୍ୟାତନାମା ଚକ୍ଷୁ ବିଶେଷଜ୍ଞ ଡା. ଏସ୍. ହରିଶଙ୍କର ପାତ୍ର କହିଥିଲେ ଯେ, ନେବା ନୁହେଁ, ଦେବାରେ ଆନନ୍ଦ ଅଛି। ଏ ସଂସାରରେ ଜନ୍ମଲାଭ କରି ମଣିଷ ଶ୍ରେଷ୍ଠ ପ୍ରାଣୀ ବୋଲାଇଛି । ତେଣୁ ଅନ୍ୟମାନଙ୍କୁ ଦେବାରେ ସୁଖ ଥାଏ, ପୁଣ୍ୟ ପ୍ରାପ୍ତି ହୁଏ । ପାଠକବନ୍ଧୁ ଡାକ୍ତରମାନେ ହେଲେ ଜୀବନ୍ତ ଈଶ୍ୱର । ସେହିଭଳି ଜୀବନ୍ତ ଈଶ୍ୱରମାନଙ୍କ ସାନ୍ନିଧ ସେଦିନ ମୋତେ ମିଳିଥିଲା। ଡାକ୍ତର ହେବାର ଗର୍ବ ନ ଥିଲା ସେମାନଙ୍କ ମନରେ । ଆମ ସରକାର ବିଜୁ ସ୍ମାର୍ଟ କାର୍ଡ ପ୍ରଦାନ କରିଛନ୍ତି, ହେଲେ ଗାଁ ଗହଳିରେ ସାମାନ୍ୟ ଚିକିତ୍ସା ସୁବିଧା ନାହିଁ । ଯେଉଁଠି ସ୍ୱାସ୍ଥ୍ୟକେନ୍ଦ୍ର ଅଛି, ସେଠାରେ ଡାକ୍ତର ନାହାନ୍ତି କି ଆନୁସଙ୍ଗିକ ସୁବିଧା ଓ ଭିତ୍ତିଭୂମି ନାହିଁ। ଏହି ପରିପ୍ରେକ୍ଷୀରେ ବେସରକାରୀ ଭାବେ ଯଦି ଲୋକମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦିଆଯାଉଛି, ତା'ହେଲେ ଏହା କିଛି କମ୍ କଥା ନୁହେଁ । ଅନ୍ୟତମ ସମ୍ମାନିତ ଅତିଥି ବରିଷ୍ଠ ପ୍ରଶାସକ ବ୍ରଜବନ୍ଧୁ ଭୋଳ ପ୍ରତ୍ୟେକ ମଣିଷ ନିଜ ଜୀବନକାଳରେ ଅନ୍ତତଃ ଗୋଟିଏ ଗଛ ଲଗାଇବା ଉଚିତ ବୋଲି ମତପ୍ରକାଶ କରିଥିଲେ । କାରଣ ଆଜିକାଲି ଗାଁ ବି ସହରୀକରଣ ପଛରେ ଧାବମାନ। ଘରସଂଖ୍ୟା ବଢିଚାଲିଛି, ତେଣୁ ଗଛକଟା ବି ବଢିଚାଲିଛି । ଗାଁର ପରିବେଶ ଆଉ ଆଗଭଳି ନାହିଁ । ତେଣୁ ସେହି ଅନୁସାରେ ଅଧିକ ସଂଖ୍ୟକ ବୃକ୍ଷରୋପଣର ଆବଶ୍ୟକତା ଦେଖାଦେଇଛି । ଏଇ ପରିପ୍ରେକ୍ଷୀରେ ମୋ ଜେଜେଙ୍କ କଥା ମନେପଡ଼େ। ଏକଦା ସେ ବି ବାନରସେନାରେ ଯୋଗଦେଇଥିଲେ । ଗାଁର ଭଲ ମନ୍ଦ ପାଇଁ ଚିନ୍ତା କରୁଥିଲେ । ପ୍ରତିବର୍ଷ ପ୍ରଚୁର ସଂଖ୍ୟାରେ ଗଛ ଲଗାଉଥିଲେ । ଆଦିମକାଳରୁ ମଣିଷ ଗଛକୁ ଦେବତା ଭାବେ ପୂଜା କରିଆସିଛି। ତେଣୁ ଆମ ଧର୍ମଧାରାରେ ଗଛର ବିଶେଷ ମହତ୍ତ୍ୱ ରହିଛି ।

ସେଦିନ ପିଲା ଠାରୁ ବୁଢା ସମସ୍ତେ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଠାରୁ ତନ୍ମୟ ହୋଇ ଶୁଣୁଥିଲେ। ଗାଁର ବିକାଶ କଳ୍ପେ ସମସ୍ତେ ଚିନ୍ତା କରୁଥିଲେ। ଉପସ୍ଥିତ ସ୍କୁଲ ଓ କଲେଜର ପିଲାମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲି, ଭାରତୀୟ ଧର୍ମ, ପରମ୍ପରା, ଇତିହାସର ତୁଳନା ନାହିଁ। ସାରା ବିଶ୍ୱରେ ଭାରତୀୟ ଧର୍ମଧାରା ତା'ର ଅନନ୍ୟ ଭାବକୁ ପ୍ରକଟ କରିଛି । ଚିକାଗୋ ଧର୍ମସଭାରେ ସ୍ୱାମୀ ବିବେକାନନ୍ଦ ଦେଇଥିବା ଓଜସ୍ୱିନୀ ଭାଷଣ ଏବେବି ଆମେରିକୀୟମାନଙ୍କୁ ସ୍ପନ୍ଦିତ କରୁଛି । ତେଣୁ ଆଧୁନିକତାରେ ଆବହାୱାରେ ପଡ଼ି ଯେଉଁମାନେ ପ୍ରାଚ୍ୟଦର୍ଶନକୁ ହେୟଜ୍ଞାନ କରୁଛନ୍ତି, ସେମାନଙ୍କ ପାଇଁ ସୁଧୁରିଯିବାର ସମୟ ଆସିଛି । ଧର୍ମ ଆମକୁ ମଣିଷ କରେ, ଅଧର୍ମ ଆମକୁ ଅସୁର କରେ । ଆମେ ମଣିଷ ହୋଇ ଜନ୍ମ ହୋଇଛୁ, ତେଣୁ ମଣିଷ ହେବା ଦରକାର, ଅସୁର ନୁହେଁ। ପୁଣି ଏ କଳିଯୁଗରେ ମଣିଷରୂପୀ ଅସୁରଙ୍କୁ ଚିହ୍ନିବା ମୁସ୍କିଲ ହୋଇପଡୁଛି, ତେଣୁ ସେମାନଙ୍କ ଠାରୁ ସାବଧାନ ଓ ସତର୍କ ରହିବା ଜରୁରି । ପ୍ରତ୍ୟହ ଯୋଗ, ବ୍ୟାୟାମ, ପ୍ରାଣାୟମ କରିବା ସହ ସୁଷମ ଖାଦ୍ୟ ଖାଇବା ଆମ ପାଇଁ ଏକ ବଡ଼ ଆବଶ୍ୟକତା । ସ୍ୱାସ୍ଥ୍ୟ ହିଁ ସମ୍ପଦ । ସେଇ ସମ୍ପଦର ରକ୍ଷାଣବେକ୍ଷଣ କଲେ ଆମେ ସୁଖ, ଶାନ୍ତିରେ ବଞ୍ଚିପାରିବା। ବଂଚିବା ପାଇଁ ଧନ ଲୋଡ଼ା, କିନ୍ତୁ କେବଳ ଧନରେ ମଣିଷ ବଞ୍ଚିପାରିବନି। ସେଥିପାଇଁ ଭଲ ମନଟିଏ ଲୋଡ଼ା, ସୁସ୍ଥ ଶରୀରଟିଏ ଲୋଡ଼ା । ଅତଏବ ପ୍ରତି ମଣିଷର ସାମାଜିକ ଅଙ୍ଗୀକାରବୋଧତା ରହୁ। ସେ ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚିବାକୁ ସୁଯୋଗ ଦେଉ । ନିଜ ଭିଟାମାଟିର ଉନ୍ନତି ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ହେଉଛି ଆମର ସାମାଜିକ ଉତ୍ତରଦାୟିତ୍ୱ । କର୍ମସଂସ୍ଥାନ ବା ବିଭିନ୍ନ କାରଣରୁ ଗାଁ ଛାଡ଼ି ଆମେ ସହରରେ ରହୁଥିଲେ ମଧ୍ୟ ଗାଁକୁ ମନେ ପକାଇବା, ଗାଁର ବିକାଶ ପାଇଁ ଚେଷ୍ଟା କରିବା, ସମସ୍ୟା ସମାଧାନରେ ସହାୟକ ହେବା । ଏକଥାଟି ଢଁସର ଗାଁଲୋକେ ଠିକ୍ ବୁଝିଛନ୍ତି । ଏଇ ଗାଁରେ ପୁଣି ମୋ ବୋଉର ପିଉସୀଘର। ସେମାନଙ୍କ ପରିବାର ସହ ମିଶିବାର ସୁଯୋଗ ମିଳିଥିଲା। ସେଦିନ ସଭାରେ ଶ୍ରୋତାମଣ୍ଡଳୀରେ ଉପସ୍ଥିତ ଥିଲେ ସାହିତ୍ୟିକ ତଥା ଅବସରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବନି ଜେନା। ସେ ବି ଦୂର ସମ୍ପର୍କୀୟ ବନ୍ଧୁବାନ୍ଧବ ଡାକିନେଲେ ତାଙ୍କ ଘରକୁ । ଅସୁସ୍ଥତା ସତ୍ତ୍ୱେ ସପତ୍ନୀକ ଆସିଥିଲେ ସଭାକୁ । ବହୁ ପୁସ୍ତକର ସେ ରଚୟିତା । ଏବେ ଢଁସର ଗାଁର ଇତିହାସ ଲେଖୁଛନ୍ତି । ତାଙ୍କ ମତରେ ଢଙ୍କସର ବୋଲି ଗୋଟେ ଶବ୍ଦ ଅଛି, ଯାହାର ଅର୍ଥ ପାଣିଆ। ଯେହେତୁ ଗାଁରେ ବହୁତ ପାଣିର ଉତ୍ସ ଅଛି, ସେଥିପାଇଁ ଗାଁର ନାଁ ଢଁସର ହୋଇଥାଇପାରେ। ଗାଁର ନାମକରଣ ସଂପର୍କରେ ସେ ଆଉ ଏକ ମତ ଥିବାର ମଧ୍ୟ କହିଲେ । ଏକଦା ଗାଁର ଜନୈକ ବ୍ୟକ୍ତି ପୁଅ ବାହାଘର ଭୋଜି ପାଇଁ ବନ୍ଦୋବସ୍ତ କର୍ମଚାରୀଙ୍କ ନିମନ୍ତ୍ରଣ କରିଥିଲେ । ପ୍ରଥମେ ଗାଁର ଛୋଟପିଲା, ଗାଁଲୋକ ଖାଇସାରିବା ପରେ ବନ୍ଦୋବସ୍ତ କର୍ମଚାରୀ ଖାଇଲେ। ଡାଲି ନିଅଣ୍ଟିଆ ହେବାରୁ ଗରମ ପାଣି ମିଶାଇଦେଲେ ରୋଷେୟା । ଡାଲି ଖାଇ ବନ୍ଦୋବସ୍ତ କର୍ମଚାରୀ ଢଙ୍କସର ବୋଲି କହିଲେ, ତେଣୁ ଗାଁର ନାମ ଏପରି ହୋଇଗଲା। ନାମକରଣ ପଛରେ ଆହୁରି ଅନେକ ରୋଚକ କାରଣ କଥା ଶ୍ରୀଯୁକ୍ତ ଜେନା ଉଲ୍ଲେଖ କରିଥିଲେ। ଏହାପରେ ଭେଟିଲୁ ସେଇ ଗାଁର ବିଶିଷ୍ଟ କବି ସତ୍ୟବାଦୀ ରାଉତଙ୍କୁ। ଭାରି ଖୁସି ହେଲେ । 'ନଈରେ ନଈରେ ପାଣି, ପହଁରୁଛି ମାଛ ପରି ଜହ୍ନ'... ପିଲାବେଳେ 'ମହଲ'ରୁ ପଢିଥିଲି ତାଙ୍କ କବିତା । ସେଇଦିନୁ ବଡ଼ ପ୍ରଶଂସକ ସାଜିଥିଲି ତାଙ୍କର। ଅସୁସ୍ଥତା ସତ୍ତ୍ୱେ ସୃଜନଶୀଳତା ପ୍ରତି ତାଙ୍କର ଅଙ୍ଗୀକାରବୋଧ ଭାରି ଉତ୍ସାହିତ କଲା। ମୋ ପାଇଁ ଅନେକ କିଛି ଶିଖିବାର, ଜାଣିବାର ଦିନଟିଏ ଥିଲା ସେଦିନ ।

*ବିଶ୍ୱାତ୍ମା, ଏମ୍-୨୩,*
*ବିଡିଏ କଲୋନୀ, ଖୋର୍ଦ୍ଧା*
*ମୋ ୮୨୪୯୬୭୨୯୦୯୯*

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୩ ଫେବୃଆରୀ ୨୦୨୬ ସୋମବାର ପୃଷ୍ଠା ୫




ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନରୁ ଜଣାଯାଇଛି, ସାରା ବିଶ୍ୱରେ କ୍ଷୁଧା ଯେତିକି ମୃତ୍ୟୁର କାରଣ ତା'ଠାରୁ ଅଢ଼େଇଗୁଣ ଅଧିକ ମୃତ୍ୟୁର କାରଣ ମେଦବହୁଳତା । କ୍ଷୁଧା ଓ ଅପପୁଷ୍ଟି ସିଧାସଳଖ ଭାବରେ ମନୁଷ୍ୟର ଜୀବନ ନିଅନ୍ତି । ମାତ୍ର ମେଦବହୁଳତା ଓ ଅଧିକ ଓଜନ ହାତରେ ନମାରି ଭାତରେ ମାରିବା ନ୍ୟାୟରେ ନାନାପ୍ରକାର ପ୍ରାଣଘାତକ ରୋଗୀର କାରଣ ହୋଇଥାଏ । ତେଣୁ ଏବେ ମେଦ ହ୍ରାସ ଓ ଓଜନ ହ୍ରାସ ପ୍ରତି ସଚେତନତା ବୃଦ୍ଧି ହୋଇଛି । ମେଦ ହ୍ରାସ ନିମନ୍ତେ ନାନାପ୍ରକାର କୃତ୍ରିମ ଔଷଧ ଓ ଜିମ୍‌ର ସାହାର ନେବାକୁ ଲୋକମାନେ ପଛଉନାହାନ୍ତି । ତେଣୁ ଏହା ଏକରକମ୍ ବ୍ୟବସାୟିକ ରୂପ ନେଇସାରିଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ମେଦ ହ୍ରାସ ପାଇଁ ଓ ଓଜନ କମାଇବା ପାଇଁ ଆପଣଙ୍କ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ହେବ । କେବଳ ନିୟମିତ ଭାବରେ କିଛି ଘରୋଇ ଉପଚାରକୁ ଆପଣେଇ ନେଲେ ଆପଣ ବି ପାଇପାରିବେ ମେଦ ବିହିନ ସୁଠାମ ଶରୀର । ଏସବୁ ଉପଚାର ସହ ଶାରୀରିକ ପରିଶ୍ରମକୁ ମିଶାଇ ଦେଲେ ମେଦ ହ୍ରାସ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଯିବ ।





# ମେଦମୁକ୍ତ ସୁଠାମ ଶରୀର ପାଇଁ

**ଡାଲଚିନି ଚା' :** ଆମ ଓଜନ ସହ ରକ୍ତଶର୍କରାର ସମ୍ପର୍କ ଖୁବ୍ ନିବିଡ଼ । ଭୋକ ଓ ପରିଶ୍ରମ କରିବାର ଇଚ୍ଛା ସହ ଏହା ଜଡ଼ିତ । ଯଦି ଆପଣଙ୍କ ରକ୍ତ ଶର୍କରା ସନ୍ତୁଳିତ ତେବେ ଆପଣଙ୍କୁ ଅନାବଶ୍ୟକ ଭୋକ ହେବନାହିଁ । ଆପଶଙ୍କ ଶରୀର ଜମା ଥିବା ଫ୍ୟାଟକୁ ଜମା ହେବାକୁ ନଦେଇ ଶକ୍ତି ଭାବରେ ବିନିଯୋଗ କରିବ । ଡାଲଚିନି ରକ୍ତ ଶର୍କରାକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ । ଏହି ଦୃଷ୍ଟିରୁ ଡାଲଚିନି ଚା' ଖୁବ୍ ଉପଯୋଗୀ । ଡାଲଚିନି ଚା' ପ୍ରସ୍ତୁତ କରିବା ପାଇଁ ଦୁଇକପ୍ ପାଣିରେ ଏକ ଛୋଟ ଚାମଚ ଡାଲଚିନି ଗୁଣ୍ଡ ପକାଇ କିଛି ସମୟ ଫୁଟାନ୍ତୁ ଫୁଟିଯିବା ପରେ ଛାଣି ଚା' ପରି ଦିନରେ ଦୁଇଥର ପିଅନ୍ତୁ ।

**ଅଦା ଓ ଗ୍ରୀନ୍ ଟି :** ଗ୍ରୀନ୍ ଟି' ଓଜନ ହ୍ରାସ କରାଏ । ଏହାର ମୁଖ୍ୟ ଉପାଦାନ କାଫିନ୍, କାଟେଚିନ ଓ ଥିଆନାଇନ୍ । କାଫିନ୍ ଶରୀରର ସମୁଦାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ପାଚନ ଶକ୍ତି ବଢ଼ାଏ । କାଟେଚିନ ଚା'ର ସ୍ୱାଦ ବୃଦ୍ଧି କରିବା ସହ ଏଥିରେ ଆଣ୍ଟି ଆକ୍ସିଡାଣ୍ଟ ଗୁଣରେ ଭରପୂର । ଏଥିସହ କାଟେଚନ୍ ଶରୀରରେ ଲିପିଡ ଶୋଷଣକୁ ହ୍ରାସ କରିଥାଏ । ଗ୍ରୀନ୍ ଟି'ରେ ଥିବା ଥିଆନାଇନ୍ ଆମିନୋ ଏସିଡ୍ ମସ୍ତିଷ୍କକୁ ଖୁସିର ଆଭାସ ଦେଉଥିବା ଡୋପାମାଇନ୍ ନିର୍ଗତ କରାଏ । ଏଥିସହ ଅଦା ସଂଯୁକ୍ତ ହେଲେ ହଜମଶକ୍ତି ବଢ଼େ ଓ ଭିନ୍ନ ମହକ ମିଳେ ।

ଖଣ୍ଡେ ଅଧାଇଞ୍ଚ ଅଦାକୁ ଛେଚି ଦୁଇ କପ୍ ପାଣିରେ ପକାଇ ଫୁଟାନ୍ତୁ । ଫୁଟି ଆସିଲେ ଚା'ପତି ପକାଇ ୨-୩ ମିନିଟ୍ ଫୁଟାଇ ବନ୍ଦ କରିଦିଅନ୍ତୁ । ଦୈନିକ ଖାଲିପେଟରେ ଦୁଇ କପ୍ ପିଅନ୍ତୁ ତେବେ ଏଥିରେ କ୍ଷୀର ବା ଚିନି ପକାଇବା ଉଚିତ୍ ।





**ଗୋଲାପ ପାଖୁଡ଼ା ଜଳ :** ଗୋପାଲ ଜଳ ମୂତ୍ର ବୃଦ୍ଧି କରି ଶରୀରକୁ ଅଧିକ ସୋଡିୟମ୍ ନିଷ୍କାସନ କରିଥାଏ । ତେଣୁ ଅଧିକରୁ ଅଧିକ ପାଣି ପିଇବାର ଆବଶ୍ୟକତା ଦେଖାଦିଏ । ଏହା ଶରୀରକୁ ଶୋଧନ କରି ଓଜନକୁ ନିୟନ୍ତ୍ରଣ ରଖେ ।

ଘରେ ପିଇବା ପାଇଁ ଗୋଲାପ ଜଳ ପ୍ରସ୍ତୁତ କରିବା ନିମନ୍ତେ ଲିଟରେ ପାଣିରେ ଦୁଇ ତିନି ମୁଠା ଗୋଲାପ ପାଖୁଡ଼ା ପକାଇ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ପାଖୁଡ଼ାର ରଙ୍ଗ କମ୍ ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ଥଣ୍ଡା ହେବା ପରେ ଫ୍ରିଜ୍‌ରେ ରଖନ୍ତୁ । ଦୈନିକ ଅଧାକପ୍ କିମ୍ବା କପେ ଲେଖାଏଁ ସକାଳୁ ଖାଲି ପେଟରେ ପିଅନ୍ତୁ ।





**ଦହି-ମହୁ :** ଦହିରେ ଥିବା ପ୍ରୋବାୟୋଟିକ୍ ପାଚନ ପ୍ରକ୍ରିୟାକୁ ସନ୍ତୁଳିତ ରଖି ହଜମ ଶକ୍ତି ବଢ଼ାଏ ଓ ଫ୍ୟାଟ୍ ଜମି ରହିବାକୁ ଦିଏ ନାହିଁ । ଏହା ଓଜନ ବୃଦ୍ଧିକୁ ରୋକେ । ତେବେ ଦହି ସର କଢ଼ାଯାଇଥିବା କ୍ଷୀରରୁ ପ୍ରସ୍ତୁତ ହେବା ଉଚିତ୍ । ଏଥିରେ ଚିନି ନମିଶାଇ ମିଠା ଚାହିଁଲେ ମହୁ ମିଶାଇ ଖାଇବା ଉଚିତ୍ । ହଁ ଏହାକୁ ପ୍ରାତଃ ଭୋଜନରେ ପ୍ରଥମେ ଖାଇ ଅନ୍ୟ ଖାଦ୍ୟକୁ ଯାଆନ୍ତୁ ।



**ଗୋଲମରିଚ - ଲେମ୍ବୁରସ :** ଗୋଲମରିଚରେ ଥିବା ପିପେରିନ୍ ନାମକ ତତ୍ତ୍ୱ ମେଦ କାରକ କୋଷ ନିମନ୍ତେ ଦାୟି ଜିନ୍‌କୁ ନିୟନ୍ତ୍ରିତ କରିପାରେ । ଏହା ରକ୍ତରେ ମେଦର ସ୍ତର ହ୍ରାସ କରି ଖାଦ୍ୟର ପୋଷକ ତତ୍ତ୍ୱ ଗ୍ରହଣକୁ ସହଜ କରେ । ଲେମ୍ବୁରସ ଖାଦ୍ୟ ହଜମକୁ ସହଜ କରେ । ତେଣୁ ଦୈନିକ ଗ୍ଲାସେ ପାଣିରେ ଫାଳେ ଲେମ୍ବୁ ଚିପୁଡ଼ି ଏଥିରେ ଚିମୁଟାଏ ଗୋଲମରିଚ ଗୁଣ୍ଡ ମିଶାଇ ପ୍ରତିଥର ଖାଇବା ପରେ ପିଅନ୍ତୁ ।

**ପ୍ରାତଃ ଭୋଜନରେ ପେଶୁ :** ପେଶୁ ବା ଅଳସୀ ମଞ୍ଜି ସବୁପ୍ରକାର ଅତ୍ୟାବଶ୍ୟକ ଭିଟାମିନ୍ ଓ ମିନେରାଲରେ ଭରପୂର ହେବା ସହ ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ । ଏହା ରକ୍ତରେ କୋଲେଷ୍ଟ୍ରାଲ ପରିମାଣ ହ୍ରାସ କରିବା ସହ ରକ୍ତ ଶର୍କରା ନିୟନ୍ତ୍ରଣରେ ରଖେ । ଏହା ପେଟ ସଫା କରିବା ସହ ଶରୀର ନିମନ୍ତେ ଉପାଦେୟ ବ୍ୟାକ୍ଟେରିଆ ସହଯୋଗୀ ହୁଏ । ପେଶୁକୁ ସକାଳ ଜଳଖିଆରେ ସାମିଲ କରିନେବା ଆବଶ୍ୟକ । ତେବେ ମନେରଖନ୍ତୁ ପେଶୁକୁ ସବୁବେଳେ ଗୁଣ୍ଡ କରି ନଚେତ୍ ଏକଦମ୍ ଚୋବାଇ ଚୋବାଇ ଖାଇବେ । କାରଣ ଏହା ଗୁଣ୍ଡ ନହେଲେ ହଜମ ନହୋଇ ଶରୀରରୁ ନିଷ୍କାସିତ ହେବ ଏହାର ପୋଷକତତ୍ତ୍ୱ ଶରୀରକୁ ମିଳିବ ନାହିଁ ।



**ଲାଉ ରସ :** ଏଥିରେ ଅଧିକ ଖାଦ୍ୟ ତନ୍ତୁ ଥିବା ଯୋଗୁଁ ସବୁବେଳେ ପେଟ ପୂରିବା ପରି ମନେହୁଏ ଓ ଭୋକ କମ୍ ହୁଏ । ଏଥିରେ ଜଳ ଓ ଅନ୍ୟାନ୍ୟ ପୋଷକତତ୍ତ୍ୱର ପରିମାଣ ମଧ୍ୟ ଅଧିକ । ଏହା ବାରମ୍ବାର ଖାଇବାର ଇଚ୍ଛା କମ୍ କରେ । ତେଣୁ ଭୋକ ନଥାଇ ଖାଇବାର ଇଚ୍ଛା ହେଲେ କପେ ଲାଉ ରସ୍‌ରେ ସାମାନ୍ୟ ଲେମ୍ବୁରସ ମିଶାଇ ପିଅନ୍ତୁ ।

**ସେଓ :** ସେଓରେ ଖାଦ୍ୟଜତନ୍ତୁ ପରିମାଣ ଅଧିକ ଥିବାରୁ ଏହା ବାରମ୍ବାର କ୍ଷୁଧାର ଅନୁଭବ ଦିଏନି । ଏଥିସହ ସେଓ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରିତ କରିପାରେ । ସେଓରେ ଥିବା ପେକ୍‌ଟିନ୍ ନାମକ ତତ୍ତ୍ୱ କୋଲେଷ୍ଟ୍ରୋଲ୍ ପରିମାଣ କମ୍ କରି ରକ୍ତଶର୍କରା ପରିମାଣ କମ୍ କରିଥାଏ । ପ୍ରାକୃତିକ ଭାବରେ ଏଥିରେ ସୋଡିୟମ୍ ପରିମାଣ କମ୍ ଥିବାରୁ ଏହା ଶରୀରରେ ଅନାବଶ୍ୟକ ଜଳ ରୋକି ରଖେନାହିଁ । ତେଣୁ ଦିନରେ ଭୋକ ଲାଗିବା ସମୟରେ ଗୋଟିଏ ବା ଦୁଇଟି ସେଓ ଖାଆନ୍ତୁ । ହଁ ସେଓର ଚୋପା ନଛଡାଇ ଖାଆନ୍ତୁ । କାରଣ ଏଥିରେ ଅଧିକ ପରିମାଣର ଖାଦ୍ୟ ତନ୍ତୁ ଥାଏ । ଓଜନ କମ୍ କରିପାରିବା ଭଲ ନିଶ୍ଚୟ ।

ତେବେ ଓଜନ ସବୁକିଛି ନୁହେଁ । ମାଂସପେଶୀର ଓଜନ ମେଦ ତୁଳନାରେ ଅଧିକ । ତେଣୁ ଏକଦମ୍ ପତଳା ହେବା ଅପେକ୍ଷା ସ୍ୱାସ୍ଥ୍ୟବାନ ରହିବା କାମ୍ୟ । ମନେରଖନ୍ତୁ ମାନସିକ ଚାପ ଓଜନ ବଢ଼ାଇବାର ଅନ୍ୟତମ ଉପାଦାନ । ମାନସିକ ଚାପ ଯୋଗୁଁ ମଣିଷ କାମ କରିବାର ଇଚ୍ଛା ହରାଏ ଫଳରେ ଶକ୍ତି ଉପଯୋଗ ନହୋଇ ଓଜନ ବଢ଼େ ।

ରାତାରାତି ଓଜନ କମ୍ କରିଦେବା ପରି କୌଣସି ସୁପରଫୁଡ୍ ନାହିଁ । ଯଦି କେହି ଏହା ଦାବି କରୁଥାଏ ତାହା ଆପଣାନ୍ତୁ ନାହିଁ କାରଣ ଏହା ବିପଜ୍ଜନକ ପାର୍ଶ୍ୱପ୍ରଭାବର କାରଣ ହେବ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ନିହାତି ଆବଶ୍ୟକ ।

ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ପାଚନ ପ୍ରଣାଳୀ ସକ୍ରିୟ ହେବା ଆବଶ୍ୟକ । ଆମମାନଙ୍କ ମଧ୍ୟରୁ ଅନେକଙ୍କର ଅଭ୍ୟାସ ଖାଇସାରିବା ପରେ ତୁରନ୍ତ ବିଛଣାକୁ ଯିବା । କିନ୍ତୁ ମନେରଖନ୍ତୁ ଆମେ ଶୋଇବା ମାତ୍ରେ ପାଚନ ପ୍ରକ୍ରିୟା ଧୀମେଇ ଯାଏ । ତେଣୁ ଖାଇବାର ତୁରନ୍ତ ପରେ ପରେ ଶୋଇବା ଓଜନ ବୃଦ୍ଧିକୁ ଡାକିଆଣେ । ଓଜନ ହ୍ରାସର ମୁଖ୍ୟ ଉଦ୍ଦେଶ୍ୟ ସ୍ୱାସ୍ଥ୍ୟବାନ ରହିବା । ତେଣୁ ସୁନ୍ଦର ଦେଖାଯିବା ପାଇଁ ଓଜନ କମ୍ କରିବା ବଦଳରେ ସୁସ୍ଥ ରହିବା ପାଇଁ ଓଜନ କମାନ୍ତୁ ।

ହଁ ଓଜନ କମ୍ କରିବା ନିମନ୍ତେ ଆଉ ଦୁଇ ସହାୟକ ହେଉଛନ୍ତି ବ୍ୟାୟାମ ଓ ଉପଯୁକ୍ତ ପରିମାଣର ନିଦ୍ରା । ସନ୍ତୁଳିତ ଖାଦ୍ୟ ସହ ଆବଶ୍ୟକ ପରିମାଣର ଶାରୀରିକ ସକ୍ରିୟତା ଓ ଉପଯୁକ୍ତ ପରିମାଣର ନିଦ ହିଁ ଓଜନକୁ ନିୟନ୍ତ୍ରଣରେ ରଖି ସୁଠାମ ସ୍ୱାସ୍ଥ୍ୟବାନ ଶରୀରର ଅଧିକାରୀ କରାଏ ।

ଯେତେବେଳେ ଆପଣ ନିଜ ଖାଦ୍ୟରୁ ଯେତିକି କ୍ୟାଲୋରି ଆହରଣ କରୁଛନ୍ତି ତା'ଠାରୁ ଅଧିକ ଖର୍ଚ୍ଚ କରିବେ ସେତେବେଳେ ଶରୀରର ଗଚ୍ଛିତ ମେଦଗୁଡ଼ିକୁ କ୍ୟାଲୋରୀରେ ପରିଣତ କରିବ । ଫଳରେ ମେଦ କୋଷଗୁଡ଼ିକ ସଙ୍କୁଚିତ ହୋଇଯିବ । ଏହା ସମ୍ପୂର୍ଣ୍ଣ ଭାବରେ ଶରୀରରୁ ଚାଲିଯିବ ନାହିଁ କେବଳ ନିଜର ଆକାର ବଦଳାଇବ । ଏହାହିଁ ଶରୀର ଓଜନର ମୂଳ କଥା । ତେବେ ଏହା ପରିବେଶ ଓ ବଂଶାନୁକ୍ରମିତା ଉପରେ ମଧ୍ୟ ନିର୍ଭର କରିଥାଏ । ସବୁ ସହିତ ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ନିୟମିତ ଦିନଚର୍ଯ୍ୟା ମଧ୍ୟ ଅନ୍ୟ ଏକ କାରଣ । ନଚେତ୍ ଯେତେ ପରିଶ୍ରମ କଲେ, ସନ୍ତୁଳିତ ଖାଦ୍ୟ ଖାଇଲେ ମଧ୍ୟ ଓଜନ ହ୍ରାସ କରିବା ସହଜ ହେବନି ।



---



# ଜୀବନ ଅବଧି ବଢୁଛି
# ଜୀବନଶୈଳୀ ରୋଗ ବଢୁଛି



**ଅ**ବ୍ୟବସ୍ଥିତ ଜୀବନଶୈଳୀ, ବେପରୁଆ ଜୀବନ, କର୍ମବ୍ୟସ୍ତତାର ଚାପ, ଯାବତୀୟ ଶାରୀରିକ ଓ ମାନସିକ ଷ୍ଟ୍ରେସ୍ ଭିତରେ ବି ଭାରତୀୟଙ୍କ ଆୟୁଷ ବଢୁଛି । ଗତ ଦୁଇବର୍ଷ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁ ଅତିକମ୍‌ରେ ୬୭ ବର୍ଷରୁ ଊର୍ଦ୍ଧ୍ୱ ବଞ୍ଚିବେ । ଜନ୍ମ, ମୃତ୍ୟୁ ଓ ରୋଗକୁ ନେଇ ହୋଇଥିବା ଗବେଷଣାର ରିପୋର୍ଟକୁ ଆଧାର କରି ଏହି ତଥ୍ୟରେ ଉଲ୍ଲେଖ ରହିଛି । ପୁରୁଷଙ୍କ ତୁଳନାରେ ମହିଳାମାନେ ୬୮ରୁ ୬୯ ବର୍ଷ ପର୍ଯ୍ୟନ୍ତ ବଞ୍ଚିବାକୁ ସକ୍ଷମ ହେଉଛନ୍ତି । କିନ୍ତୁ ଭାରତ ତୁଳନାରେ ଅନ୍ୟ ଉନ୍ନତ ଦେଶମାନେ ଯଥେଷ୍ଟ ଆଗରେ ରହିଛନ୍ତି । ଉଦାହରଣ ଭାବେ ଏକ୍ଷେତ୍ରରେ ଜାପାନ ବିଶ୍ୱରେ ସବୁଠୁ ଆଗରେ ରହିଥିବା ଦେଖାଯାଇଛି । କାରଣ ଏହି ରାଷ୍ଟ୍ରର ଲୋକଙ୍କ ହାରାହାରି ଆୟୁଷ ପ୍ରାୟ ୮୪ ବର୍ଷ ଥିବାବେଳେ ଅନ୍ୟ ବିକଶିତ ରାଷ୍ଟ୍ର ଯଥା- ଅଷ୍ଟ୍ରେଲିଆ, ଆମେରିକା, ସ୍ୱିଜରଲ୍ୟାଣ୍ଡ, ଇଟାଲୀ ଓ ସ୍ପେନ ଭଳି ରାଷ୍ଟ୍ରମାନଙ୍କରେ ଲୋକଙ୍କ ହାରାହାରି ଆୟୁଷ ୮୦ ବର୍ଷ ରହିଛି । କିନ୍ତୁ ଏହି ତୁଳନାରେ ଆଫ୍ରିକୀୟ ରାଷ୍ଟ୍ର ଯଥା ନାଇଜେରିଆ, ସୋମାଲିଆ, ଆଙ୍ଗୋଲା ଓ ମୋଜାମ୍ବିକ ଭଳି ଦେଶଗୁଡ଼ିକରେ ବିଭିନ୍ନ ରୋଗଜନିତ ମୃତ୍ୟୁ ଅଧିକ ହେଉଥିବାରୁ ଏଠାକାର ଲୋକଙ୍କ ହାରାହାରି ଆୟୁଷ ୫୦ବର୍ଷ ମଧ୍ୟରେ ସୀମିତ ରହିଛି । ଏହି କ୍ରମରେ ଦେଖିଲେ ଭାରତରେ କେରଳ ରାଜ୍ୟରେ ଲୋକଙ୍କ ଆୟୁଷ ଅନ୍ୟ ରାଜ୍ୟଗୁଡ଼ିକ ଠାରୁ ଅଧିକ ରହିଛି । ଏହି ରାଜ୍ୟରେ ଲୋକଙ୍କ ହାରାହାରି ଆୟୁଷ ୭୪ରେ ଥିବାବେଳେ ଓଡ଼ିଶାରେ ଏହି ହାର ୫୯.୬ ରହିଥିବା ୟୁଏନ୍‌ଓପି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ହ୍ୟୁମାନ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସରେ ଦର୍ଶାଯାଇଛି । ତଥାପି ଭାରତ ଖାସ୍ କରି ଓଡ଼ିଶାରେ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ରହିବା ଆବଶ୍ୟକ ବୋଲି ଏହି ରିପୋର୍ଟର ମତ ।

ଆଗପରି ଅବସ୍ଥା ଆଉ ନାହିଁ । ଏବେ ରୋଗ ନିରୂପଣ ସହଜ ହୋଇଯାଇଛି । ଲୋକେ ସ୍ୱାସ୍ଥ୍ୟ ପ୍ରତି ଅନେକ ମାତ୍ରାରେ ସଚେତନ ହୋଇପଡ଼ିଛନ୍ତି । ଏପରିକି ଘରେ ବସି ମଧ୍ୟ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବା ମାତ୍ରେ ଲୋକେ ବିଭିନ୍ନ ରୋଗର ଆଶଙ୍କା କରିପାରୁଛନ୍ତି ଯାହା ୫୦ବର୍ଷ ତଳେ ଲୋକେ ଜାଣିପାରୁ ନଥିଲେ । ଏବେ ସ୍ୱାସ୍ଥ୍ୟରେ ସାମାନ୍ୟ ଅସୁବିଧା ହେଲେ ଲୋକେ ଅବିଳମ୍ବେ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି । ମୁଖ୍ୟତଃ ଲାଇଫ ଷ୍ଟାଇଲ ଡିଜିଜ ଯଥା ମଧୁମେହ, ରକ୍ତଚାପ, ବିଷାଦ, ମୋଟାପଣ, ଲିଭରଜନିତ ଲିଭରସିରୋସିସ୍, ପେଟଜନିତ ଗ୍ୟାସ୍ ସମସ୍ୟା ଭଳି ରୋଗ ବାବଦରେ ଲୋକେ ବେଶ୍ ସଚେତନ ହେଉଛନ୍ତି । ସଂପ୍ରତି ମଦ୍ୟପାନ ଜନିତ ଜଟିଳ ରୋଗର ସମସ୍ୟା ସମାଜକୁ ଭାରାକ୍ରାନ୍ତ କରୁଥିବାବେଳେ ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍, ପେଟରେ ପାଣି ଜମିବା, ଲିଭର କ୍ୟାନସର ଦେଖାଯାଉଛି । ସେହିପରି ଭାବରେ ହେପାଟାଇଟିସ୍ ବି ଓ ସି ଭୁତାଣୁ ଦ୍ୱାରା ଯକୃତ ସଂକ୍ରମଣ ହେଲେ ୧୫ରୁ ୨୦ ବର୍ଷ ଭିତରେ ଲିଭର ସିରୋସିସ୍ ଓ ଲିଭର କ୍ୟାନସର ରୋଗ ହୁଏ । ତେଣୁ ଏହି ଦୁଇଟି ଭୂତାଣୁର ନିରାକରଣ କରିବା ଅତ୍ୟନ୍ତ ଜରୁରୀ । ହେପାଟାଇଟିସ୍ ବି ସଂକ୍ରମକଣକୁ ପ୍ରତିହିତ କରିବା ପାଇଁ ହେପାଟାଇଟିସ୍‌ବିର ଟୀକା ନେବା ବାଞ୍ଛନୀୟ । କିନ୍ତୁ ଯୁବାବସ୍ଥାରେ କେତେକ କ୍ଷେତ୍ରରେ ସଚେତନତା ବଢୁଥିବାରୁ ବା ପରୀକ୍ଷା ନିରୀକ୍ଷା କରିବା ସହ ପାର୍ଶ୍ୱପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି କେତେକ ରୋଗୀ ନିୟମିତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଉଥିବାରୁ ଏହା ଜଟିଳ ସମସ୍ୟା ଭାବେ ଆଉ ଦେଖାଦେଉନି । ଆହୁରି ମଧ୍ୟ ନିର୍ଦ୍ଦିଷ୍ଟ ବୟସ ଅତିକ୍ରମ କରିବା ପରେ ଲୋକେ ଏମ୍‌ଆର୍‌ଇ ବା ନିୟମିତ କେତେକ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଉଛନ୍ତି । ୬୦ବର୍ଷ ଅତିକ୍ରମ କରିବା ପରେ ଏବେ ହୃଦ୍‌ଘାତଜନିତ ମୃତ୍ୟୁର ଆଶଙ୍କା ଅଧିକ ରହୁଛି । ମାତ୍ର ଏଥିରୁ କିପରି ରକ୍ଷା ମିଳିବ ସେ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ବଢୁଛି ।



ଭାରତ ହେଉଛି ବିଶ୍ୱରେ ମଧୁମେହ ରୋଗର ରାଜଧାନୀ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ସର୍ବାଧିକ । ଅନେକ ସଂକ୍ରାମକ ରୋଗର ନିରାକରଣ, ଏବେ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ସହଜ ଉପଲବ୍ଧ ଲୋକଙ୍କ ଆୟୁଷ ବୃଦ୍ଧିରେ ସହାୟକ ହୋଇଛି। ସମଗ୍ର ବିଶ୍ୱରେ ଭାରତ ଆୟୁ ବୃଦ୍ଧି ରାଷ୍ଟ୍ର ତାଲିକାରେ ୧୩୯ରେ ରହିଛି। ଅନ୍ୟ ଉନ୍ନତ ରାଷ୍ଟ୍ରମାନେ ଆମଠାରୁ ଢ଼େର ଆଗରେ ରହିଛନ୍ତି । ସେମାନଙ୍କ ସମକକ୍ଷ ହେବା ପାଇଁ ୬୦ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଯତ୍ନବାନ ହେବାକୁ ପଡ଼ିବ । ତେଣୁ ଆମକୁ ଆମ ଜୀବନ ଶୈଳୀରେ ଆହୁରି ପରିବର୍ତ୍ତନ ଆଣିବାକୁ ପଡ଼ିବ । ସାଧାରଣତଃ ୬୫ ବର୍ଷ ପରେ ମସ୍ତିଷ୍କରେ ଥିବା ସ୍ନାୟୁକୋଷର ଅବକ୍ଷୟ ଆରମ୍ଭ ହୋଇଥାଏ । ଫଳରେ ଏମାନଙ୍କ କ୍ଷେତ୍ରରେ ସ୍ମରଣଶକ୍ତି ହ୍ରାସ ପାଇବା ସହିତ ସେ ନିତିଦିନିଆ କାର୍ଯ୍ୟ କରିବାରେ ଭୁଲ ଭଟକା କରିଥାନ୍ତି। ତେଣୁ ଏହାକୁ ଡିମେନ୍‌ସିଆ ବା ବୁଦ୍ଧିହ୍ରାସ କୁହାଯାଏ । ଏବେ ଏହି ରୋଗର ଗୁଣସୂତ୍ର ବା ଜିନ୍ ଚିହ୍ନଟ ହୋଇସାରିଛି । ଏଣିକି ଏହାର ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଉଦ୍ୟମ ଜାରି ରହିଛି। ବାଇଓ ଷ୍ଟାଟିଷ୍ଟିକ୍ସ ବା ଜୀବ ପରିସଂଖ୍ୟାନରୁ ଆୟୁବୃଦ୍ଧି ଘଟିଥିବା ଜଣାପଡ଼ିଛି । ତାହାର ମୁଖ୍ୟ କାରଣ ହେଉଛି ଚିକିତ୍ସା ବିଜ୍ଞାନର ବହୁଳ ପ୍ରସାର ଓ ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ରୋଗୀଙ୍କ ଚିକିତ୍ସା କରାଯାଉଛି । ସଂକ୍ରାମକ ରୋଗଗୁଡ଼ିକର ପ୍ରାଦୁର୍ଭାବ ଅନେକମାତ୍ରାରେ ପ୍ରଶମିତ ହୋଇଛି । ପ୍ରତ୍ୟେକଦିନ ଖାଲିପେଟରେ ସକାଳେ କିମ୍ବା ସନ୍ଧ୍ୟାରେ ୨ କିଲୋମିଟର ଚାଲିବା ଦ୍ୱାରା ଲାଇଫ ଷ୍ଟାଇଲ ଡିଜିଜ୍‌କୁ ୬୦ ପ୍ରତିଶତ ପ୍ରତିରୋଧ କରିପାରିବ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ପ୍ରାଚୀନ ଭାରତର ଯୋଗାସନ ବ୍ୟବସ୍ଥାକୁ ଆଜି ସମଗ୍ର ବିଶ୍ୱ ଆପଣାଇ ନେବା ସହ ମିଳିତ ଜାତିସଂଘ ଏକ ନିର୍ଦ୍ଦିଷ୍ଟ ଦିବସକୁ ବିଶ୍ୱଯୋଗ ଦିବସ ଭାବେ ଗ୍ରହଣ କରିଛି । ସରକାରୀ ବ୍ୟବସ୍ଥାରେ ବ୍ୟାପକ ମାତ୍ରାରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଯାଇ ଉନ୍ନତ ଚିକିତ୍ସା ସୂଚନା ପ୍ରଯୁକ୍ତି ସହାୟତା ନିଆଯାଇ ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଓ ପ୍ରସାରଭିମୁଖୀ କରାଯାଉଛି। କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ସ୍ୱାସ୍ଥ୍ୟ ସଚେତନ ହେଲେଣି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦିନକୁ ଦିନ ଅଧିକ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇବା ସହ ଭ୍ରାମ୍ୟମାଣ ଚିକିତ୍ସା ଦଳ ଘର ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଦ୍ୱାରା ପରିଣତ ବୟସର ରୋଗୀମାନେ ଅନେକ ସୁବିଧା ପାଇ ପାରୁଛନ୍ତି । ଲୋକମାନଙ୍କ ଜୀବନଶୈଳୀ ପରିବର୍ତ୍ତିତ ହେବା ସହ ସ୍ୱାସ୍ଥ୍ୟ ଜୀବନକୁ ଗୁରୁତ୍ୱ ଦେଉଥିବାରୁ ମୁମୂର୍ଷୁ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି ଯାହାକି ଅତ୍ୟନ୍ତ ଖୁସିର କଥା ।

*ଡା. ଉମେଶ ଚନ୍ଦ୍ର ପାତ୍ର*
*ମୋ. ୯୪୩୭୦୫୧୯୫୭*





ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୩ ଫେବୃଆରୀ ୨୦୨୬ । ସୋମବାର

## ଦଣ୍ଡନାଚ଼ ପାଇଁ ଏସଓପି

**କବିସୂର୍ଯ୍ୟନଗର,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦଣ୍ଡନାଚ଼ରେ ସାମାଜିକ ନାଟକ ପରିବେଷଣକୁ ନେଇ ଲାଗିରହିଥିବା ଦ୍ୱନ୍ଦ ଦୂର ହେଲା । ଆଉ ମାତ୍ର କିଛି ଦିନ ପରେ ହେବାପାଇଁ ଯାଉଛି ଗଞ୍ଜାମ ଜିଲ୍ଲାର ପ୍ରସିଧ ଦଣ୍ଡ ଯାତ୍ରା । ଦଣ୍ଡ ଯାତ୍ରାରେ କିଭଳି ନୃତ୍ୟ ଗୀତ ପରିବେଷଣ ହେବ କଳାକାରଙ୍କ ପୋଷାକ କିଭଳି ରହିବ ଏନେଇ ଏସ୍ଓପି ଜାରି କରିଛି ବ୍ରହ୍ମପୁର ମହାନଗର ନିଗମ । ଚ଼ଳିତ ବର୍ଷ ଦଣ୍ଡ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ପାରମ୍ପରିକ, ଧାର୍ମିକ କଥା ବସ୍ତୁକୁ ନେଇ ସାମାଜିକ ନାଟକ କରାଯାଇପାରିବ । କିନ୍ତୁ ନାଟକ ମଝିରେ ଆଧୁନିକ ଗୀତ, ଅଶ୍ଳୀଳତାକୁ ପ୍ରବେଶ କରାଇବେ ନାହିଁ । ସେହିପରି ବନ୍ୟଜନ୍ତୁଙ୍କୁ ଷ୍ଟେଜ ଉପରେ ପ୍ରଦର୍ଶନ କରି ପାରିବେ ନାହିଁ । କଳାକାରମାନେ ଡ୍ରେସ ପିନ୍ଧି ଶାଳୀନତା ରଖିବେ । ଏହା ସହିତ ଓଡିଶୀ, ସମ୍ବଲପୁରୀ, ସଚେତନତା ମୂଳକ ନୃତ୍ୟ କରିପାରିବେ କହିଛନ୍ତି କମିଶନର । ଯେଉଁମାନେ ଏସ୍ଓପି ପାଳନ କରିବେନି ସେମାନଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରାଯିବ । ଯେଉଁମାନେ ଦଣ୍ଡଯାତ୍ରା ଆୟୋଜନ କରିବେ ସେମାନେ ପୋଲିସ ଠାରୁ ଅନୁମତି ନେଇ ସମସ୍ତ ପ୍ରକାର ନୀତି ନିୟମକୁ ପାଳନ କରି ଯାତ୍ରା ଆୟୋଜନ କରନ୍ତୁ ବୋଲି କହିଛନ୍ତି ବ୍ରହ୍ମପୁର ଏସପି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଏସ୍ଓପିକୁ ମାନି ଯାତ୍ରା କରିବୁ ବୋଲି ପ୍ରତିକ୍ରିୟା ରଖିଛନ୍ତି ଗଞ୍ଜାମ ଜିଲ୍ଲା ଦଣ୍ଡ ନାଚ଼ ମହାସଂଘ ସଭାପତି ବ୍ରଜସୁନ୍ଦର ମଳିକ । ଗତ କିଛି ଦିନ ଧରି ସାମାଜିକ ନାଟକ ପରିବେଷଣକୁ ନେଇ ଲାଗିରହିଥିବା ଦ୍ୱନ୍ଦ ଦୂର ହେବା ପରେ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି କଳାକାର ଓ ଦଣ୍ଡ ନାଚ଼ କମିଟି ଓ ବିଭିନ୍ନ ସଂଘ କର୍ମକର୍ତ୍ତା ।

## 'ଶିକ୍ଷା ଓ କ୍ରୀଡା ଗୋଟିଏ ମୁଦ୍ରାର ୨ ପାର୍ଶ୍ୱ'



**ଗୋପ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧ତମ ବାର୍ଷିକ କ୍ରୀଡା ଉତ୍ସବ ଅବସରରେ ଗୋପର ଯୁବ ଓ ଦକ୍ଷ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଆଗାମୀ ପାଞ୍ଚ ମାସ ଭିତରେ ଉକ୍ତ ଶିକ୍ଷାନୁଷ୍ଠାନ ପାଇଁ ଏକ ଖେଳ ପଡିଆର ବ୍ୟବସ୍ଥା କରିବେ ବୋଲି ମଞ୍ଚାସୀନ ଲୋକ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ । ଗୋପ ବ୍ଲକ ଅଧିନସ୍ତ ଗଣେଶ୍ୱରପୁର ଗ୍ରାମ ପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବଦତ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସମାରୋହରେ ଅତିଥି ଭାବରେ ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ, ୧୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ଅବସରପ୍ରାପ୍ତ ଶିକ୍ଷକ ସଂଘ ରାଜ୍ୟ ଉପ-ସଭାପତି ସୁଶାନ୍ତ କୁମାର ନାୟକ, ଗୋପ ଶିକ୍ଷକ ସମନ୍ୱୟ ସମିତି ସଭାପତି ଅଜୟ କୁମାର ରଥ, ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସରୋଜ ମିଶ୍ର, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ, ଗଣେଶ୍ୱରପୁର କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ଦେବାଶିଷ ପ୍ରଧାନ, ଗୋପ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସମ୍ରାଟ ଭଞ୍ଜ ଭୋଇ ଓ ଦେବେନ୍ଦ୍ର କାନ୍ତି ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମୟରେ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହ ଚ଼ରିତ୍ରବାନ କରି ଗଢି ତୋଳିବାରେ ପିତା ମାତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପରିଚ଼ାଳନା କମିଟି ସଭାପତି ଅଜୟ କୁମାର ଭଟ୍ଟ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚ଼ାଳନା କମିଟିର ସଭ୍ୟ ସଭ୍ୟାମାନେ ପରିଚ଼ାଳନା କରିଥିଲେ ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ



**ନିଆଳି,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଟୋଲା ଗୋପୀନାଥପୁରସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟ, ନିଆଳିର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସର୍ବାଣି ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ କୁମରବର ସାମଲ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ଼.କୈଳାସ ଚ଼ନ୍ଦ୍ର ପାଣି ସମ୍ମାନିତ ଅତିଥିଭାବେ ଜଲ୍ଲାରପୁର ସରପଞ୍ଚ ମଞ୍ଜୁଳତା ପଣ୍ଡା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନନ୍ତ ନାରାୟଣ ସିଂ, ହିରଣ୍ମୟୀ ମିଶ୍ର, ପ୍ରାକ୍ତନ ଅଧାପକ ନିରଞ୍ଜନ ଭୂୟାଁ, ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଶ୍ରିବଚ଼ନ ଦେବା ସହିତ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ସଭାକୁ ଶିକ୍ଷୟିତ୍ରୀ ବନ୍ଦିତା ମହାନ୍ତି ଓ ସୁକନ୍ୟା ମହାପାତ୍ର ସଂଯୋଜନା କରିଥିଲେ । ସଂଗୀତ ଶିକ୍ଷକ ସୌଭାଗ୍ୟ ପ୍ରହରାଜ, ଅମୂଲ୍ୟ କୁମାର ନାୟକ, ରତିକାନ୍ତ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଜମଧରରେ ବରିଷ୍ଠ ନାଗରିକ ମଞ୍ଚ

**କେନ୍ଦ୍ରାପଡ଼ା,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ଗ୍ରାମ ପଞ୍ଚାୟତ ବରିଷ୍ଠ ନାଗରିକମାନଙ୍କର ଏକ ସାଧାରଣ ବୈଠକ କଷୋଟି ସ୍ଥିତ ଶ୍ରୀ ଅନନ୍ତ ଶକ୍ତି ପୀଠଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବରିଷ୍ଠ ନାଗରିକ ମୁରଲୀଧର ପଲେଇ ଅଧକ୍ଷତା କରିଥିଲେ । ସଭାର ସଂଯୋଜକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ସ୍ୱାଇଁ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ଗ୍ରାମରୁ ଉପସ୍ଥିତ ଥିବା ୩୫ ଜଣ ବରିଷ୍ଠ ନାଗରିକ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ଏକ ଉପଦେଷ୍ଟା କମିଟି ଓ ଏକଜିକ୍ୟୁଟିଭ କମିଟି ଗଠନ କରାଯାଇଥିଲା । ଉପଦେଷ୍ଟା କମିଟିରେ ମୁରଲୀଧର ପଲେଇ, ନିରଞ୍ଜନ ବାରିକ, ଅନନ୍ତ ଚରଣ ରାଉତ, ରଘୁ ନାଥ ଦାସ, ବସନ୍ତ କୁମାର ପତି, ନିରଦ କୁମାର ବାରିକ, ଭାସ୍କର ବିଶ୍ୱାଳ ଓ ରମେଶ ଚନ୍ଦ୍ର ସାମଲ ରହିଥିବା ବେଳେ ଏକଜିକ୍ୟୁଟିଭ କମିଟିରେ ନାରାୟଣ ଚନ୍ଦ୍ର ବାରିକ, ସଭାପତି ହରେକୃଷ୍ଣ ବରାଳ, ସମ୍ପାଦକ କ୍ଷୀରୋଦ କୁମାର ନାଥ, ଉପସଭାପତି ହେମନ୍ତ କୁମାର ପତି, ସହ ସମ୍ପାଦକ ବଳରାମ ବରାଳ, କୋଷାଧକ୍ଷ ଗଗନ ବିହାରୀ ସିଂ, ସାଂସ୍କୃତିକ ସମ୍ପାଦକ ସରୋଜକାନ୍ତ ଜେନା, ସଙ୍ଗଠନ ସମ୍ପାଦକ କୃଷ୍ଣ ପ୍ରସାଦ ନାଥ ଶର୍ମା, ଅଶୋକ କୁମାର ରାଉତ, ଅଧିକାରୀ ଗୋପିନାଥ ଦାସ, ରମେଶ ପ୍ରସାଦ ପତି, ଅନାଦି ଚରଣ ଓଝା, ଅଲେଖ ଦାସ, ଅଭିମନ୍ୟୁ ମହାନ୍ତି, ଧନଞ୍ଜୟ ବେହେରା, ଗଜେନ୍ଦ୍ର ମହାନ୍ତି ଓ ମହେଶ୍ୱର ମଣ୍ଡଳ ପ୍ରମୁଖ ସଦସ୍ୟ ଅଛନ୍ତି । ସର୍ବ ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ୨୪ରେ ଚ଼ାଷୀଙ୍କ ରାସ୍ତାରୋକ

**ଭଦ୍ରକ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପିରାହାଟ ଥାନା ଅଧିନ ସିନ୍ଦୋଳ ଲକ୍ଷ୍ମୀ ନାରାୟଣ ମହିଳା ସଂଘ ଧାନ ମଣ୍ଡିର ଚ଼ାଷୀମାନେ ଭଦ୍ରକ - ଚ଼ାନ୍ଦବାଲି ରାଜ୍ୟ ରାଜ୍ୟ ରାଜପଥର ସିନ୍ଦୋଳ ଠାରେ ଚ଼ଳିତ ମାସ ୨୪ ତାରିଖରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବେ ବୋଲି ଚ଼ାଷୀ ବୈଠକରେ ନିଷ୍ପତ୍ତି ନିଆଯାଇଛି । ମିଲରଙ୍କୁ ଫୋନ କଲେ ଧରୁନାହାନ୍ତି । ସେମାନଙ୍କ ଅସହଯୋଗ ପାଇଁ ମଣ୍ଡିରେ ଧାନ ଭର୍ତ୍ତି ହୋଇରହିଛି । ଜିଲ୍ଲାପାଳ ମଣ୍ଡି ପରିଦର୍ଶନ କରି ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ବି ମିଲର କିଛି ଶୁଣୁନାହାନ୍ତି ବୋଲି ଶନିବାର ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ମଣ୍ଡି ସମ୍ମୁଖରେ ଅନୁଷ୍ଠିତ ବୈଠକରେ ଚ଼ାଷୀମାନେ ଏହି ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି । ସେମାନେ ଦର୍ଶାଇଥିଲେ ଯେ ସିନ୍ଦୋଳ ପଞ୍ଚାୟତର ଚ଼ାଷୀମାନଙ୍କ ଧାନ ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ସଂଗ୍ରହ କରାଯାଉଛି । ଗୋଷ୍ଠି ଅଧୀନରେ ୫୩୮ ଜଣ ଚ଼ାଷୀ ପଞ୍ଜିକରଣ କରିଛନ୍ତି ଏବଂ ୨୮ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି । ସେହି ମଣ୍ଡି ସହ ୩ଟି ରାଇସମିଲକୁ ଟ୍ୟାଗ କରାଯାଇଥିଲେ ମଧ୍ୟ ସେମାନେ ଧାନ ଉଠାଉ ନଥିବାରୁ ମଣ୍ଡିରେ ଧାନ ଭର୍ତ୍ତି ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଧାନ ସଂଗ୍ରହ ବନ୍ଦ ରଖାଯାଇଥିବାରୁ ଚ଼ାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏ ସମ୍ପର୍କରେ ଚ଼ାଷୀମାନେ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ୧୬ତାରିଖ ସନ୍ଧ୍ୟାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମଣ୍ଡି ପରିଦର୍ଶନ କରିଥିଲେ । ମାତ୍ର ପରିସ୍ଥିତିରେ ସୁଧାର ଆସିନଥିବାରୁ ଆସନ୍ତା ୨୪ତାରିଖ ମଙ୍ଗଳବାର ଦିନ ଭଦ୍ରକ -ଚ଼ାନ୍ଦବାଲି ରାଜ୍ୟ ରାଜପଥକୁ ଅବରୋଧ କରାଯିବ ବୋଲି ଚ଼ାଷୀମାନେ ଚେତାବନୀ ଦେଇଛନ୍ତି । ପୂର୍ବତନ ସରପଞ୍ଚ ବୈକୁଣ୍ଠ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ମୀନକେତନ ସେନାପତି, ସରୋଜ ନାୟକ, ପ୍ରଦୀପ ଦାସ, ଜଗବନ୍ଧୁ ରାଉଳ, କରୁଣାକର ନାୟକ, ଉମାକାନ୍ତ ନାୟକ, କାଳନ୍ଦୀ ପାଣି, ଦୀପକ ଦାସ, ଭାବଗ୍ରାହୀ ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, ଶ୍ରୀଧର ବାରିକ, ଗୟାଧର ମଲ୍ଲିକ, ଚ଼କ୍ରଧର ସ୍ୱାଇଁ, ଜଗବନ୍ଧୁ ପରିଆରୀ, ନରେନ୍ଦ୍ର ପରିଆରୀ, ଅକ୍ଷୟ ମଲ୍ଲିକ, ବଳରାମ ମଲ୍ଲିକ ପ୍ରମୁଖ ଚ଼ାଷୀମାନେ ଯୋଗଦେଇଥିଲେ ।

## କୋରେଇରେ ଭିଜନ ସମ୍ମିଳନୀ

**କୋଇଡା,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଙ୍କର-କୋରେଇ ଉନ୍ନୟନ ପରିଷଦର ମିଳିତ ସହଯୋଗରେ ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ ପରିସରରେ ମୁଖ୍ୟ ଉପଦେଷ୍ଟା ମନୋଜ ଜେନାଙ୍କ ତତ୍ତ୍ୱାବଧାନରେ କୋରେଇ ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ କଟକ ବାରବାଟୀର ପୂର୍ବତନ ବିଧାୟକ ମହମଦ ମୋକିମ, ଓଡିଶା ସୂଚ଼ନା ଅଧିକାରୀର ମୁଖ୍ୟ ଆବାହକ ପ୍ରଦୀପ ପ୍ରଧାନ, ଓଡିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ, ସଭାପତି କୋରେଇ ଉନ୍ନୟନ ପରିଷଦ ଶ୍ରୀଧର ଦାସ ସମ୍ପାଦକ ଆଲୋକ ଦାସ ପ୍ରମୁଖ ଯୋଗଦେଇ ଆଗକୁ କିଭଳି କୋରେଇର ବିକାଶ ଧାରାକୁ ଆହୁରି ଅଗ୍ରଗତି କରାଯାଇ ପାରିବ ଏବଂ ଅବହେଳିତ ହୋଇ ରହିଥିବା ଲୋକମାନଙ୍କୁ କିଭଳି ସୁବିଧା ସୁଯୋଗ ଯୋଗାଇ ଦିଆଯାଇପାରିବ ସେ ବିଷୟରେ ଆଲୋଚ଼ନା କରାଯିବା ସଂଗେ ସଂଗେ ଆଗାମୀ ଦିନରେ ଅବହେଳିତ ହୋଇ ରହିଥିବା କୋରେଇ ପାଇଁ ସଂଗ୍ରାମ ଜାରି ରହିବ ବୋଲି ମୁଖ୍ୟ ଉପଦେଷ୍ଟା ମନୋଜ ଜେନା ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ ।

## ମାଙ୍ଗାନିଜ ଚୋରା ଚ଼ାଲାଣ



**କୋଇଡା,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାଙ୍ଗାନିଜ୍ ମାଫିଆଙ୍କ ଗଡ ବୋଲାଉଥିବା କୋଇଡା ଖଣି ଅଞ୍ଚଳରେ ଦୀର୍ଘ ବ୍ୟବଧାନ ପରେ ବେଆଇନ ଖଣି କାର୍ଯ୍ୟକଳାପ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବନ ବିଭାଗ । ଶୁକ୍ରବାର ରାତି କୋଇଡା ବନାଞ୍ଚଳ ମେଣ୍ଢାମାରୁଣି ପିଆରଏଫ ଅଞ୍ଚଳ ମଧ୍ୟରେ ବେଆଇନ ଲୁହାପଥର ପରିବହନରେ ଜଡିତ ଦୁଇଟି ୧୬ ଚ଼କିଆ ଟ୍ରକ ଏବଂ ଗୋଟିଏ ଜେସିବି ମେସିନ୍ ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଜବତ କରିଛନ୍ତି । ନିୟମିତ ପାଟ୍ରୋଲିଂ ସମୟରେ ଯାନଗୁଡ଼ିକୁ ଅଟକାଯାଇଥିଲା ଏବଂ ପରେ ଏହି ମାମଲାରେ ଅଟକ ଥିବା ଜଣେ ଅଭିଯୁକ୍ତ ସହିତ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା । ଜବତ ଯାନଗୁଡ଼ିକର ପଞ୍ଜିକରଣ ନମ୍ବର ଓଡ଼ି୦୯ ୱାଇ ୮୫୫୦, ଓଡି ୦୯ ଭି ୮୫୦୮ ଏବଂ ଜେସିବି ଓଡି ୧୪ ଇ ୧୧୩୩ ରହିଛି । ଅବୈଧ ପରିବହନ ହୋଇଥିବା ଲୁହାପଥରର ଉତ୍ସ ଏବଂ ଉଦ୍ଦେଶ୍ୟ ଗନ୍ତବ୍ୟସ୍ଥଳ ନିର୍ଣ୍ଣୟ କରିବା ପାଇଁ ଅଧିକ ତଦନ୍ତ ଚ଼ାଲିଛି । ବେଆଇନ କାର୍ଯ୍ୟରେ ଜଡିତ ଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚ଼ିତ କରିଛନ୍ତି ।

## ମାତୃଭାଷା ଦିବସ

**ଢେଙ୍କାନାଳ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସଦର ବ୍ଲକ୍ ଅନ୍ତର୍ଗତ ମୋଟରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି । ମାତୃଭାଷା ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଓ ମାତୃଭାଷାର ବ୍ୟବହାର ପ୍ରତି ପିଲାମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଗଳ୍ପ କଥନରେ ସ୍ମୃତିରେଖା ସାହୁ, ସ୍ଲୋଗାନ ଲିଖନ ଓ ସଂଗୀତରେ ମୋନାଲିସା ସାହୁ, ପ୍ରବନ୍ଧ ଲିଖନରେ ଶକ୍ତିଲୋଚନ ସାହୁ, ବକ୍ତୃତାରେ ସୌଭାଗ୍ୟବତୀ ଖୀଲାର ଓ କୁଇଜରେ ଜ୍ଞାନରନ ସାହୁ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସନ୍ତୋଷ କୁମାର ଧଳ, ଶିକ୍ଷୟିତ୍ରୀ ଶୋଭାଶ୍ରୀ ଦଳେଇ, ସ୍ନିଗ୍ଧାମୟୀ ନାୟକ ଓ ସ୍ୱର୍ଣ୍ଣପ୍ରଭା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ 'ଅଭ୍ୟୁଦୟ' ମହୋତ୍ସବ



**ହରିଦ୍ୱାର,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ-ଶୈକ୍ଷିକ ମହୋତ୍ସବ ଅଭ୍ୟୁଦୟ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ମହୋତ୍ସବର ବିଷୟବସ୍ତୁ 'ଯୋଗଧର୍ମରୁ ଯୁଗଧର୍ମ' ରହିଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନାଟ୍ୟ ପ୍ରସ୍ତୁତି ସମସ୍ତଙ୍କୁ ମୁଗ୍ଧ କରିଥିଲା । ଏହି ଅବସରରେ ଯୋଗଗୁରୁ ରାମଦେବ କହିଥିଲେ, ଭାରତ ପୂର୍ବରୁ ବିଶ୍ୱଗୁରୁ ଥିଲା, ଅଛି ଓ ସର୍ବଦା ରହିବ । ଏହି ଛାତ୍ରମାନେ ଋଷି ସଂସ୍କୃତିର ଧ୍ୱଜାବାହକ । ସ୍ୱାମୀ ଚିଦାନନ୍ଦ କହିଥିଲେ, ପତଞ୍ଜଳି ଏକ ଅଦ୍ୱିତୀୟ ସାଧନାସ୍ଥଳୀ ଏବଂ ଏହା ରାଷ୍ଟ୍ର ନିର୍ମାଣର ଆଧାର । ସାଧ୍ୱୀ ଭଗବତୀ ସରସ୍ୱତୀ ଏହି ସଂସ୍କାରଯୁକ୍ତ ପିଢିର ଭବିଷ୍ୟତ ଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । କୁଳପତି ଆଚାର୍ଯ୍ୟ ବାଲକିଷ୍ଣ ନାଟ୍ୟ ପ୍ରସ୍ତୁତିର ସଫଳତା ପାଇଁ ସାଧ୍ୱୀ ଦେବପ୍ରିୟାଙ୍କୁ ଧନ୍ୟବାଦ ଜଣାଇଥିଲେ । ମୁଖ୍ୟଅତିଥି ଡ.ଶ୍ରୀନିବାସ ବରଖେଡୀ ଏହାକୁ ପତଞ୍ଜଳି ପରିବାରର ମେଗା ଶୋ' ବୋଲି ବର୍ଣ୍ଣନା କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଆର୍ଯ୍ୟ ଜ୍ଞାନେନ୍ଦ୍ରଙ୍କୁ ଗୁରୁକୃପା ସମ୍ମାନ



**ଭୁବନେଶ୍ୱର,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗୁରୁକୃପା ଚ଼ରିଟେବୁଲ ସୋସାଇଟି ପକ୍ଷରୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ, ବିଶିଷ୍ଟ ଭାଗବତ କଥାକାର, ମାଳିକା ପୁରୁଷ ସନ୍ଥ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଶିଷ୍ୟ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ, ମହନ୍ତ ଚିନ୍ତାମଣି ପର୍ବତ ମହାରାଜଙ୍କ ପୌରହିତ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବରିଷ୍ଠ ସେବକ ସାମନ୍ତ ସୁଦର୍ଶନ ପୂଜାପଣ୍ଡା । ମୁଖ୍ୟ ଅତିଥି ପ୍ରଜ୍ଞା ମିଶନର ସନ୍ଥ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି କହିଲେ ଯେ, ମଣିଷ ଯେତେ ଉଚ୍ଚ ଆସନକୁ ଯିବ, ଯଦି ତାର ମୁଁ ତ୍ୱ ଓ ଅହଙ୍କାରକୁ ତ୍ୟାଗ କରିବ ତେବେ ସେ ସମାଜରେ ନିଶ୍ଚିତ ସମ୍ମାନର ପାତ୍ର ହେବ । ଏହି ଅବସରରେ ମୁଖ୍ୟ ଅତିଥି ସ୍ୱାମିଜୀ, ଉଦଘାଟକ ପୂଜାପଣ୍ଡା ସାମନ୍ତ, ଓଡ଼ିଶାର ସଂସ୍କୃତି ପୁରୁଷ, ବେଦଜ୍ଞ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମୃତି ଫଳକ ଦେଇ ପ୍ରଥମ ଗୁରୁକୃପା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ସୋସାଇଟିର ସମ୍ପାଦକ ଇଂ ବିଷ୍ଣୁ ଚରଣ ସ୍ୱାଇଁ ସ୍ୱାଗତ ଭାଷଣ ଓ ଆଇନଜିବୀ ବୀର ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ । ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ମାତାମଠ, ପୁରାର ମହନ୍ତ ସୁବଳ ଦାସ ମହାରାଜ, ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ଓ ଶ୍ରୀଜଗନ୍ନାଥ ଗବେଷକ ଡଃ ଭାସ୍କର ମିଶ୍ରଙ୍କ ଦ୍ୱାରା ସ୍ମରଣିକା ଗୁରୁକୃପା ଉନ୍ମୋଚିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବାବା ଗିରିଶ ଦାସ, ନାଇଜରର ପୂର୍ବତନ କୁଳସଚିବ ଡଃ ଅଜୟ ନାୟକ, ମା ଶାରଳାଙ୍କ ଅଙ୍ଗଲାଗି ସେବକ ରମାକାନ୍ତ ରାଉଳ, ବିଶ୍ୱନାଥ ରାଉଳ ଓ ମା'ମଙ୍ଗଳାଙ୍କ ଅଙ୍ଗଲାଗି ସେବକ ପଣ୍ଡିତ ସୁଦାମ ଚରଣ ଦୀକ୍ଷିତ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ବାବା ସତ୍ୟାନନ୍ଦଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପ୍ରାର୍ଥନା ଟିଭିର ଉପସ୍ଥାପକ ଅଭିନନ୍ଦନ ଦାସ ସଂଯୋଜନା କରିଥିଲେ । ଏହି ଉପଲକ୍ଷେ ସତ୍ୟସେବା ମଣ୍ଡଳର ଭକ୍ତ ଶିଷ୍ୟମାନେ ଭଜନ, କୀର୍ତ୍ତନ ପରିବେଷଣ ପରେ ନାଉଗାଁ ବୃଦ୍ଧାଶ୍ରମରେ ଆଡଭୋକେଟ ବୀର ନାରାୟଣ ପାତ୍ର ଓ ଭାଗିରଥ ସାହୁ ଫଳ ବଣ୍ଟନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ବାବା ସତ୍ୟାନନ୍ଦ ଦାସ ମହାରାଜ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ

**ଭଦ୍ରକ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିଯୁକ୍ତି ନମିଳିବାରୁ ଭଦ୍ରକ ଜିଲ୍ଲା ଶ୍ୟାମସୁନ୍ଦର ପୁର ଅଂଚ଼ଳର ଯୁବତୀ ବିଜୟା ଲକ୍ଷ୍ମୀ ଦାସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରୁଥିବା ସମୟରେ ପୁଲିସ୍ ଉଦ୍ଧାର କରିଛି । ଯୁବତୀ ବିଜୟଲକ୍ଷ୍ମୀ ଏସପି ମନୋଜ ରାଉତଙ୍କ ନିକଟରେ ଦେଇଥିବା ବୟାନରୁ ଜଣାଯାଇଛି ସେ ଶିଶୁ ବାଟିକା ଚ଼ାକିରୀ ପାଇଁ ୬ ମାସିଆ ଡିପ୍ଲୋମା ଇନ୍ ଆର୍ଲି ଚ଼ାଇଲ୍ଡ କେୟାର ଏଜୁକେଶନ କୋର୍ସ କରି ଚ଼ାକିରୀ ପାଇଁ ଅପେକ୍ଷା କରି ବସିଛନ୍ତି । ତେବେ ସରକାର ଏହି ପଦବୀ ପାଇଁ ପାଇଁ ଆଜିପର୍ଯ୍ୟନ୍ତ କୌଣସି ନିଯୁକ୍ତି ସୂଚ଼ନା ଜାରି କରିନାହାଁନ୍ତି । ତେବେ ଏହି କୋର୍ସରେ ଶିଶୁ ବାଟିକା ଗୁଡିକରେ ସ୍ୱତନ୍ତ୍ର ଅବସ୍ଥାପିତ ପାଇଁ କୌଣସି ବ୍ୟବସ୍ଥା ନଥିବା ନେଇ ସୂଚ଼ନା ପାଇଥିଲେ ଯୁବତୀ । ତେବେ ପୂର୍ବରୁ ଏହି ଦାବିରେ ତାଙ୍କ ସଂଘ ସହ ବହୁଥର ଭୁବନେଶ୍ୱରରେ ଧାରଣାରେ ବସିଥିଲେ । ତେବେ ସେ ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ମଧ୍ୟ ଆସିଥିଲେ ମଧ୍ୟ ସାକ୍ଷାତ୍ ହୋଇପାରିନଥିଲା । ଏହି ସମୟରେ ଯୁବତୀ ଜଣକ ମାନସିକ ସନ୍ତୁଳନ ହରାଇ ଦିଆସିଲିରେ ନିଜ ଡ୍ରେସରେ ନିଆଁ ଲଗାଇଥିଲେ । ତାଙ୍କର ଡ୍ରେସ ଓ ଗୋଡରେ ନିଆଁ ଲାଗିଥିଲା । ତେବେ ସଙ୍ଗେ ସଙ୍ଗେ ଟାଉନଥାନା ପୋଲିସ ଓ ୧୦୮ ଯୋଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଯୁବତୀ ଜଣକ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ଭଦ୍ରକ ଏସପି ମନୋଜ ରାଉତଙ୍କ ସହ ସମସ୍ୟାର ସମାଧାନ ପାଇଁ କଥା ହେବା ପରେ ଘରକୁ ଫେରିଛନ୍ତି ଯୁବତୀ ।

## ବୁଗୁଡାରେ ସାଇବର ଠକେଇର ପର୍ଦ୍ଦାଫାଶ



**ବୁଗୁଡା,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ପ୍ରତି ବିଭିନ୍ନ ମାଧ୍ୟମରେ ସଚେତନତା ସତ୍ତ୍ୱେ ଲୋକେ ସାଇବର ଠକେଇର ଶିକାର ହୋଇଆସୁଥିବା ବେଳେ ଓଡିଶା ପୋଲିସର ସାଇବର କବଚ଼ ସ୍ୱତନ୍ତ୍ର ଅଭିଯାନ ପରିପ୍ରେକ୍ଷୀରେ ବୁଗୁଡା ପୋଲିସ ଏବେ ଏକ ସାଇବର ଠକେଇ ନେଟୱାର୍କର ପର୍ଦ୍ଦାଫାସ କରି ୨ ଜଣ ସାଇବର ଠକଙ୍କୁ ଗିରଫ କରି କୋର୍ଟଚ଼ାଲାଣ କରିଥିବା ଜଣାଯାଇଛି । ଗିରଫ ଠକ ଦ୍ୱୟ ଆସ୍କା ଥାନା ଅନ୍ତର୍ଗତ ଫାପଲପୁର ଗ୍ରାମର ମନୋଜ କୁମାର ସ୍ୱାଇଁ (୩୨) ଓ ଅଶ୍ୱିନୀ କୁମାର ରାଉତ (୨୪) ହୋଇଥିବା ବେଳେ ସେ ଦ୍ୱୟଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୮୧/୨୬ ଓ ୮୨/୨୬ରେ ଦୁଇଟି ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ବୁଗୁଡ଼ା ପୋଲିସ ଥାନା ଅନ୍ତର୍ଗତ ବିଭିନ୍ନ ବ୍ୟାଙ୍କରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ୍ ସମ୍ପର୍କ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଜାରି କରାଯାଇଥିବା ତାଲିକା ଆଧାରରେ ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଏବଂ ଅନ୍ୟ କେତେକ କର୍ମଚ଼ାରୀଙ୍କୁ ନେଇ ଗଠିତ ଏକ ଟିମ୍ ଯାଞ୍ଚ ଆରମ୍ଭ କରିଥିଲା । ପୋଲିସ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ ପ୍ରକ୍ରିୟା କାଳରେ ଅନେକ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟରୁ ୩୦ ଲକ୍ଷ ଟଙ୍କାର ଠକେଇ କାରବାର ଠାବ କରାଯିବା ସହ ସାଇବର ଠକଙ୍କ ବ୍ୟାଙ୍କ ପାସବୁକ୍, କାରବାର ବିବରଣୀ, ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଜବତ କରାଯାଇଛି । ଏଥିସହ ଯାଞ୍ଚ ସମୟରେ ଏହି ସାଇବର ଠକେଇ ନେଟୱାର୍କର ଅନ୍ୟତମ ଅଂଶୀଦାର ଭାବେ ଝାଡଖଣ୍ଡର ରାହୁଲ କୁମାର ମଣ୍ଡଳ ଓ ଉମେଶ କୁମାର ମଣ୍ଡଳଙ୍କୁ ଚ଼ିହ୍ନଟ କରାଯାଇଛି । ତେବେ ପୋଲିସେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୩୬(୩), ୩୪୦(୨), ୬୧(୨), ୧୧୨(୨)/୩(୫) ଏବଂ ଆରଡବ୍ଲ୍ୟୁ ଧାରା ୬୬-ଡି ଆଇଟି ଆଇନ ଅନୁଯାୟୀ ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ବିରୁଦ୍ଧରେ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରି ଏହି ସାଇବର ଠକେଇ ଅପରାଧର ଚେର କେଉଁ ପର୍ଯ୍ୟନ୍ତ ଲମ୍ବି ରହିଛି ସେନେଇ ପୋଲିସ ତା'ର ଅନୁସନ୍ଧାନ ଜାରି ରଖିଥିବା ଜଣାଯାଇଛି ।

## ଓଡ଼ିଶା ବ୍ରାହ୍ମଣ ମହାସଂଘ ଭୁବନେଶ୍ୱର ଶାଖା ଗଠନ



**ଭୁବନେଶ୍ୱର,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ବ୍ରାହ୍ମଣ ମହାସଂଘ ଭୁବନେଶ୍ୱର ଶାଖା ଗଠନ କରାଯାଇ ଖାରବେଳ ନଗରସ୍ଥଡିପ୍ଲୋମା ଇଂଜିନିୟର ସଭାଗୃହରେ ବରିଷ୍ଠ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଏକ ଆଲୋଚ଼ନାଚ଼କ୍ର ଅନୁଷ୍ଠିତ କରାଯାଇ ସର୍ବ ସମ୍ମତି କ୍ରମେ ଇଂଶ୍ରୀକାନ୍ତ ମହାପାତ୍ର, ଦେବେନ୍ଦ୍ରନାଥ ତ୍ରିପାଠୀ, ଉପଦେଷ୍ଟା, ପରମେଶ୍ୱର ମିଶ୍ର, ସଂପାଦକ, ପଦ୍ମନାଭ ଦାଶ, ଉପସଭାପତି, ପ୍ରଦୀପ ପାତ୍ର, ସହ ସଂପାଦକ, ସଂଗଠନ ଏବଂ ସୁବଳ କୁମାର ପଣ୍ଡା, ସହ ସଂପାଦକ (ଅର୍ଥ) ଭାବେ କାର୍ଯ୍ୟ କରିବାକୁ ମନୋନୟନ କରାଯାଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା, କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ସର୍ବଶ୍ରୀ ବିରଜା ପ୍ରସାଦ ଶତପଥୀ, ପ୍ରତାପ ଚ଼ନ୍ଦ୍ର ମିଶ୍ର, ଶରତଚ଼ନ୍ଦ୍ରକର, ସୁନିଲନନ୍ଦ, ରାଜୀବ ଲୋଚ଼ନ ମହାପାତ୍ର, ଅଜୟ କୁମାର କର, ସୁନିଲ ମହାପାତ୍ର, ଅଜୟ କୁମାର କର, କୈଳାସ ଚ଼ନ୍ଦ୍ର ରଥଙ୍କୁ ମନୋନିତ କରାଗଲା, ଏହି ଅବସରରେ ମହାସଂଘର ରାଷ୍ଟ୍ରୀୟ ସଂପାଦକ ଜଗନ୍ନାଥ ପାଢୀ, କାର୍ଯ୍ୟକାରୀ ସଂପାଦକ ରାମ ପ୍ରସାଦ ଦାଶ ସେମାନଙ୍କ ବକ୍ତବ୍ୟରେ ବ୍ରାହ୍ମଣ ମହାସଂଘର ଆଭିମୁଖ୍ୟ ସଂପର୍କରେ ସୁବିସ୍ତୃତ ଆଲୋଚ଼ନା କରି କହିଲେ ଯେ, ପଡ଼େ । ଶୀ ରାଜ୍ୟମାନଙ୍କରେ ବ୍ରାହ୍ମଣ କଲ୍ୟା ଣନିଗମ ସରକାର ଗଠନ ବ୍ରାହ୍ମଣମାନେ ବହୁ ଭାବରେ ଉପକୃତ ହେଉଛନ୍ତି, ଆମ ରାଜ୍ୟରେ କିପରି ହୋଇପାରିବ ମହାସଂଘ ଚେଷ୍ଟା କରିବା ଉଚ଼ିତ । ଶ୍ରୀ କ୍ଷେତ୍ର ବ୍ରାହ୍ମଣ ଭବନ କିପରି ଯଥାଶୀଘ୍ର ତିଆରୀ ହେବ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପ୍ରତି ଜିଲ୍ଲାରେ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କୁ ଅନୁରୋଧ କରାଯିନା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଆସନ୍ତା ମାର୍ଚ୍ଚମାସ ୨୧ ଓ ୨୨ ତାରିଖରେ ମହାସଂଘର ବାର୍ଷିକୋତ୍ସବ ଓ ଜାତୀୟ ସମ୍ମିଳନୀ କିପରି ସଫଳତାର ସହ ଅନୁଷ୍ଠିତ ହେବ । ସେଥିପାଇଁ ସମସ୍ତଙ୍କର ସଂପୃକ୍ତି ଓ ସହଯୋଗ କାମନା କରାଯାଇଥିଲା । ରାଜଧାନୀରେ ବସବାସ କରୁଥିବା ଆଗ୍ରହୀ ବ୍ରାହ୍ମଣମାନେ ମହାସଂଘର ସଦସ୍ୟ ହୋଇ କାର୍ଯ୍ୟକ୍ରମକୁ ସଫଳତାର ସହଆଗେଇ ନେବାକୁ ଅନୁରୋଧ କରାଯାଇଥିଲା । ଏହି ଆଲୋଚ଼ନାଚ଼କ୍ରରେ ମୟୂରେଶ ଦାସ, ଦେବଦଳନ ରଥ, ଦୀପକ କୁମାର ମହାପାତ୍ର, ରବିନାରାୟଣ ପଣ୍ଡା ଶାନ୍ତନୁ କୁମାର ସାହୁ, ସତ୍ୟବ୍ରତ ରଥ ଆଦି ବହୁ ବ୍ରାହ୍ମଣଦେବତା ଉପସ୍ଥିତଥିଲେ । ପ୍ରାରମ୍ଭରେ ବିଶ୍ୱରଂଜନ ମିଶ୍ର, ମନୋରଞ୍ଜନ ମିଶ୍ର ଭଜନ ଗାନ କରିଥିବାବେଳେ ସଂପାଦକ ପରମେଶ୍ୱର ମିଶ୍ର ଧନ୍ୟବାଦଅର୍ପଣ କରିଥିଲେ ।

## ଆସିଲେନି ୨୦ ପରୀକ୍ଷାର୍ଥୀ

**ଖଣ୍ଡପଡ଼ା,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚ଼ାଳିତ ମାଟ୍ରିକ ପରୀକ୍ଷାର ୨ୟ ଦିବସରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ କେନ୍ଦ୍ରରେ ୨୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି । ଖଣ୍ଡପଡ଼ା ରାମଚ଼ନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର, ବନମାଳୀପୁର ଉଚ୍ଚ ବିଦ୍ୟାଳୟ, କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସିଧାମୂଳା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଜଣେ ଲେଖାଁଏ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ବାଇଗୁଣିଆ ଓ ଖଳିସାହି କେନ୍ଦ୍ରରେ ୨ଜଣ ଲେଖାଁଏ, ବଳଦିଆ ନୂଆଗାଁ କେନ୍ଦ୍ରରେ ୩ ଜଣ, କୋସକା କେନ୍ଦ୍ରରେ ୪ ଓ ରାମଚ଼ଣ୍ଡୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଖଣ୍ଡପଡ଼ା ନୋଡାଲ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ତଥା ରାମଚ଼ନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଲିପସା ନନ୍ଦଙ୍କ ଠାରୁ ପ୍ରକାଶ । ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳାର ସହ ୨ୟ ଦିବସ ପରୀକ୍ଷା ଶେଷ ହୋଇଥିବା ଜଣାପଡିଛି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-EARTHING-KUR-543, ତା.13.02.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଆର୍ଥିଙ୍ଗ ନିମନ୍ତେ ପୂର୍ବରୁ ଥିବା ଆର୍ଥିଙ୍ଗ ପ୍ରଣାଳୀରେ ଉନ୍ନତି, MEEB କୁ ରିଲେ ରୁମ୍ ପର୍ଯ୍ୟନ୍ତ ସ୍ଥାନାନ୍ତରିତ ସହିତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ (₹): 7,41,26,693.00, EMD (₹) : 5,20,600.00

ବିଡ଼୍ ଆରମ୍ଭ ହେବା ତାରିଖ : ତା.23.02.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 09.03.2026 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ** : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-1147/Q/25-26

# ନିୟମ ଉଲ୍ଲଂଘନରେ ୩୮୨୪ ଡ୍ରାଇଭରଙ୍କ ଲାଇସେନ୍ସ ରଦ୍ଦ

**ଢେଙ୍କାନାଳ,୨୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଢ଼େଙ୍କାନାଳ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ଜାନୁଆରୀ ମାସରେ ଜିଲ୍ଲାରେ ଅଧିକ ଦୁର୍ଘଟଣା ଘଟିଥିବା ଯୋଗୁଁ ସମସ୍ତ ହମ୍ପସକୁ ଧଳାରଙ୍ଗରେ ଚିହ୍ନଟ କରିବା ସହିତ ଆବଶ୍ୟକ ସାଇନେଜ ଲଗାଇବାକୁ ଏବଂ ସ୍କୁଲ ଓ ଦୁର୍ଘଟଣା ପ୍ରବଣ ସ୍ଥାନଗୁଡ଼ିକରେ ସାଇନେଜ ଓ ବାରିକେଡିଂର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବାଲି, ପଥର ଆଦି ବୋଝେଇ ଟ୍ରକ ଅବୈଧ ନମ୍ବରରେ ଚାଲୁଥିବା ଦୃଷ୍ଟିକୁ ଆସିଥିବା ହେତୁ ଏହାକୁ ଜବତ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଟାଟା ଷ୍ଟିଲ ଠାରୁ ଓଡ଼ପଡ଼ା ମଧ୍ୟରେ ଅଧିକ ଦୁର୍ଘଟଣା ଘଟୁଥିବା ହେତୁ ଏହି ରାସ୍ତା ମଧ୍ୟରେ ସ୍ଥାୟୀ ଭାବେ ଆମ୍ବୁଲାନସ ଏବଂ କ୍ରେନର ବ୍ୟବସ୍ଥା କରିବାକୁ ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ । ବ୍ଲାକ ଷ୍ପଟ ଗୁଡ଼ିକରେ ଦୁର୍ଘଟଣା ପରେ ତୁରନ୍ତ ଉଦ୍ଧାର ଓ ଚ଼ିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ । ସର୍ଭିସ ରୋଡ଼କୁ ଅଧିକ ଚ଼ଉଡ଼ା କରିବା ସହିତ ସାଇନେଜର ବ୍ୟବସ୍ଥା କରିବାକୁ ସଦସ୍ୟମାନେ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ । ବସ ଚ଼ଳାଚ଼ଳ ସମୟ ନିର୍ଘଣ୍ଟକୁ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ବସଷ୍ଟାଣ୍ଡ ମଧ୍ୟରେ କୌଣସି ଅସାମାଜିକ ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବୈଠକରେ ଆଲୋଚ଼ନା ହୋଇଥିଲା । ଗତ ଜାନୁଆରୀ ମାସରେ ଜିଲାରେ ମୋଟ ୪୨ଟି ଦୁର୍ଘଟଣା ଘଟିଥିଲା ବେଳେ ୧୩ ଜଣ ମୃତ୍ୟୁ ବରଣ କରିଛନ୍ତି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚ଼ନା ଦେଇଥିଲେ । ଟ୍ରାଫିକ ନିୟମ ଉଲଙ୍ଗନ ଯୋଗୁଁ ଗତବର୍ଷ ୨୯୫୭ ଜଣଙ୍କର ଡ୍ରାଇଭିଂ ଲାଇସେନସ ୩ ମାସ ପାଇଁ ରଦ୍ଦ କରାଯାଇଥିଲା । ଜାନୁଆରୀ ମାସରେ ୮୬୭ ଜଣଙ୍କର ଡ଼ି.ଏଲ. ରଦ୍ଦ ହୋଇଛି ବୋଲି ସେ ପ୍ରକାଶ କରିଥିଲେ । ଏହି ବୈଠକରେ, ରାସ୍ତା ଓ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ । ଶେଷରେ ଆଞ୍ଚଳିକ ପରିବହନ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚିକିତ୍ସାରେ ଅବହେଳାରୁ ରୋଗୀର ମୃତ୍ୟୁ !

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲକାଟି ଫାଣ୍ଡି ଅଧୀନ ପଞ୍ଚାୟତ ରୋଡ଼ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଆଜି ଅପରାହ୍ନରେ ଗୋଡରେ ଅସ୍ତ୍ରୋପଚାର କରାଇଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ଘୋର ଉତ୍ତେଜନା ଦେଖିବାକୁ ମିଳିଛି। ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ରୋଗୀର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଲୋକ ସମ୍ପର୍କୀୟମାନେ। ଏନେଇ ଦୀର୍ଘ ସମୟ ଧରି ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ବାଲକାଟି ଫାଣ୍ଡି ପୁଲିସ ସମ୍ପର୍କୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସୂଚନା ଅନୁସାରେ ଉକ୍ତ ଜିଲ୍ଲା ନରେନ୍ଦ୍ରପୁର ଥାନା ଅଞ୍ଚଳର ସୁବାସ ଚନ୍ଦ୍ର ମହାଳିକ (୫୬) ନାମକ ଜଣେ ବ୍ୟକ୍ତିଙ୍କର ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତ ଥିଲେ। ୨ ସପ୍ତାହ ତଳେ ଉକ୍ତ ହସ୍ପିଟାଲରେ ଆଣ୍ଠୁ ଅସ୍ତ୍ରୋପଚାର କରାଇଥିଲେ। ଆଜି ପୂର୍ବାହ୍ନରେ ସୁବାସଙ୍କ ଅବସ୍ଥା ଅଧିକ ଖରାପ ହୋଇପଡିବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ମେଢ଼ କମିଟି ପାଇଁ ନିର୍ଦ୍ଦେଶନାମା

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀରାମ ନବମୀ ମହୋତ୍ସବକୁ ଭବ୍ୟ ଓ ଦିବ୍ୟ ଭାବେ ପାଳନ କରିବାକୁ ଯୋଜନା ପ୍ରସ୍ତୁତ କରିସାରିଥିବା ଭଦ୍ରକର ଶ୍ରୀରାମ ମହାଯଜ୍ଞ ସମିତି ଚଳିତ ବର୍ଷ ଶ୍ରୀରାମ ନବମୀ ଦିନ ଅତି ଆକର୍ଷଣ ପାଲଟିଥିବା ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା ଉଦ୍ଦେଶ୍ୟରେ ସମସ୍ତ ମେଢ଼ କମିଟି ପାଇଁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏକ ନିର୍ଦ୍ଦେଶନାମା ଜାରି କରିଛି। ନିର୍ଦ୍ଦେଶନାମା ଅନୁସାରେ ମେଢ଼ ସହ ସଂଲଗ୍ନ ଥିବା ସାଉଣ୍ଡ ଗାଡ଼ିର ଭାଇବ୍ରେସନ ଲାଗିବ ନାହିଁ। ଯାହାକୁ ମାନ୍ୟବର ସୁପ୍ରିମକୋର୍ଟ ଧ୍ୟାନ ଦେଇଛନ୍ତି। ଉଭୟ ମେଢ଼ ଓ ସାଉଣ୍ଡ ଗାଡ଼ିର ଉଚ୍ଚତା ଗ୍ରାଉଣ୍ଡ ଲେଭୁଲରୁ ୧୪ ଫୁଟରୁ କମ୍ ଏବଂ ଓସାର ୧୦ ଫୁଟରୁ କମ୍ ରହିବ। ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଦିନ ସମସ୍ତ ଶ୍ରୀରାମ ଭକ୍ତ ସାତ୍ତ୍ୱିକ ଭୋଜନ ଗ୍ରହଣ କରିବାକୁ ଆଗ୍ରହ କରାଯାଉଛି। ଭଦ୍ରକ ପୌରପାଳିକା ଓ ଭଦ୍ରକ ବ୍ଲକରେ ବାହାରୁଥିବା ସମସ୍ତ ମେଢ଼ ନେତାଜୀ ଷ୍ଟାଡିୟମରେ ଅପରାହ୍ନ ୩ଟାରେ ଏବଂ ଅନ୍ୟାନ୍ୟ ବ୍ଲକ ଯଥାକ୍ରମେ ଖଇରା, ଚାନ୍ଦବାଲି, ଧାମନଗର, ତିହିଡ଼ି, ବାସୁଦେବପୁର, ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକରୁ ବାହାରୁଥିବା ମେଢ଼ଗୁଡ଼ିକ ନୂଆ ବସଷ୍ଟାଣ୍ଡ ଗୋଶାଳା ଛକରେ ଅପରାହ୍ନ ୩ଟାରେ ପହଞ୍ଚିବେ। ପୁରୁଣାବଜାର ଆଡ଼ୁ ଆସୁଥିବା ମେଢ଼ଗୁଡ଼ିକ ମୋତି ଛକରେ ଅପରାହ୍ନରେ ୩ଟାରେ ମିଶିବେ। ଭଦ୍ରକ ଛକ ଆଡ଼ୁ ଆସୁଥିବା ସମସ୍ତ ମେଢ଼ ବନ୍ଧ୍ ଛକରେ ଅପରାହ୍ନ ୩ଟାରେ ମିଶିବେ। ଅସ୍ଥଳ ମେଢ଼ ଟାଉନ ହଲ ଛକରେ ଅପରାହ୍ନ ୪ଟା ଏବଂ କୁଆଁଶ ମେଢ଼ ଅପରାହ୍ନ ୪.୩୦ ମିନିଟରେ ଟାଉନ ଥାନା ଛକରେ ମିଶିବେ। ମଠସାହି ରାସ୍ତାରେ ଆସୁଥିବା ମେଢ଼ଗୁଡ଼ିକ ଗୋଶାଳା ଛକରେ ଅପରାହ୍ନ ୪ଟାରେ ମିଶିବେ। ସମସ୍ତ ସୂଚନା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ମେଢ଼ କମିଟିକୁ ଅବଗତ କରି ଦିଆଯାଉଛି। ଯଦି କୌଣସି ମେଢ଼ ନିର୍ଦ୍ଧାରିତ ନିର୍ଦ୍ଦେଶନାମାକୁ ଅବମାନନା କିମ୍ବା ଅବଜ୍ଞା କଲେ ଉକ୍ତ ମେଢ଼ କମିଟି କ୍ଷେତ୍ରରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଦେବୀ ମୁହାଣରେ ଡ୍ରେଜିଂ କରାଯିବାକୁ ସୁପାରିସ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଦେବୀ ନଦୀ ମୁହାଣରେ ଅତ୍ୟଧିକ ବାଲି ସଞ୍ଚୟ ଓ ବାଲୁକା ଚର ଗଠନ ହେତୁ ଦେବୀ ନଦୀ ମୁହାଣରେ ଟ୍ରଲର ଚଳାଚଳ ଗଭୀର ସଙ୍କଟରେ ପଡ଼ିଥିବା ନେଇ ସରକାରୀ ସ୍ତରରେ ଚିନ୍ତା ବଢ଼ିଛି। ଏହି ପରିସ୍ଥିତିକୁ ଗୁରୁତ୍ୱ ଦେଇ ଅତିରିକ୍ତ ଜିଲ୍ଲାମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ପୁରୀ ତାଙ୍କ ପତ୍ର ସଂଖ୍ୟା–୨୬୩, ତାରିଖ ୧୮.୦୨.୨୦୨୬ରେ ମତ୍ସ୍ୟ ନିର୍ଦ୍ଦେଶକ, କଟକଙ୍କୁ ଦେବୀ ନଦୀ ମୁହାଣରେ ପ୍ରାରମ୍ଭିକ ଓ ନିୟମିତ ଡ୍ରେଜିଂ କାର୍ଯ୍ୟ କରାଯିବାକୁ ସୁପାରିଶ କରିଛନ୍ତି।

ସେହି ପତ୍ରରେ ଉଲ୍ଲେଖ ରହିଛି ଯେ, ଆସ୍ତରଙ୍ଗ (ନୂଆଗଡ଼) ମତ୍ସ୍ୟ ଘାଟରେ ୯୮ଟି ଟ୍ରଲର ପଞ୍ଜିକୃତ ରହିଥିବାବେଳେ ଦେବୀ ନଦୀ ମୁହାଣର ଅସୁରକ୍ଷିତ ନୌ-ପଥ ଓ ବର୍ଥିଂ ସୁବିଧା ଅଭାବ ହେତୁ ପ୍ରାୟ ୩୦ଟି ଟ୍ରଲର ବର୍ତ୍ତମାନ ଚାଲୁଥିବା ସ୍ପଷ୍ଟ କରାଯାଇଛି। ଏହା ଫଳରେ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ଗୁରୁତର ପ୍ରଭାବ ପଡୁଛି ବୋଲି ପତ୍ରରେ କୁହାଯାଇଛି।

ଏହି ସରକାରୀ ପତ୍ରରେ ଅସ୍ତରଙ୍ଗରୁ ଅଧ୍ୟାପକ ଡ଼. ଲକ୍ଷ୍ମୀଧର ବିଶ୍ୱାଳଙ୍କ ଦ୍ୱାରା ୨୧.୧୨.୨୦୨୫ ତାରିଖରେ ଦାଖଲ ହୋଇଥିବା ବିସ୍ତୃତ ଦାବିମୂଳକ ପ୍ରତିନିଧିତ୍ୱର ଉଲ୍ଲେଖ କରାଯାଇଛି। ଉକ୍ତ ପ୍ରତିନିଧିତ୍ୱରେ ଦେବୀ ନଦୀ ମୁହାଣରେ ତୁରନ୍ତ ଡ୍ରେଜିଂ ନ ହେଲେ ଟ୍ରଲର ଚଳାଚଳ ସୁରକ୍ଷିତ ରହିବ ନାହିଁ ଓ ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକା ଗଭୀର ବିପଦରେ ପଡ଼ିବ ବୋଲି ସତର୍କ କରାଯାଇଥିଲା।

ପତ୍ରରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଦେବୀ ନଦୀ ମୁହାଣ ମାଧ୍ୟମରେ ଅସୁରକ୍ଷିତ ନୌ-ଚଳାଚଳ ମତ୍ସ୍ୟଜୀବୀଙ୍କ ଜୀବନ ପାଇଁ ବଡ଼ ଆପଦ ସୃଷ୍ଟି କରୁଛି। ଏହି ସଂକଟମୟ ସ୍ଥିତିରେ ସମ୍ପୃକ୍ତ ମନ୍ତ୍ରଣାଳୟ ଓ ବିଭାଗ ସ୍ତରରେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ସରକାରୀ ମତ୍ସ୍ୟ ଅଧିକାରୀଙ୍କ ଏହି ଲିଖିତ ସୁପାରିଶ ପରେ, ଦେବୀ ନଦୀ ମୁହାଣ ଡ୍ରେଜିଂ ନେଇ ରାଜ୍ୟ ସରକାର ଉପରେ ଏବେ ମତ୍ସ୍ୟଜୀବୀ ସମୁଦାୟଙ୍କ ଆଶା ସଂଚାର ହେଉଥିବା ବେଳେ ସରକାରଙ୍କ ଉପରେ ଚାପ ବଢ଼ିଛି।

## ଅବ୍ୟବସ୍ଥା ଘେରରେ ବାଲିକୁଦା ସ୍କୁଲ

**କେନ୍ଦ୍ରାପଡା:ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ତରଡିପାଳ ପଂଚାୟତର ବାଲିକୁଦା ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଲାଗି ରହିଛି। ଯାହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକେ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅବ୍ୟବସ୍ଥାରେ ଶୀଘ୍ର ସୁଧାର ନଆସିଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାଇ ଦିଆଯାଇଛି। ଅଭିଯୋଗକାରୀ ସାମାଜିକ କର୍ମୀ ଭରତ ଚନ୍ଦ୍ର ଦାଶ, ଗୁରୁଚରଣ ନାଥଶର୍ମା, ବିଶ୍ୱଜିତ ନାଥଶର୍ମା, ଅମର କୁମାର ଜେନା, ନରେନ୍ଦ୍ର କୁମାର ଧଳ ପ୍ରମୁଖ କହିଛନ୍ତିଯେ ଏହି ପ୍ରାଥମିକ ବିଦ୍ୟାଳୟ ୧୯୫୨ ମସିହାରୁ ଚାଲିଛି। ଏଠାରେ ଶିଶୁ ବାଟିକା ସହ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ହେଉଛି। ତେବେ ବିଦ୍ୟାଳୟରେ ମାତ୍ର ଦୁଇଟି ଶ୍ରେଣୀ ଗୃହରେ ପାଠ ପଢ଼ା ହେଉଛି। ଶିକ୍ଷାର୍ଥୀଙ୍କ ବଡ ସମସ୍ୟା ହେଉଛି ଶିକ୍ଷକ ନିଯୁକ୍ତି। ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷୟତ୍ରୀ ଏଠାରେ ସମସ୍ତ ଶିକ୍ଷା ବ୍ୟବସ୍ଥାକୁ ପରିଚାଳନା କରୁଛନ୍ତି। ଶିକ୍ଷାର୍ଥୀଙ୍କୁ ପାଠ ପଢ଼ାଇବା ସହ ମଧ୍ୟାହ୍ନ ଭୋଜନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତାଙ୍କୁ ଏକାକୀ କରିବାକୁ ପଡୁଛି। ଫଳରେ ଶିକ୍ଷାର୍ଥୀମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଶିକ୍ଷାର୍ଥୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ଏଠାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଛି। ତୁରନ୍ତ ଏହି ବିଦ୍ୟାଳୟକୁ ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତି ନମିଳିଲେ ଆନ୍ଦୋଳନ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି। ଏସମ୍ପର୍କରେ ସିଆରସିସି ପ୍ରହଲ୍ଲାଦ ପଲେଇ କହିଛନ୍ତି ଯେ ବାଲିକୁଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅବ୍ୟବସ୍ଥା ସମ୍ପର୍କରେ ଜିଲା ଅଧିକାରୀଙ୍କୁ ସୂଚନା ଦିଆଯାଇଛି। ଖୁବଶିଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି।

## ୬ ଜୁଆଡ଼ି ଗିରଫ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ପୋଲିସ ବିନିସପୁରରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଶନିବାର ଦିନ ଅଚାନକ ଚଢ଼ାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦୁଇଟି ବାଇକ ନଗଦ ୨୮ ହଜାର ୮ ଶହ ୧୦ ଟଙ୍କା ପାଲି, ଗୋଟି, ତାସ ଓ ବାଇକ ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ବଟକୃଷ୍ଣ ପାଲ (୩୪), ଦାମୋଦର ସ୍ୱାଇଁ (୪୮), ଦିଲ୍ଲୀପ କୁମାର ସ୍ୱାଇଁ (୩୯), ରତ୍ନାକର ନାୟକ (୪୮), ବିଜୟ ବେହେରା (୫୨), ବୃନ୍ଦାବନ ସ୍ୱାଇଁ (୫୦)। ସୂଚନାଥାଉ କି ଗତ କିଛିଦିନ ତଳେ ରତନପୁର ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ପୋଲିସ ଜୁଆ ଖେଳୁଥିବା ଅଭିଯୁକ୍ତମାନଂକୁ ଗିରଫ କରିଥିଲା। ନିଆଳି ପୋଲିସର ଜୁଆ ଆଡ୍ଡା ଉପରେ ଏଭଳି ଚଢ଼ାଉ ଜୁଆଡିଙ୍କ ମନରେ ଛନକା ପଶିଛି।

## ସ୍ୱାସ୍ଥ୍ୟ ବିଭାଗର ଲୋକହସା ନୀତି: ଆକସ୍ମିକ ଦୁର୍ଘଟଣା କେନ୍ଦ୍ରରେ ହୋମିଓପ୍ୟାଥି ଡାକ୍ତର

**ଚଣ୍ଡିଖୋଲ:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଚିତ୍ର ନୀତି। ଆକସ୍ମିକ ଦୁର୍ଘଟଣା ଚିକିତ୍ସା କେନ୍ଦ୍ରରେ ଜଣେ ହୋମିଓ ପାଥିକ ଡାକ୍ତରଙ୍କୁ ନିଯୁକ୍ତି କରିବା ଚର୍ଚ୍ଚାର ବିଷୟ ପାଲଟିଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନ ଚଣ୍ଡିଖୋଲ ଆକସ୍ମିକ ଦୁର୍ଘଟଣା କେନ୍ଦ୍ରରେ। ଚଣ୍ଡିଖୋଲ ଛକ ଜାତୀୟ ରାଜପଥ ୧୬ଓ ୫୩ର ସଂଯୋଗ ସ୍ଥଳ ହୋଇଥିବାରୁ ଏହି ରାସ୍ତା ଦେଇ ପାରାଦ୍ୱୀପରୁ ଯୋଡ଼ା, ବାରିପଦାରୁ ଭୁବନେଶ୍ୱରକୁ ପ୍ରତିଦିନ ହଜାର ହଜାର



ସଂଖ୍ୟାରେ ଗାଡି ଯାତାୟାତ କରିଥାନ୍ତି। ପ୍ରତିଦିନ ରାଜପଥରେ କିଛି ନା କିଛି ଦୁର୍ଘଟଣା ଘଟିଥାଏ। ଏହି ଦୁର୍ଘଟଣାରେ ଶିକାର ହେଉଥିବା ଯାତ୍ରୀ ଓ ଚାଳକମାନଙ୍କ ପାଇଁ ଚଣ୍ଡିଖୋଲ ଛକ ନିକଟରେ ଦୀର୍ଘ ଦିନରୁ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ଓ ଏ ଅଂଚଳର କିଛି ମୁରବୀମାନେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଏକ ଆକସ୍ମିକ ଦୁର୍ଘଟଣା ଚିକିତ୍ସା ଆରୋଗ୍ୟ କେନ୍ଦ୍ର ସ୍ଥାପନା କରିଥିଲେ। ଏହା କିଛି ବର୍ଷ ଠିକଠାକରେ ଚାଲୁଥିଲା। ବହୁ ସ୍ଥାନୀୟ ଅଞ୍ଚଳବାସୀ ଓ ଚାଳକମାନେ ବେଶ ଉପକୃତ ହେଉଥିଲେ। କିନ୍ତୁ କିଛି ମାସ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଅବହେଳିତ ହେଲାପରି ମନେ ହେଉଛି। ସ୍ୱାସ୍ଥ୍ୟ ବିଭାଗ ନିଜ ମନଇଛାରେ ଯେଉଁ ଡାକ୍ତରଙ୍କୁ ଏଠାକୁ ପଠାଉଛନ୍ତି ସେମାନେ କାଁ ଭାଁ ଏଠାକୁ ଆସନ୍ତି। ପ୍ରାୟ ୮ ମାସ ହେବ ଏଠାକୁ କେହି ଡାକ୍ତର ଆସୁନାହାଁନ୍ତି। ଯାହା ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଥିଲା। ସ୍ଥାନୀୟ ଅଂଚଳବାସୀ ଅସନ୍ତୋଷ ଓ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରିତ ହେବା ପରେ ଏବେ ସ୍ୱାସ୍ଥ୍ୟ ବିଭାଗ ଏକ ହୋମିଓପ୍ୟାଥିକ ଡାକ୍ତରଙ୍କୁ ଏହି ଡାକ୍ତରଖାନାକୁ ପଠାଇଛନ୍ତି। ଯାହା ଫଳରେ କୌଣସି ଯାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହୋଇଆସିଲେ ହୋମିଓପାଥିକ ଡାକ୍ତର ତାଙ୍କୁ ଚିକିତ୍ସା କରିବ ଯାହାକି ଲୋକହସା ପରି କାମ କରୁଛି ସ୍ୱାସ୍ଥ୍ୟ ବିଭାଗ। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ଏହା ଉପରେ ଗୁରୁତ୍ୱ ଦେଇ ଜଣେ ସ୍ଥାୟୀ ଏଲୋପ୍ୟାଥିକ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

## ୨୫ରୁ ପ୍ରାକୃତିକ ସମ୍ପଦ ସୁରକ୍ଷା ଲାଗି ଲୋକ ଅଧିକାର ଯାତ୍ରା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ବିକାଶ ନାମରେ ପ୍ରାକୃତିକ ସମ୍ପଦର ଅବିଚାରିତ ଶୋଷଣ ଓ ଅତ୍ୟଧିକ ପ୍ରଦୂଷଣ ଚାଲିଥିବାରୁ ଭବିଷ୍ୟତ ପିଢ଼ି ପାଇଁ ରାଜ୍ୟ ସମ୍ବଳଶୂନ୍ୟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଜଳ, ଜମି, ଜଙ୍ଗଲକୁ ଶସ୍ତାରେ ନିଲାମ କରି ଆଦିବାସୀ, ଦଳିତ, ଛୋଟ ଚାଷୀ ସମେତ ପ୍ରାୟ ୭୦ ପ୍ରତିଶତ ଶ୍ରମଜୀବୀ ଲୋକଙ୍କ ଜୀବିକା ସ୍ରୋତକୁ ନଷ୍ଟ କରିଦେବା କେବେ ମଧ ପ୍ରକୃତ ବିକାଶ ହୋଇପାରେ ନାହିଁ। ରାଜ୍ୟର ନଦୀମାନେ ଜଳଶୂନ୍ୟ ଓ ପ୍ରଦୂଷଣଗ୍ରସ୍ତ ହେଉଥିବା ବେଳେ ନିଯୁକ୍ତି ସୃଷ୍ଟି ହେଉ ନାହିଁ, କାମର ସୁଯୋଗ ମଧ୍ୟ କମିଛି। ଏହାର ପରିଣତିରେ ଦାଦନ ଶ୍ରମିକ ସଂଖ୍ୟା ବଢୁଛି ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅଧିକ ଗୁରୁତର ହେଉଛି। ଏହା ସହିତ ରାଜ୍ୟର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଏ ପର୍ଯ୍ୟନ୍ତ ଦୁର୍ବଳ ଓ ଅବହେଳିତ ଅବସ୍ଥାରେ ରହିଛି। ଏହି ପରିପ୍ରେକ୍ଷୀରେ ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ଓ ସେଣ୍ଟର ଫର୍ କ୍ଲାଇମେଟ ଜଷ୍ଟିସ ପକ୍ଷରୁ ବିକଳ୍ପ ବିକାଶ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ସୃଷ୍ଟି ଓ ଜନ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆସନ୍ତା ୨୫ ଫେବ୍ରୁଆରୀରୁ ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମପୀଠରୁ "ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରା"ର ଶୁଭାରମ୍ଭ ହେବ। ଯାତ୍ରାର ଉଦଯାପନୀ ୨୨ ମାର୍ଚ୍ଚରେ ହେବ ଓ ଶେଷରେ ୨୯ ମାର୍ଚ୍ଚ, ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ଅବସରରେ ଭୁବନେଶ୍ୱରରେ ଏକ ବିଶାଳ ସମାବେଶ ଆୟୋଜିତ ହେବ ବୋଲି ଆଜି ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ଗାନ୍ଧୀବାଦୀ ନେତା ଡଃ ବିଶ୍ୱଜିତ୍ ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଛନ୍ତି। ଯାତ୍ରା ସମୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିତ୍ୱ, ଯୁବ ଓ ସାଧାରଣ ଲୋକଙ୍କ ସହ ସାକ୍ଷାତ କରି ବିକଳ୍ପ ବିକାଶ ମଡେଲ୍? ଉପରେ ଚର୍ଚ୍ଚା ଓ ମୌଳିକ ଅଧିକାର ସୁରକ୍ଷା ପାଇଁ ଜନ ଜାଗରଣ କରାଯିବ। ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାର ସହ ଜଳ, ଜମି, ଜଙ୍ଗଲ ସୁରକ୍ଷା ଏହି ଯାତ୍ରାର ପ୍ରଧାନ ଲକ୍ଷ୍ୟ। ଏହି ଯାତ୍ରାରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ସହ କୃଷକ ନେତା ଲିଙ୍ଗରାଜ, ଗାନ୍ଧୀବାଦୀ ନେତା ଡଃ ବିଶ୍ୱଜିତ୍, ଜନ ଆନ୍ଦୋଳନ ନେତା ନରେନ୍ଦ୍ର ମହାନ୍ତି, ଆଦିବାସୀ ନେତା ଲିଙ୍ଗରାଜ ଆଜାଦ ସମେତ ମାନବାଧିକାର କର୍ମୀ, ଗବେଷକ, ସାହିତ୍ୟିକ ଓ ସାମାଜିକ କର୍ମୀମାନେ ଅଂଶଗ୍ରହଣ କରିବେ। ଯାତ୍ରା ସମୟରେ ଯୁବ-ଛାତ୍ର ସମାଜ, ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରାକୃତିକ ସମ୍ପଦ ସୁରକ୍ଷା ଓ ସମ୍ମାନଜନକ ଜୀବନ ପାଇଁ ବିକଳ୍ପ ବିକାଶ ଉପରେ ଚର୍ଚ୍ଚା ଜାରି ରହିବ। ଏହି ଲୋକ ଅଧିକାର ଯାତ୍ରାକୁ ସଫଳ କରିବା ପାଇଁ ଓଡ଼ିଶାର ସମସ୍ତ ସଚେତନ ନାଗରିକଙ୍କୁ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି।

## ଓଷ୍ଟା ପକ୍ଷରୁ ମେଧାବୃତ୍ତି ପ୍ରଦାନ




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୁଲ୍ୟରେ ଓଷ୍ଟା ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ ଆଜି ନୟାସଡ଼କ ସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉଦ୍‌ଘାଟକ ଭାବେ ଭଗବାନ ପ୍ରସାଦ ସାହୁ, ସ୍ୱତନ୍ତ୍ର ଶାସନ ସଚିବ, ଆଇନ୍ ବିଭାଗ ଯୋଗଦେଇ ଉକ୍ତ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କେରକୋରା, ମୁଖ୍ୟବକ୍ତା ଭାବେ ଉପ ହିସାବ ନିୟନ୍ତ୍ରକ ସୁଶ୍ରୀ ଧରିତ୍ରୀ ବରାଳ ଯୋଗ ଦେଇଥିଲେ।

ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଆଜିକାର ସଭାର ଉଦ୍ଦେଶ୍ୟ ଜ୍ଞାପନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାସୀନ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହୋଇ ରାଜ୍ୟ ତଥା ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି ଆଶ୍ରୀର୍ବଚନ ପ୍ରଦାନ କରିଥିଲେ। ଶୈକ୍ଷିକ କମିଟି ସଂପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ।

ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ୧୧୮ ଜଣ ବିଦ୍ୟାର୍ଥୀଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ଓ ଉପଢ୍ୌକନ ସହ ସମ୍ବର୍ଦ୍ଧିତ କରି ବୃତ୍ତିରାଶି ୩୦୦୦(ତିନିହଜାର) ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ଏହି ଅବସରରେ ଓଷ୍ଟାର ନେତୃମଣ୍ଡଳୀ ସଞ୍ଜୟ କୁମାର ସିଂହ, ତ୍ରିଲୋଚନ ଦାଶ ଆଦି ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ସହ ସେମାନଙ୍କର ଅଭିଭାବକ/ଅଭିଭାବିକା, ମାର୍ଗଦର୍ଶକ/ମାର୍ଗଦର୍ଶିକାମାନେ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଡିଗ୍ରୀ କଲେଜରେ ଅଧାପକ ମରୁଡ଼ି: ଘରୋଇ ଶିକ୍ଷାନୁଷ୍ଠାନ ମୁହାଁ ବିଦ୍ୟାର୍ଥୀ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ନୂଆ ବଜାର ଠାରେ ୧୯୮୫ ମସିହାରେ ପ୍ରତିଷ୍ଠା କରାଯାଇଥିବା ଜଳେଶ୍ୱର ମହିଳା ଡିଗ୍ରୀ କଲେଜରେ ଅଧ୍ୟାପକ, ଅଣ ଶିକ୍ଷା କର୍ମଚାରୀ ଅଭାବ ଥିବାରୁ ଶିକ୍ଷାଦାନ ଓ ପରିଚାଳନରେ ଅସୁବିଧା ହୋଇଆସୁଛି। ମହାବିଦ୍ୟାଳୟରେ ଇଂରାଜୀ, ଓଡିଆ, ଇତିହାସ, ରାଜନୀତି ବିଜ୍ଞାନ, ସଂସ୍କୃତ, ସାମାଜିକ ବିଜ୍ଞାନ, ଶିକ୍ଷା, ଅର୍ଥନୀତି ଓ ଗୃହବିଜ୍ଞାନରେ ବିଷୟରେ ଶିକ୍ଷାଦାନ ଦିଆଯାଉଛି। ସେଥି ମଧ୍ୟରୁ ଇଂରାଜୀରେ ୨ ଜଣ, ଓଡିଆରେ ୩ ଜଣ, ଇତିହାସରେ ୩ ଜଣ, ରାଜନୀତି ବିଜ୍ଞାନରେ ୩ ଜଣ, ସଂସ୍କୃତରେ ୨ ଜଣ, ସାମାଜିକ ବିଜ୍ଞାନରେ ୨ ଜଣ, ଶିକ୍ଷା ବିଭାଗରେ ୩ ଜଣ, ଅର୍ଥନୀତିରେ ୩ ଜଣ ଓ ଗୃହବିଜ୍ଞାନ ଜ୍ଞାନରେ ୨ ଜଣ, ଖେଳ ଶିକ୍ଷକ, ଲାଇବ୍ରେରିଆନ୍ ଓ କନିଷ୍ଠ କର୍ମଚାରୀ ୪ ଜଣ, ଲେବ୍ରଟାରିଆନ୍ ପଦ ଫାଙ୍କା ରହିଥିବାରୁ ଶିକ୍ଷା ପ୍ରଦାନରେ ବାଧା ଉପୁଜିଛି। ଏହି ପଦ ପୂରଣ ଲାଗି ବିଧାନସଭାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ବିଧାୟକ ଅଶ୍ୱିନୀ ପାତ୍ର ଅଣତାରକା ପ୍ରଶ୍ନ କରିଥିଲେ। ୨୦୦୮ ଓ ୨୦୧୪ ଅନୁଦାନ ନୀତି ଅନୁଯାୟୀ ୨୦୧୦ ସୁଦ୍ଧା ନିଯୁକ୍ତି ପାଇଥିବା ଯୋଗ୍ୟ କର୍ମଚାରୀଙ୍କୁ ନବୀନତମ ୨୦୧୪ ଅନୁଦାନ ନୀତି ଅନୁଯାୟୀ ଅନୁଦାନ ପ୍ରଦାନ କରାଯାଉଥିବା ବିଭାଗୀୟ ମନ୍ତ୍ରୀ କହିଛନ୍ତି। ବିଭିନ୍ନ ସରକାରୀ ଓ ଅନୁଦାନ ପ୍ରାପ୍ତି କଲେଜଗୁଡିକରେ ଆବଶ୍ୟକ ଅଧାପକ, ଶିକ୍ଷା କର୍ମଚାରୀ ନଥିବାରୁ ଶିକ୍ଷାର୍ଥୀମାନେ ଘରୋଇ କଲେଜ୍ ମୁହାଁ ହେଉଛନ୍ତି। ସରକାରୀ ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ରୁଗ୍ଣ ହେଉଥିବାରୁ ଘରୋଇ ଅନୁଷ୍ଠାନକୁ ସରକାର ପରୋକ୍ଷରେ ପ୍ରୋତ୍ସାହନ ଦେଉଛନ୍ତି ବୋଲି ଆଲୋଚନା ହେଉଛି।

## ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ସଫଳତା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ଆର୍ଥିକ ବର୍ଷର ମାତ୍ର ୩୨୪ ଦିନରେ ୨୫୦ ନିୟୁତ ଟନ୍ ମୂଳ ପଣ୍ୟ ପରିବହନ କରି ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ସହିତ, ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ୍ ଅଙ୍କରେ ପହଞ୍ଚିବାରେ ଦେଶର ପ୍ରଥମ ରେଳ ଜୋନ୍ ପାଲଟିଛି। ପୂର୍ବ ଆର୍ଥିକ ବର୍ଷ ଅର୍ଥାତ ୨୦୨୪-୨୫ ତୁଳନାରେ ୩୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରାଯାଇଛି, ଯାହା ଗତ ବର୍ଷର ପଣ୍ୟ ପରିବହନ ପ୍ରଦର୍ଶନ ତୁଳନାରେ ୧୦.୬% ଅଭିବୃଦ୍ଧି ପଞ୍ଜିକୃତ କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତି ଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ବହୁ ପରମାଣର ସାମଗ୍ରୀଗୁଡିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଏହି ମାଇଲଖୁଣ୍ଟ ଭାରତୀୟ ରେଳବାଇ ଅଧୀନରେ ଏକ ପ୍ରମୁଖ ପଣ୍ୟ ପରିବହନ କ୍ଷେତ୍ର ଭାବରେ ପୂର୍ବତଟ ରେଳପଥର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ଏବଂ ଏହି ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧି ଏବଂ ଅର୍ଥନୈତିକ ବିକାଶରେ ସମର୍ଥନ ଦେବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରୁଛି।

## ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘର ୧୦ମ ବାର୍ଷିକ ଉତ୍ସବ ରଚିକା ହାଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନୃସିଂହ ଚରଣ ପ୍ରଧାନ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦାନ କରି ଏହି ସଂଘ ଦୀର୍ଘ ୧୦ବର୍ଷ ହେଲା ବରିଷ୍ଠ ନାଗରିକମାନଙ୍କର ସମସ୍ୟା ସମାଧାନ କରିବା ସହିତ ସାଧାରଣ ଜନତାଙ୍କ ସେବାରେ କାର୍ଯ୍ୟ କରୁଥିବାରୁ ସଂଘକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସଂପାଦକ ଯୁଗଳକିଶୋର ସାହୁ ଯୋଗଦାନ କରି ବରିଷ୍ଠ ନାଗରିକମାନେ ଦେଶ ତଥା ରାଜ୍ୟର ସଂପଦ ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସମାଜ ସଂପାଦକ ପ୍ରମୋଦ କୁମାର ମହାପାତ୍ର ଯୋଗଦାନ କରି ସମାଜରେ ବରିଷ୍ଠ ନାଗରିକମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ନଗରପାଳିକା ମାଣିକ ସାହୁ, ଯୋଗ ଓ ଫିଜିଓ ଥେରାପିଷ୍ଟ୍ ଡାକ୍ତର ସଂଗୀତା ଅଗ୍ରୱାଲା, ଯୋଗ ପ୍ରଶିକ୍ଷକ କେଦାରନାଥ ଢ଼ାଲି ପ୍ରମୁଖ ଯୋଗଦାନ କରି ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କିପରି ହୋଇପାରିବ ସେ ସଂପର୍କରେ ଆଲୋକପାତ କରିଥିଲେ। ସଂଘର ସଂପାଦକ ବିପିନି ବିହାରୀ ମହାନ୍ତି ବିବରଣୀ ପାଠ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଡକ୍ଟର ଅମରେନ୍ଦ୍ର ମିଶ୍ର, ସଦାଶିବ ଦାସ, ଶ୍ରୀନିବାସ ବେହେରା, ଶାନ୍ତିଲତା ସାହୁ, ଦେବରାଜ ସାହୁ, ଲକ୍ଷ୍ମୀଧର ମୁଦୁଲି, କୁନି ଯୋଗଶିକ୍ଷୀ ତେଜସ୍ୱନୀ ଲେଙ୍କା, ନାରାୟଣ ଦାସ ପ୍ରମୁଖଙ୍କୁ ମୁଖ୍ୟଅତିଥି ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର "ଆମେ ବରିଷ୍ଠ"କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ବଂଶୀଧର ମହାପାତ୍ର ପରିଚାଳନା କରିଥିବା ବେଳେ ସଂଗଠକ କେଶବ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ସମ୍ମିଳନୀ

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ସନାତନ ଧର୍ମ ସୃଷ୍ଟିର ସର୍ବ ପୁରାତନ ତଥା ଏକମାତ୍ର ଧର୍ମ। ସନାତନ ସଂସ୍କୃତି ବସୁଧୈବ କୁଟୁମ୍ବକଂର ବାର୍ତ୍ତା ଦେଇଥାଏ। ସମଗ୍ର ବିଶ୍ୱର ମଙ୍ଗଳ କାମନା ତଥା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନାଦି କାଳରୁ ଏହି ଧର୍ମ ଚେଷ୍ଟା କରି ଆସିଛି ଓ ଦେଶ ମାତୃକାକୁ ନିଜର ମାଆ ବୋଲି ସମ୍ବୋଧନ କରିଆସିଛି। ହିନ୍ଦୁ ସଂସ୍କୃତି କେବଳ ଦେବୀ ବା ଦେବତା ନୁହେଁ, ମାନବ, ବୃକ୍ଷଲତା ଏପରିକି ଜଡ଼ ବସ୍ତୁରେ ମଧ୍ୟ ଭଗବତ ସଞ୍ଚାର ଅନୁଭବ କରିଥାଏ। ତେଣୁ ଏହି ମହାନ ସଂସ୍କୃତିକୁ ବଜାୟ ରଖି ସୁରକ୍ଷା ପ୍ରଦାନ କରିବାକୁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ଏଥିସହିତ ସୁସଂଗଠିତ ହୋଇ ଭାରତ ଗୌରବର ବିଜୟ ବାନାକୁ ସମଗ୍ର ବିଶ୍ୱରେ ଉଡାଇବା ଉଚିତ ବୋଲି ସାନ୍ତସାହିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ମା'ବୁଢ଼ୀ ବିଳାଶୁଣୀ ଓ ମା'ଯାଜ୍ଞସେନୀ ବସତୀର ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସ୍ଥାନୀୟ ସାନ୍ତସାହିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ସଂଯୋଜକ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଉଦଘାଟକ ରୂପେ ମହନ୍ତ ସଚ୍ଚିଦାନନ୍ଦ ଦାସ, ମୁଖ୍ୟଅତିଥି ଭାବେ ଦୈନିକ ଶ୍ରୁତିର ସମ୍ପାଦକ ସର୍ବେଶ୍ୱର ମିଶ୍ର ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ ପ୍ରମୁଖ ଯୋଗଦେଇ ଭାରତୀୟ ହିନ୍ଦୁ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଦ୍ୟନାଥ ଚାଟାର୍ଜୀ, କିଶୋର ପଣ୍ଡା, ଗିତାଞ୍ଜଳୀ ସେଠୀ, ନେହେରୁ ସାହୁ, ପ୍ରଧାନ ଆଚାର୍ଯ୍ୟ ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସଚ୍ଚିଦାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲୋକନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଦୁଇହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ନାୟକ, ମାଧବ ନନ୍ଦ, ଭିକାରୀ ପ୍ରଧାନ, ସମୀର ଦାସ, ପ୍ରଭାତରଞ୍ଜନ ସ୍ୱାଇଁ, ଅଭୟ ବେହେରା, କ୍ଷିତିଶ ସିଂହ, ରଞ୍ଜନ କୁମାର, ଶ୍ରୀନିବାସ ନାୟକ, ପଦ୍ମଲୋଚନ ମହାପାତ୍ର, ମହେଶ୍ୱର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରାଷ୍ଟ୍ର ପରିଚାଳନାରେ ନ୍ୟାୟ ଇଞ୍ଜିନ୍ ସଦୃଶ: ଜଷ୍ଟିସ୍ ଶଶିକାନ୍ତ ମିଶ୍ର

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ସମ୍ବିଧାନ ରାଷ୍ଟ୍ରର ନାଗରିକଙ୍କୁ ବ୍ୟକ୍ତିଗତ ସ୍ତରରେ ଏବଂ ସାମୂହିକ ଭାବେ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ବୃଦ୍ଧି କରିବା ସୁନିଶ୍ଚିତ କରିଛି। ଯାହାଦ୍ୱାରା କି ରାଷ୍ଟ୍ର ନିରନ୍ତର ଭାବରେ ଉଚ୍ଚତର ସ୍ତରକୁ ଯାଇ ସଫଳତା ହାସଲ କରି ପାରିବ। ଭାରତ ସମ୍ବିଧାନକୁ ସମ୍ମାନ ଦେବା ଆମର ମୌଳିକ ଦାୟିତ୍ୱ ଏବଂ ନ୍ୟାୟ ଏକ ଇଞ୍ଜିନ୍ ସଦୃଶ ଯାହାକି ରାଷ୍ଟ୍ରକୁ ପରିଚାଳନା କରିଥାଏ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଉଦ୍ଦେଶ୍ୟରେ ସୋଆ ବକ୍ତୃତାମାଳାର ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶନିବାର ଓଡିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ ଶଶିକାନ୍ତ ମିଶ୍ର ଏହା କହିଥିଲେ।



ନ୍ୟାୟମୂର୍ତ୍ତୀ ମିଶ୍ର କହିଥିଲେ ଯେ ଜ୍ଞାନ ବୃଦ୍ଧି ଓ ମାନବ ସଭ୍ୟତାର ମିଶ୍ରଣକୁ ନେଇ ବିଶେଷଜ୍ଞମାନେ ଏକାଠି ବସି ସମ୍ବିଧାନ ଗଠନ କରିଥିଲେ। ତେଣୁ ବ୍ରିଟିଶରମାନେ ଯେ ଆମକୁ ଆଇନ ଶିଖାଇଛନ୍ତି ଏହା କହିବା ଭୁଲ୍ ହେବ ବୋଲି ନ୍ୟାୟମୂର୍ତ୍ତୀ ଶ୍ରୀ ମିଶ୍ର କହିଥିଲେ।

ସେ ଆହୁରି ମଧ୍ୟ କହିଥିଲେ ଯେ ଜଣେ ହୁଏତ ସମ୍ବିଧାନ ବିଧି ବ୍ୟବସ୍ଥାକୁ ପ୍ରତ୍ୟେକ ଦିନ ପାଳନ କରୁ ନଥାଇପାରେ। କିନ୍ତୁ ନ୍ୟାୟ, ସମାନତା ଭଳି ନୀତି ଆଦର୍ଶକୁ ଯଦି ତାର ଦୈନନ୍ଦିନ କାର୍ଯ୍ୟରେ ପ୍ରତିଫଳିତ ହୁଏ। ତେବେ ସେ ସମ୍ବିଧାନକୁ ପାଳନ କରୁଛି ବୋଲି କୁହାଯାଇପାରିବ। ଇଂଲଣ୍ଡ ସମେତ ଦୁବାଇ ଏବଂ ଆବୁଧାବିର ଟ୍ରାଫିକ୍ ପୋଷ୍ଟରେ କୌଣସି ପୋଲିସ୍ ଦେଖିବାକୁ ମିଳନ୍ତି ନାହିଁ। ତେବେ ସେଠି ସମସ୍ତେ ନିୟମ ପାଳନ କରିଥାଆନ୍ତି। ତମେ ଯଦି ନିୟମ ପାଳନ କରୁଛ ତେବେ ସମ୍ବିଧାନକୁ ମଧ୍ୟ ମାନୁଛ ବୋଲି ସେ କହିଥିଲେ।

ଭାରତୀୟ ସମ୍ବିଧାନ ଧାରା ୨୧ର ଗୁରୁତ୍ୱ ସଂପର୍କରେ ଦର୍ଶାଇ ସେ କହିଥିଲେ ଯେ ଏଥିରେ ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ଦର୍ଶାଉଥିବାବେଳେ ଆଇନ୍‌ରେ ଏହାକୁ ବାହାର କରି ନେବାର ବ୍ୟବସ୍ଥା ରହିଛି। ସେହିପରି ଧାରା୧୪ ଏବଂ ଧାରା ୨୧ ମଧ୍ୟ ଜେଲ୍‌ରେ ଥିବା ବିଚାରଧୀନ କଏଦୀ ଏବଂ ଦୋଷୀମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥାଏ ବୋଲି ସେ କହିଥିଲେ। ଯଦିଓ ଭାରତୀୟ ଆଇନ ବ୍ୟବସ୍ଥା ଅନ୍ୟ ଦେଶଗୁଡିକରୁ ଉଦ୍ଧୃତ କରାଯାଇଛି। ତେବେ ଏହାର ମହତ୍ୱ ଏବଂ ଗୁରୁତ୍ୱ ଭାରତୀୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଅଧକ୍ଷତା କରିଥିବାବେଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍‌ଏନ୍‌ଆଇଏଲ୍)ର ଡିନ୍ ପ୍ରଫେସର ଏସ୍.କେ.ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 23rd February, 2026 Monday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ଗହଣା ଦୋକାନ ପାଖ ହୋଟେଲ୍

ହେଲ୍‌ଥ



ଟନିକ୍

ପନ୍ୀଦେବୀ ମୋବାଇଲ୍ ଫୋନ୍‌ରେ ଗର୍ଜନ କରୁଥିଲେ- ତୁମେ କୁଆଡ଼େ ଗଲ କହିଲ ? ଘରକୁ ନଆସି କୁଆଡ଼େ ବୁଲୁଛ ଏତେବେଳ ଯାଏ ?

ସେପଟୁ ପତିଦେବଙ୍କ କୋମଳ ଉତ୍ତର- ଡାର୍ଲିଂ, ତମର ମନେଅଛି ଏଇ ଦୁଇ ତିନିଦିନ ତଳେ ଆମେ ଯୋଉ ଗୋଟେ ଗହଣା ଦୋକାନକୁ ଯାଇଥିଲେ ସେଠି ତମେ ଗୋଟେ ଦାମିକା ନେକ୍‌ଲେସ୍ ଦେଖିଥିଲ ? ସେଥିରେ ଗୋଟେ ବଡ଼ ଲାଲ୍ ପଥରଟେ ଲାଗିଥିଲା । ତମେ ଜିଦ୍ ଧରିଥିଲ କିଣିବା ପାଇଁ କିନ୍ତୁ ମୋ ପାଖରେ ଟଙ୍କା ନଥିଲା । ମୁଁ ତମକୁ କହିଥିଲି- ଦିନେ ନା ଦିନେ ତମ ବେକରେ ଏଇ ହାରଟା ନିଶ୍ଚେ ଶୋଭାପାଇବ ।

ପନ୍ୀଦେବୀ ଏ କଥା ଶୁଣିବା ପରେ ବେଶ୍ ଉତ୍ସାହିତ ହୋଇଉଠିଲେ । ମିଠା ହସି କହିଲେ- ହଁ ହଁ ମନେଅଛି ମନେଅଛି । ତମେ କ'ଣ ଏବେ ସେଇଠି ଅଛ ?

ସ୍ୱାମୀ କହିଲେ- ହଁ, ମୁଁ ସେଇ ଦୋକାନର ପାଖ ହୋଟେଲ୍‌ରେ ବସି ଦୋସା ଖାଉଛି।

# ବିଜୟଧାରାରେ ଲାଗିଲା ବ୍ରେକ୍: ବଡ଼ ବିଜୟ ହାସଲ କଲା ଦକ୍ଷିଣ ଆଫ୍ରିକା

**ଅହମ୍ମଦାବାଦ,୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଟି-୨୦ ବିଶ୍ୱକପରେ ଭାରତ ପ୍ରଥମ ପରାଜୟ ବରଣ କରିଛି। ଲିଗ୍ ପର୍ଯ୍ୟାୟରେ ଅପରାଜିତ ଥିବା ଟିମ୍ ଇଣ୍ଡିଆ ପ୍ରଥମ ସୁପର ୮ ମ୍ୟାଚ୍ ୭୬ ରନରେ ହାରିଯାଇଛି। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୭ ୱିକେଟ୍ ହରାଇ ୧୮୭ ରନ୍ କରିଥିଲା। ଜବାବରେ ଭାରତ ୧୮.୫ ଓଭରରେ ୧୧୧ ରନ୍ କରି ପରାଜୟ ବରଣ କରିଛି । ଟି-୨୦ ଅନ୍ତର୍ଜାତୀୟରେ ରନ୍ ଦୃଷ୍ଟିରୁ ଏହା ଭାରତର ଦ୍ୱିତୀୟ ସର୍ବବୃହତ୍ତ ପରାଜୟ। ଦକ୍ଷିଣ ଆଫ୍ରିକା ପାଇଁ ଡେଭିଡ୍ ମିଲର୍ (୬୩ ରନ୍), ଡେୱାଲ୍ଡ ବ୍ରେଭିସ (୪୫ ରନ୍), ଏବଂ ଟ୍ରେଷ୍ଟନ୍ ଷ୍ଟବ୍ସ (୪୪ ଅପରାଜିତ) ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମାର୍କୋ ଜାନସେନ୍ (୪ ୱିକେଟ୍) ଏବଂ କେଶବ ମହାରାଜ (୩ ୱିକେଟ୍) ବୋଲିଂରେ ବିପର୍ଯ୍ୟୟ ଘଟାଇଛନ୍ତି।

ଗ୍ରୁପ୍ ପର୍ଯ୍ୟାୟରେ, ଭାରତ ପାକିସ୍ତାନ ବ୍ୟତୀତ ଛୋଟ ଦଳଗୁଡ଼ିକୁ (ନାମିବିଆ, ନେଦରଲ୍ୟାଣ୍ଡସ୍ ଏବଂ ଆମେରିକା)କୁ ପରାସ୍ତ କରିଥିଲା। ପ୍ରକୃତ ଟି-୨୦ ବିଶ୍ୱକପ୍ ସୁପର-୮ ମ୍ୟାଚ୍ ଆରମ୍ଭ ହେବା ମାତ୍ରେ, ଭାରତୀୟ ଦଳର ଦୁର୍ବଳତା ପ୍ରକାଶ ପାଇଛି । ଭାରତ ତାର ପ୍ରଥମ ସୁପର-୮ ମ୍ୟାଚରେ ଲଜ୍ଜାଜନକ ପରାଜୟ ବରଣ କରିଛି । ଭାରତ ଏବେ ଫେବୃଆରୀ ୨୬ରେ ଜିମ୍ବାୱେ ଏବଂ ମାର୍ଚ୍ଚ ୧ରେ ୱେଷ୍ଟଇଣ୍ଡିଜ୍ ସହିତ ମୁକାବିଲା କରିବ। ସେମିଫାଇନାଲ୍ ସ୍ଥାନ ସୁରକ୍ଷିତ କରିବା ପାଇଁ ଭାରତକୁ ଉଭୟ ମ୍ୟାଚ୍ ଜିତିବାକୁ ପଡିବ।

ଆଜି ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ ଆଡେନ ମାର୍କରମ ଓ କ୍ୱିଣ୍ଟନ ଡିକକ ଓପନିଂ କରିଥିଲେ। ହେଲେ ଦୁଇ ଅଭିଜ୍ଞ ଓପନର ଆଜିର ମୁକାବିଲାରେ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲେ। ଉଭୟଙ୍କ ୱିକେଟ୍ ଶସ୍ତାରେ ଯାଇଥିଲା। ଜସପ୍ରୀତ ବୁମରା କ୍ୱିଣ୍ଟନ ଡିକକୁ ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ତେବେ ସୁପର ୮ ମୁକାବିଲାରେ ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିବା ଅର୍ଶଦୀପ ସିଂହ ମାତ୍ର ୪ ରନ୍ ଦେଇଥିଲେ। ହେଲେ ଦ୍ୱିତୀୟ ଓଭର କରିବାକୁ ଆସିଥିବା ବୁମ୍ରା ଡି-କକଙ୍କୁ ଆଉଟ କରିଥିଲେ। ଏହାପରେ ତୃତୀୟ ଓଭର ବୋଲିଂ କରିବାକୁ ଆସିଥିବା ଅର୍ଶଦୀପ ସିଂହ, ଆଡେନ ମାର୍କରମଙ୍କୁ ଆଉଟ୍ କରି ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ ପୂରା ବିଗାଡି ଦେଇଥିଲେ। ଅର୍ଶଦୀପଙ୍କ ଚତୁର୍ଥ ବଲ୍‌ରେ ମାର୍କରମ ପାଣ୍ଡ୍ୟାଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଓପନିଂ ଆସିଥିବା ଦୁଇ ବ୍ୟାଟର ଆଡେନ ମାର୍କରମ ଓ କ୍ୱିଣ୍ଟନ ଡିକକ୍ ଖୁବଶୀଘ୍ର ଆଉଟ୍ ହୋଇଯାଇଥିଲେ ।



ଡିକକ ଆଉଟ୍ ହେବା ପରେ ବ୍ୟାଟିଂ କରିବାକୁ ଆସିଥିବା ରିକେଲ୍ଟନ ମଧ ବେଶି ସମୟ ତିଷ୍ଠି ପାରି ନଥିଲେ। ଚତୁର୍ଥ ଓଭର ବୋଲିଂ କରିବାକୁ ଆସିଥିବା ବୁମରା ତାଙ୍କୁ ଶିଭମ ଦୁବେଙ୍କ ହାତରେ କ୍ୟାଚ୍ ଆଉଟ୍ କରି ପାଭିଲିଅନ ପଠାଇ ଦେଇଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୪ ଓଭର ଖେଳି ମାତ୍ର ୨୦ ରନରେ ୩ ୱିକେଟ୍ ହରାଇଥିଲା। ଏହାପରେ ଡେଭିଡ ମିଲର ଓ ଡିୱାଲ୍ଡ ବ୍ରେଭିସ୍ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ପରବର୍ତ୍ତୀ ଦୁଇ ଓଭରରେ ୨୧ ରନ୍ ସଂଗ୍ରହ କରିଥିଲା ଦକ୍ଷିଣ ଆଫ୍ରିକା। ୬ ଓଭର ଖେଳ ପରେ ଦକ୍ଷିଣ ଆଫ୍ରିକା ୪୧ ରନ୍ କରିଥିଲା।

ଭାରତ ପକ୍ଷରୁ ଅର୍ଶଦୀପ ସିଂହ ୩ ଓଭର ବୋଲିଂ କରି ୨୨ ରନ୍ ଦେଇଥିବା ବେଳେ ଗୋଟିଏ ୱିକେଟ୍ ନେଇଥିଲେ। ସେହିପରି ବୁମରା ଦୁଇ ଓଭର କରି ମାତ୍ର ୭ ରନ୍ ଦେଇଥିବା ବେଳେ ଦୁଇଟି ୱିକେଟ୍ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଓଭରରେ ୧୧ ରନ୍ ଦେଇଥିଲେ। ସପ୍ତମ ଓଭର ବ୍ୟାଟିଂ କରିବାକୁ ଆସିଥିବା ୱାଶିଂଟନ ସୁନ୍ଦର ମଧ୍ୟରେ ୧୧ ରନ୍ ଦେଇଥିଲେ। ଷଷ୍ଠ ଓ ସପ୍ତମ ଓଭର ବରୁଣ ଚକ୍ରବର୍ତ୍ତୀ ଓ ୱାଶିଂଟନ ସୁନ୍ଦର ଦୁଇ ସ୍ପିନ କରିଥିବା ବେଳେ ଦୁହେଁ ୨୨ ରନ୍ ଲେଖାଏ ଦେଇଥିଲେ। ଦୁଇ ସ୍ପିନରଙ୍କ ବଲ୍ ମାଡ ଖାଇବା ପରେ ପୁଣିଥରେ ଦ୍ରୁତ ବୋଲର ଲଗାଇଥିଲେ ସୂର୍ଯ୍ୟକୁମାର ଯାଦବ। ଅଷ୍ଟମ ଓଭର ବୋଲିଂ କରିବାକୁ ଆସିଥିବା ହାର୍ଦ୍ଦିକ ପାଣ୍ଡ୍ୟା ସ୍କୋର ଚାପି ମାତ୍ର ୪ ରନ୍ ଦେଇଥିଲେ। ଏହାପରେ ନବମ ଓଭରରେ ପୁଣି ଥରେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ବରୁଣ ଚକ୍ରବର୍ତ୍ତୀ। ଏହି ଓଭରରେ ସେ ୧୭ ରନ୍ ଦେଇଥିଲେ।

ତେବେ ୧୦ ଓଭର ପାଇଁ ଆଉ ସ୍ପିନର ଆଟାକ୍ ନକରି ପୁଣିଥରେ ପାଣ୍ଡ୍ୟା ବୋଲିଂ କରିବାକୁ ଆସିଥିଲେ। ଯଦିଓ ଦଶମ ଓଭର ପାଣ୍ଡ୍ୟା ଭଲ ବୋଲିଂ କରିଥିଲେ ହେଲେ ତାଙ୍କର ଶେଷ ବଲ୍ ନୋ ବୋଲ ହୋଇଥିଲା। ଫଳରେ ଫ୍ରି ହିଟ୍ ପାଇଥିବା ଡେଭିଲ୍ ମିଲର ପାଣ୍ଡ୍ୟଙ୍କ ଶେଷ ବଲକୁ ୬ ମାରିଥିଲେ। ଦକ୍ଷିଣ ଆଫ୍ରିକା ୧୦ ଓଭର ଖେଳ ବେଳକୁ ୮.୧୩ ହାରରେ ୮୪ ରନ୍ କରିଥିବା ବେଳେ ୩ ୱିକେଟ୍ ହରାଇଥିଲା। ପ୍ରଥମ ୧୦ ଓଭର ଖେଳ ଏହିଭଳି ଖେଳିଥିଲା ଦକ୍ଷିଣ ଆଫ୍ରିକା। ଏହାପରେ ବରୁଣ ଚକ୍ରବର୍ତ୍ତୀ ଓ ଶିବମ ଦୁବେଙ୍କ ପରବର୍ତ୍ତି ଦୁଇ ଓଭର ଯଦିଓ ମହଙ୍ଗା ସାବ୍ୟସ୍ତ ହୋଇଥିଲା, ତେବେ ୧୨.୨ ଓଭର ଖେଳ ବେଳେ ଶିବମ ଦୁବେ ଭାରତକୁ ଆଉ ଏକ ସଫଳତା ଦେଇଥିଲେ। ସେଟ୍ ବ୍ୟାଟର ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ଅଭିଷେକ ଶର୍ମାଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଧୂଆଁଧାର ବ୍ୟାଟିଂ କରୁଥିବା ବ୍ରେଭିସ୍ ୨୯ ବଲ୍‌ରେ ମାତ୍ର ୪୫ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ଅର୍ଦ୍ଧଶତକ ସ୍ୱପ୍ନ ପୂରା ହୋଇପାରି ନଥିଲା। ସେପଟେ ଡେଭିଡ୍ ମିଲର ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିଲେ। ତାଙ୍କୁ ସହଯୋଗ କରିବାକୁ ଆସିଥିଲେ ଟ୍ରିଷ୍ଟାନ ଷ୍ଟବ୍ସ।

ମିଲର ଟିମର ସ୍କୋରକୁ ଆଗକୁ ବଢ଼ାଇବାକୁ ଯାଇ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିଲେ। ୧୫.୪ ଓଭର ଖେଳ ବେଳେ ମିଲର ୩୫ ବଲ୍‌ରେ ୬୩ ରନ୍ କରି ଆଉଟ୍ ହୋଇଥିଲେ। ବରୁଣ ଚକ୍ରବର୍ତ୍ତୀ ତାଙ୍କୁ ତିଲକ ବର୍ମାଙ୍କ ହାତରେ କ୍ୟାଚ୍ ୱିକେଟ୍ କରାଇଥିଲେ। ପୁଣି ୧୭.୨ ଓଭର ବେଳେ ମାର୍କୋ ଯାନସେନଙ୍କ ୱିକେଟ୍ ନେଇଥିଲେ ଅର୍ଶଦୀପ ସିଂହ। ୧୮.୫ ବଲ୍‌ରେ କର୍ବିନ ବୋସ୍‌ଙ୍କ ୱିକେଟ୍ ଯାଇଥିଲା। ସେ ମାତ୍ର ୬ ରନ୍ କରି ବୁମରାଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ମିଲରଙ୍କ ଲଢ଼ୁଆ ବ୍ୟାଟିଂ ବଳରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୮୭ ରନ୍ କରିଥିଲା।

## ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ୍ ବଜାୟ ରଖିଲା ଭାରତ 'ଏ'



**ନୂଆଦିଲ୍ଲୀ,୨୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶ 'ଏ'କୁ ୪୬ ରନ୍‌ରେ ପରାସ୍ତ କରି ଭାରତ 'ଏ' ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ୍ ବଜାୟ ରଖିଛି। ରବିବାର ଖେଳାଯାଇଥିବା ଫାଇନାଲ୍‌ରେ ଭାରତୀୟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଓ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୩୪ ରନ୍ କରିଥିଲା । ଭାରତ 'ଏ' ପକ୍ଷରୁ ବ୍ରିନ୍ଦା ଦିନେଶ (୧୭ ବଲରୁ ୧୯) ଓ ନନ୍ଦିନୀ କଶ୍ୟପ୍ (୧୫ ବଲରୁ ୮ ରନ୍) ପ୍ରଥମ ୱିକେଟ୍ ଯୋଡ଼ିରେ ୩୦ ରନ୍ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ ବି ୩୦ରୁ ୪୪ ରନ୍ ମଧ୍ୟରେ ୪ଟି ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମରେ ତେଜଲ୍ ହସବନିସ୍ ( ୩୪ ବଲରୁ ୫୧ରନ୍) ଓ ରାଧା ଯାଦବ (୩୦ ବଲରୁ ୩୬ ରନ୍) ୬୯ ରନର ଏକ ଉପଯୋଗୀ ଭାଗୀଦାର କରି ଦଳୀୟ ସ୍କୋରକୁ ଏକ ସମ୍ମାନଜନକ ସ୍ଥିତିକୁ ନେଇଯାଇଥିଲେ।

ବାଂଲାଦେଶ 'ଏ' ପକ୍ଷରୁ ଫାହିମା ଖାତୁନ ୨୫ ରନ ବିନିମୟରେ ୪ଟି ୱିକେଟ୍ ନେଇଥିଲେ । ଜବାବରେ ବାଂଲାଦେଶ 'ଏ' ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୧ ଓଭରରେ ମାତ୍ର ୮୮ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସମିମା ସୁଲତାନା ୨୦ ରନ୍ କରିଥିବାବେଳେ ସରମିନ୍ ସୁଲତନା ୧୮ ରନ୍ କରିଥିଲେ। ଭାରତ ପକ୍ଷରୁ ପ୍ରେମା ରାୱତ୍ ୧୨ ରନ୍ ବିନିମୟରେ ୩ଟି ୱିକେଟ୍ ନେଇଥିବାବେଳେ ସୋନିଆ ମେଣ୍ଢିଆ ଓ ତନୁଜା କନୱେର୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଅର୍ଦ୍ଧଶତକ ଅର୍ଜନ କରିଥିବା ତେଜଲ୍ ହସବନିସ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

# ମଧୁକାନ୍ତର ରିମାଣ୍ଡ ଅବଧି ଶେଷ, କୋର୍ଟରେ ହାଜିର

**କଟକ,୨୨।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିବା ବିହାରୀ କଏଦୀ ମଧୁକାନ୍ତ ରାଣାଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କୁ କୋର୍ଟରେ ହାଜିର କରାଯାଇଛି । ଗତ ମଂଗଳବାର ଚୌଦ୍ୱାର ପୁଲିସ ତାଙ୍କୁ ୬ଦିନିଆ ରିମାଣ୍ଡରେ ନେଇଥିଲା । ଆଜି ରିମାଣ୍ଡ ଶେଷ ହୋଇଛି । ଅଜ୍ଞାତ ସ୍ଥାନରେ ରଖି ପୁଲିସ ମଧୁକାନ୍ତକୁ ପଚରାଉଚରା କରି ତାଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ସୂଚନାଯୋଗ୍ୟ, ମଧୁକାନ୍ତ ଜେଲରୁ ଫେରାର ହୋଇ ବୃନ୍ଦାବନରେ ଏକ ମଠରେ କାର୍ଯ୍ୟ କରୁଥିଲା । ଗତ ୧୪ ତାରିଖରେ ମଧୁକାନ୍ତକୁ ସେଠାରୁ ଗିରଫ କରାଯାଇ ଚୌଦ୍ୱାର ଜେଲର ୩ ନଂ ସେଲରେ ରଖାଯାଇଥିଲା । ୭ ଦିନ ପାଇଁ ରିମାଣ୍ଡରେ ଆଣିବା ପାଇଁ ପୁଲିସ କୋର୍ଟରେ ଆବେଦନ କରିଥିଲା । ଗତ ୧୭ ତାରିଖରେ କୋର୍ଟ ୬ ଦିନ ରିମାଣ୍ଡ ମଞ୍ଜୁର କରିଥିଲେ । ପୁଲିସ ରିମାଣ୍ଡରେ ନେବା ପୂର୍ବରୁ ୩ ଦିନ ମଧୁକାନ୍ତ ଚୌଦ୍ୱାର ଜେଲରେ ରହିଥିଲା । ଏହି ସମୟର ଜେଲରେ ତାକୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ କଟକ ଡିସିପି ଜେଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିବା ଜଣାପଡ଼ିଛି । ତେବେ ଅଭିଯୋଗ ସଂକ୍ରାନ୍ତରେ ଜେଲ ଅଧୀକ୍ଷକ ସୁଜିତ ରାଉଳଙ୍କୁ ପଚାରିବାରୁ ମାଡ଼ ଘଟଣାକୁ ସେ ଅସ୍ୱୀକାର କରିଛନ୍ତି ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଘଟଣାଦିନ ମଧୁକାନ୍ତ ଓ ଅନ୍ୟତମ ଫେରାର ରାଜା ସାହାଣୀ ଜେଲ ପାଚେରି ଡେଇଁ ଚାରବାଟିଆ ଷ୍ଟେସନ ଯାଇଥିଲେ । ସେଠାରୁ ପୁରୀ ଅଭିମୁଖେ ଯିବା ପରେ ଦୁଇଜଣ ଭିନ୍ନ ଦିଗରେ ଯାତ୍ରା କରିଥିଲେ । ମଧୁକାନ୍ତ ସେଠାରୁ ବୃନ୍ଦାବନ ଅଭିମୁଖେ ଯିବା ସମୟରେ ରାଜା ଜଣେ ବ୍ୟକ୍ତି ଠାରୁ ଟଙ୍କା ଲୁଟ କରି କିଛି ଟଙ୍କା ମଧୁକାନ୍ତକୁ ଦେଇଥିଲା । ମଧୁକାନ୍ତ ବୃନ୍ଦାବନରେ ପହଞ୍ଚି ଏକ ମଠରେ ନିଜ ବାସୁ ପାଣ୍ଡେ ନାମରେ ପରିଚୟ ଦେଇ କର୍ମଚାରୀ ଭାବେ କାମ କରୁଥିଲା । ଭାଲେଣ୍ଟାଇନ ଡେ ପୂର୍ବରୁ ନିଜ ପ୍ରେମିକା ସହିତ ମଧୁକାନ୍ତ ଯୋଗଯୋଗ କରିଥିଲା । ପୂର୍ବରୁ ପୁଲିସ ଦୁଇ ଜେଲ ଫେରାର କଏଦୀଙ୍କ ସମ୍ପର୍କୀୟମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା । ପ୍ରେମିକା ସହିତ ଯୋଗାଯୋଗର ସୁରାକ ପୁଲିସ ହାତରେ ଲାଗିବା ପରେ ମଧୁକାନ୍ତ ଠିକଣାକୁ ଠାବ କରି ସେଠାରୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲା । ଅନ୍ୟତମ ଫେରାର କଏଦୀ ରାଜା ସାହାଣୀକୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି ।

## ପ୍ରଥମ ପୃଷ୍ଠାରୁ...

### ୨ ଜଣଙ୍କୁ ହାତୀ...

ଭୀଷ୍ମଗିରି, ଚଷାନିମଖଣ୍ଡି, ସହଦେବ ଟିକରପଡ଼ା, ନିମଖଣ୍ଡି ପେଣ୍ଠ ପ୍ରଭୃତି ଇଲାକାରେ ଆତଙ୍କ ଚଳାଇଥିଲା । ଚନ୍ଦ୍ରଗିରି ରେଞ୍ଜ ଭୀଷ୍ମଗିରି ସେକ୍ସନ ଅଧିନ ବନ କର୍ମଚାରୀ ବୃନ୍ଦ ତାଲିମପ୍ରାପ୍ତ ହାତୀ ଟ୍ରାକରଙ୍କ ସହାୟତାରେ ହାତୀକୁ ପୁଣି ଥରେ ଜଙ୍ଗଲ ମଧ୍ୟକୁ ଘଉଡାଇ ଦେଇଥିଲେ। ହାତୀଟି ପୁଣି ଜଙ୍ଗଲରୁ ଫେରି ଆସିଥିବା ସନ୍ଦେହ କରାଯାଉଛି।

ଗଞ୍ଜାମ ଜିଲା ବ୍ରହ୍ମପୁର ବନଖଣ୍ଡ ଦିଗପହଣ୍ଡି ବନାଞ୍ଚଳ ପାଟପୁର ସେକ୍ସନ ରତନେଇ ରେଖାଙ୍କିତ ଜଙ୍ଗଲରେ ୪ ହାତୀ ରହୁଛନ୍ତି। ଏହି ପଲରୁ ଜଲମେରୀ ପଲ୍ଲୀ ଅଞ୍ଚଳକୁ ହାତୀ ଯାଇଛି କି ନାହିଁ ସେନେଇ ବନ କର୍ମଚାରୀମାନଙ୍କ ପକ୍ଷରୁ ଟ୍ରାକିଂ ଚାଲିଥିବା ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ କହିଛନ୍ତି। ଅପରପକ୍ଷରେ ଆବଶ୍ୟକ ପାଣି ଓ ଖାଦ୍ୟାଭାବ କାରଣରୁ ହାତୀ ଜନବସତିକୁ ମାଡି ଆସୁଛନ୍ତି। ବିଗତ ୨୦ ବର୍ଷ ମଧ୍ୟରେ ବ୍ୟାପକ ଜଙ୍ଗଲ ନଷ୍ଟ ସହ ହାତୀ ଭଳି ବନ୍ୟଜନ୍ତୁଙ୍କ ବାସସ୍ଥଳୀ ନଷ୍ଟ କରାଯାଇ ସଂରକ୍ଷିତ ଲଖାରୀ ହାତୀ ଅଭୟାରଣ୍ୟ ଭିତରେ ବେଆଇନ ଭାବେ ଅନେକ ଜନବସତି ଗଢ଼ି ଉଠିଥିବା ଜାଣିବାକୁ ମିଳିଛି।

### ନାବାଳିକା ଗଣଦୁଷ୍କର୍ମକୁ...

ଜଣେ ମହିଳା ସାମିଲ ଥିବା ମଧ ଜଣାପଡିଛି। ଏହା କେବେ ବି ଏତିକି ରେ ସୀମିତ ନଥିବ। ଏହି ହିନ କାର୍ଯ୍ୟକୁ ଗଭୀର ଭାବେ ତଦନ୍ତ କରିବା ଦରକାର ବୋଲି ଦାବି କରିଛି ବିଜୁ ମହିଳା ଜନତା ଦଳ।

କେନ୍ଦ୍ରାପଡ଼ା ଗଣଦୁଷ୍କର୍ମ ଘଟଣା ସ୍ଥଳକୁ ବିଜୁ ଜନତା ଦଳର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଯାଇଥିଲା । ରାଜକନିକା ୧୨ ବର୍ଷୀୟା ନାବାଳିକା ଗଣଦୁଷ୍କର୍ମ ଶିକାର ହୋଇଥିବା ଘଟଣାରେ କେନ୍ଦ୍ରାପଡ଼ା ଯାଇଥିଲା ଏହି ଟିମ୍। ଏନେଇ ଲୋକଙ୍କ ସହ ଆଲୋଚନା କରିଥିଲୁ। ଅଭିଭାବକଙ୍କ ସହ ଏନେଇ ଆଲୋଚନା କରିଥିଲୁ। ଏହି ଘଟଣାରେ ବିଜେଡି ପକ୍ଷରୁ ଏକ ମେମୋରାଣ୍ଡମ୍ କେନ୍ଦ୍ରାପଡ଼ା ଏସପିଙ୍କୁ ଦେଇଥିଲୁ ବୋଲି କହିଛି ଏହି ଟିମ୍।

ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କହିବା ଅନୁଯାୟୀ ପୂର୍ବରୁ ଏହି କଥାକୁ ସ୍କୁଲ ଅଧକ୍ଷାଙ୍କୁ ଜଣାଇଥିଲେ ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକାଙ୍କ ମା, ହେଲେ ଏହାକୁ ଗୁରୁତ୍ୱ ଦେଇନଥିଲେ ସ୍କୁଲର ଅଧକ୍ଷ। ଏଥିରେ ଯେପରି ପିଲାଟିର ମାନସିକ ସ୍ଥିତି ଠିକ୍ ରହିବ ତାହାକୁ ଅନୁଧ୍ୟାନ କରିବା ସହ ନାବାଳିକା ଓ ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଏସପି ଙ୍କୁ ଦାବି କରିଛି ବିଜେଡି।

ସେହିଭଳି ଦଳ ପକ୍ଷରୁ ଆହୁରି କୁହାଯାଇଛି, ରାଜ୍ୟରେ ଏହି ୧୮ ମାସ ମଧ୍ୟରେ ୨୦୨ ଟି ଦୁଷ୍କର୍ମ କେସ ରେଜିଷ୍ଟର ହୋଇଛି ସେହିଭଳି ୪୦ ହଜାର ମହିଳା ନିର୍ଯ୍ୟାତନାର ଶିକାର ହୋଇଛନ୍ତି। ଏହା ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

### ପ୍ରଦେଶ ସ୍ତରରେ...

ଏଥିରେ ପଶ୍ଚିମବଙ୍ଗର ଅଭିଜ୍ଞତା ଏବେ ସମସ୍ତଙ୍କ ସାମ୍ନାରେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ରାଜ୍ୟ ନିମନ୍ତେ ଉଚିତ ଆଇନ ଉପାୟ ମାଗିବା ପାଇଁ ନିଜେ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଛିଡା ହୋଇଥିଲେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା, ଏହି କାରଣରୁ ବିରୋଧୀ ନିର୍ବାଚନ ଆୟୋଗଙ୍କୁ ବିଶ୍ୱାସ କରିପାରୁ ନାହାନ୍ତି। ସେହିପରି ଆମେରିକା ଟାରିଫକୁ ନେଇ ମନିଷ ତିୱାରୀ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପ ସାରା ଦୁନିଆରେ ୧୫ ପ୍ରତିଶତ ଟାରିଫ ଲଗାଇଥିବା କଥା କହିଛନ୍ତି। ଏଥିରେ ଭାରତରେ ବିଜେପି ସରକାର ୭୦ଟି ଜିନିଷକୁ ଶୂନ୍ୟ ଟାରିଫ ଘୋଷଣା କରିଛନ୍ତି। ଏହାର ଅର୍ଥ ହେଉଛି ଆମେରିକାରେ ବେପାର କରିବାକୁ ଭାରତକୁ ୧୫ ପ୍ରତିଶତ ଟାରିଫ ଦେବାକୁ ପଡିବ ଓ ଆମେରିକାର ୭୦ଟି ସାମଗ୍ରୀ ଭାରତରେ ବିନା ଶୁଳ୍କରେ ବିକ୍ରିହେବ। ଏହା କେଉଁ ପ୍ରକାରର ବାଣିଜ୍ୟ ବୁଝାମଣା ? ଏଥିପାଇଁ ଭାରତ ସରକାରଙ୍କୁ ଜବାବ ଦେବାକୁ ପଡିବ ବୋଲି ତିୱାରୀ କହିଛନ୍ତି।

### ଦୁର୍ଘଟଣାରେ...

ପଚାରି ବୁଝିଛନ୍ତି। ପୁଲିସ୍ ଟିପର ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଟିପରଟି ଦ୍ରୁତଗତିରେ ଯାଉଥିଲା ବୋଲି ଜଣାପଡିଛି।

ଏହି ଘଟଣାକୁ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଝାରସୁଗୁଡାରେ ଘଟିଥିବା ଏକ ଦୁଃଖଦ ସଡକ ଦୁର୍ଘଟଣାରେ ୫ ଜଣ କର୍ତ୍ତବ୍ୟରତ ପୁଲି କର୍ମଚାରୀଙ୍କ ଅକାଳ ବିୟୋଗ ବିଷୟରେ ଜାଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଅମର ଆତ୍ମାର ସଦଗତି କାମନା କରିବା ସହ ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟମାନଙ୍କର ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।

ମୃତ ୫ ପୁଲିସ କର୍ମଚାରୀଙ୍କ ପରିବାର ପାଇଁ ଅନୁକଂପା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକଂପା ରାଶି ପ୍ରଦାନ କରାଯିବ।

### ରେଡ ଫ୍ଲାଗ...

ମଧ୍ୟରେ ମାମଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ । ତଦନ୍ତ ପରିସରକୁ ଆହୁରି ବ୍ୟାପକ କରାଯିବ । ଆବଶ୍ୟକସ୍ଥଳେ ଡିଏନଏ ଟେଷ୍ଟ କରାଯିବା ବ୍ୟବସ୍ଥା ରହିଥିବା ଏସଡିପିଓ ଶ୍ରୀପାତ୍ର ସୂଚନା ଦେଇଛନ୍ତି । ଏଥିସହିତ ସେ ସୂଚନା ଦେଇଛନ୍ତି ଯେ ରାଜକନିକାର ଏହି ନାବାଳିକା ଛାତ୍ରୀଙ୍କ ଗଣ ବଳାତ୍କାର ମାମଲା (ଥାନା କେସ ନଂ- ୫୪/୨୬) ପୋକସୋ ଅଧୀନରେ ନ୍ୟାୟିକ କାର୍ଯ୍ୟ ଚାଲିବ । ଏହି ମାମଲାରେ ସ୍କୁଲର ୩ ଶିକ୍ଷକ, ଜଣେ ଶିକ୍ଷୟତ୍ରୀ ଓ ଜଣେ ପିଅନଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୀଡିତାଙ୍କ ଅଭିଯୋଗ ଅନୁଯାୟୀ ଗତ ୧୪ ତାରିଖରେ ସେ ସ୍କୁଲରେ ଥିଲେ । ମଧ୍ୟାହ୍ନ ଖାଇବା ଛୁଟିରେ ଛାତ୍ରୀଙ୍କୁ ସ୍କୁଲ ଅଫିସକୁ ଡକାଇ ଏହି ଜଘନ୍ୟ କାଣ୍ଡ କରାଯାଇଥିବା ଅଭିଯୋଗ କରାଯାଇଛି । ତାଙ୍କର ମାଆ ଓ ବାପା ଗତ ୧୮ ତାରିଖରେ ସିଡବ୍ଲ୍ୟୁସିକୁ ଭେଟି ଏପରି ଘଟଣା ସମ୍ପର୍କରେ ଅଭିଯୋଗ ପତ୍ର ଦେଇଥିଲେ । ପରେ ଗତ ୨୧ରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତତ୍କାଳ ପଦକ୍ଷେପ ଗ୍ରହଣ କରିଛି ବୋଲି ଏସଡିପିଓ ଶ୍ରୀପାତ୍ର ସୂଚନା ଦେଇଛନ୍ତି ।

### ଟପ ମାଓ...

ଅସ୍ତ୍ରତ୍ୟାଗ କରିଛନ୍ତି। ଏହି ଆତ୍ମ ସମର୍ପଣ କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶରୁ ମାଓବାଦ ସମାପ୍ତ କରିବା ପାଇଁ ନିର୍ଦ୍ଧାରିତ ୩୧ ମାର୍ଚ୍ଚ ୨୦୨୬ ସମୟସୀମା ପୂର୍ବରୁ ହୋଇଛି।

ତେଲେଙ୍ଗାନା ପୋଲିସ ମହାନିର୍ଦ୍ଦେଶକ ବି. ଶିୱଧର ନିକଟରେ ମାଓବାଦୀଙ୍କୁ ସାମାଜିକ ମୁଖ୍ୟ ଧାରାକୁ ଫେରି ଆସିବାକୁ ନିବେଦନ କରିଥିଲେ। ସେ ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ଅନୁସାରେ ମାଓବାଦୀଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ଡିଜିପି ଘୋଷଣା କରିଥିଲେ। ତେଲେଙ୍ଗାନା ପୋଲିସର ଉଦ୍ୟମ ଯୋଗୁ ଗତ ୨ ବର୍ଷରେ ଏପର୍ଯ୍ୟନ୍ତ ପାଖାପାଖି ୫୮୮ଜଣ ମାଓବାଦୀ ସାମାଜିକ ମୁଖ୍ୟ ଧାରାରେ ସାମିଲ ହେବା ପାଇଁ ଅସ୍ତ୍ରତ୍ୟାଗ କରିଛନ୍ତି। ତେବେ ଦେବଜୀର ଆତ୍ମସମର୍ପଣ ଯୋଗୁ ତେଲେଙ୍ଗାନାରେ ମାଓବାଦ ସଙ୍ଗଠନ ଦୁର୍ବଳ ହୋଇପଡିଥିବା ଅନୁମାନ କରାଯାଉଛି।

### ରାଜ୍ୟସଭା ଭୋଟ...

ସମୟରେ ଏ ଭି ସ୍ୱାମୀଙ୍କ ଭଳି ଜଣେ ନିର୍ଦ୍ଦଳୀୟ ସମାଜସେବୀଙ୍କୁ ସର୍ବ ସମ୍ମତ ପ୍ରାର୍ଥୀ କରି ଉଭୟ ଶାସକ ଓ ବିରୋଧିଦଳ କ୍ରସଭୋଟିଂ କେଳେଙ୍କାରୀରୁ ବର୍ତ୍ତିବା ନଜିର ରହିଛି । ଏହି ଘଟଣାର ପୁନରାବୃତ୍ତି କରାଯାଇ ଯଦି ତିନି ଦଳର ସହମତି ଭିତ୍ତିରେ ଚତୁର୍ଥ ଆସନ ଲାଗି ନିର୍ଦ୍ଦଳୀୟ ପ୍ରାର୍ଥୀ ଛିଡା କରାଯାଏ ତେବେ କାହାର କିଛି ଚାପ ରହିବ ନାହିଁ । ଏ ପରିପ୍ରେକ୍ଷୀରେ କିଛି ବ୍ୟବସାୟୀ ମଧ ଚତୁର୍ଥ ଆସନ ଲାଗି ପ୍ରାର୍ଥୀ ହେବାକୁ ଆଗ୍ରହ ପ୍ରକାଶ କରୁଥିବା ଘଟଣା ଗଣମାଧମରେ ବାରମ୍ବାର ଚର୍ଚ୍ଚା ହେଉଥିବାରୁ ଅନେକ ବିଧାୟକଙ୍କର ତୀକ୍ଷ୍ଣ ଦୃଷ୍ଟି ମଧ ସେମାନଙ୍କ ଉପରେ ରହିବା ସ୍ୱାଭାବିକ ।

### ତିନି ଆତଙ୍କବାଦୀ...

ନିଷ୍ଠା ପ୍ରଦର୍ଶନ କରି ସୈନ୍ୟମାନେ ଏନକାଉଣ୍ଟର ସାଇଟକୁ କବଜା କରି ନେଇଥିଲେ, ଯେଉଁଠି ଦୁଇ ଆତଙ୍କବାଦୀଙ୍କୁ ସଫଳତାପୂର୍ବକ ନ୍ୟୁଟ୍ରାଲାଇଜ୍ କରାଯାଇଥିଲା। ଆତଙ୍କବାଦୀ ପାହାଡ଼ ତଳେ ଥିବା ଏକ ମାଟି ଘରେ ଲୁଚି ରହିଥିଲେ। ଏକ ପାହାଡ଼ ଉପରେ ହମଲା କରାଗଲା ଏବଂ ନିକଟତର ହେଉଥିବା ସର୍ଚ୍ଚ ଦଳ ଉପରେ ଗୁଳି ଚଳାଇ ଥିଲେ ଯେଉଁଥିରେ ଜୋରଦାର ଫାୟାରିଂ ହୋଇଥିଲା। ସଂପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଏବେ ବି ଜାରି ରହିଛି।

### ଓଡ଼ିଆ ଯୁବ...

ଅମୃତଭଣ୍ଡା, ଗୁଆ ଏବଂ ବିଭିନ୍ନ ଋତୁକାଳୀନ ପନିପରିବା ଚାଷ କରୁଛନ୍ତି। ଅନ୍ୟମାନଙ୍କ ପାଇଁ ତାଙ୍କ ଫାର୍ମ ଏକ 'ଜୀବନ୍ତ ପ୍ରୟୋଗଶାଳା' ପାଲଟିଛି। ଯାହା ରାଜ୍ୟ ସାରା କୃଷି ବୈଜ୍ଞାନିକ ଏବଂ ତାଙ୍କ ମଡେଲକୁ ଅନୁକରଣ କରିବାକୁ ଚାହୁଁଥିବା ସହକର୍ମୀମାନଙ୍କୁ ଆକର୍ଷିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ୨ଦିନ ବର୍ଷା !...

ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩୫.୫ ଡିଗ୍ରୀ ସେଲିସିୟସ ରେକର୍ଡ ହୋଇଥିବା ହେଲେ ଭୁବନେଶ୍ୱରରେ ୩୫.୪ ଓ ଭବାନୀପାଟଣାରେ ୩୫ ଡିଗ୍ରୀ ସେଲିସିୟସ ରେକର୍ଡ କରାଯାଇଛି। ବର୍ତ୍ତମାନ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପାଗ ଶୁଖିଲା ରହୁଥିବା ବେଳେ ରାତ୍ରି ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ।

## ୨୪ରେ ବିଧାନସଭା ଚାଲ ପାଇଁ ବାରବାଟୀ କଟକ ବିଜେଡିର ପ୍ରସ୍ତୁତି

**କଟକ,୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଫେବୃଆରୀ ୨୪ ତାରିଖରେ ବିଧାନସଭା ଚାଲ ପରିପେକ୍ଷୀରେ ବାରବାଟୀ କଟକ ବିଜୁ ଜନତା ଦଳ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କଟକ ମେୟର ତଥା ବିଜୁ ଜନତା ଦଳର ରାଜ୍ୟ କୋଷାଧ୍ୟକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ ହୋଇଯାଇଅଛି । ରାଜ୍ୟରେ ଦରଦାମ ବୃଦ୍ଧି, ମଣ୍ଡିରେ ଧାନ ପଡ଼ି ରହିବା, କଟନିଛଟନି ନାମରେ ଗରିବ ଚାଷୀମାନଙ୍କୁ ଶୋଷଣ କରିବା, ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା, ବିଭିନ୍ନ ପ୍ରକାର ନୂତନ ଭତ୍ତା କାର୍ଡ଼ ସଂଖ୍ୟା ବୃଦ୍ଧି ନକରିବା, ସହ ରାଜ୍ୟ ସରକାରଙ୍କ ମନମୁଖୀ କାର୍ଯ୍ୟ କରିବା, ପ୍ରତିବାଦରେ ରାଜ୍ୟ ବିଜୁ ଜନତା ଦଳ ଆହ୍ୱାନ କ୍ରମେ ବାରବାଟୀ କଟକ ବିଜୁ ଜନତା ଦଳ ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଆଜିର ଏହି ପ୍ରସ୍ତୁତି ସଭାରେ ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ଜିଲ୍ଲା ମହିଳା ସଭାନେତ୍ରୀ ଅନିତା ବେହେରା, ଜିଲ୍ଲା କାର୍ଯ୍ୟକାରୀ ମହିଳା ସଭାପତି ପୂର୍ଣ୍ଣିମା ସିଂହ, ପୂର୍ବତନ କଟକ ସହର ବିଜେଡି ସଭାପତି ମଧୁସୂଦନ ସାହୁ, ପ୍ରବାସୀ ଓଡ଼ିଆ ସଂଘ ଆବାହକ ନନ୍ଦଲାଲ ସିଂହ, ଏକରାମ ହୁସେନ, ରାଜ୍ୟ ବିଜୁ ଜନତା ଦଳ ଉପସଭାପତି ଜଗନ୍ନାଥ ସ୍ୱାଇଁ, ରମଜାନ ଖାନ, ପ୍ରଫୁଲ୍ଲ ବେହେରା, ଆଇନଜୀବି ସ୍ୱଦେଶ ଦାସ, ପ୍ରଫୁଲ ସାହୁ, ପ୍ରେମାନସୁ ଭୂଣେ ବେହେରା, ଦେବେନ୍ଦ୍ର କାହାଳୀ, କର୍ପୋରେଟର ଏ ଶ୍ରୀଦେବୀ, ମୋନାଲିଶଶ ଦାସ, ଦୀପ୍ତି ମୟୀ ମୂଳିଆ, ପୁଷ୍ପିତା ମହାନ୍ତି, ଇତିଶ୍ରୀ ଦାସ, ବନଲତା ପ୍ରଧାନ, ଦୀପଞ୍ଜଳି ସିଂ, ଆରତୀ ସାହୁ, ନମିତା ବାରିକ, ପ୍ରିୟମ୍ବଦା ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, କେ ଜେଡ଼ ଆଫ୍ରିନ, ପ୍ରଦୀପ କୁମାର ରାଉତ, ବସନ୍ତ ବେହେରା, ଚନ୍ଦନ ଜେନା, ପ୍ରଦୀପ କୁମାର ସାହୁ, ଦେବେନ୍ଦ୍ରେ ପାଣିଗ୍ରାହୀ, ଅର୍ଦ୍ଧେନ୍ଦୁ ଶେଖର ମାଝୀ ଦିପ୍ତି ରଂଜନ ରାୟ, ପରେଶନାଥ ଦାସ, ସରୋଜ ରଂଜନ କର, ନବଦ୍ୱୀପ ଦାସ, ପ୍ରଭାତ ଦାସ, ଦେବେନ୍ଦ୍ର ନାଥ ମିଶ୍ର, ଧୀରେନ୍ଦ୍ର ପ୍ରତାବ ବିଶ୍ୱନାଥ ଧୀର, ସୌମ୍ୟଦର୍ଶନ ବେହେରା, ସୁଦାମ ପରିଡ଼ା, ବୀରେନ୍ଦ୍ର ବେରୋ, ବିଜ୍ଞାନ ମହାପାତ୍ର, ଜନସନ ମହାପାତ୍ର, ପୂର୍ଣ୍ଣିମା ସିଂହସୀମରଣ ଜରିନ, ଶ୍ରୀମନଥିନି ଶତପଥୀ, ସୌମେନ୍ଦ୍ର ସାହୁ, ଜନ ଆଶିଷ ବରାଳ, କାଳିଚରଣ ପାଣିଗ୍ରାହୀ, ପ୍ରଦୀପ ବାରିକ, ସୟନ ଶେଖାଓ୍ୱତ ଅଲି, ସେକ ରିୟାଜ ବାରବାଟୀ କଟକ ବିଜୁ ଜନତା ଦଳର ଆଗଧାଡ଼ିର ନେତୃବୃନ୍ଦ, କର୍ମୀ ଯୁବକ ମହିଳା ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୧୬ ବର୍ଷ ନହେଲେ ଧରିପାରିବେନି ସ୍ମାର୍ଟଫୋନ୍ !

**ବେଙ୍ଗାଲୁରୁ,୨୨।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିକଟରେ ଭାରତର ଏଆଇ ସମିଟକୁ ଆସି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ସୋସିଆଲ୍ ମିଡିଆର ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ନେଇ ଚିନ୍ତା ବ୍ୟକ୍ତ କରିଥିଲେ। ଅନ୍ୟ ଦେଶ ଭଳି ଭାରତରେ ବି ଏହାକୁ ପିଲାଙ୍କ ପାଇଁ ବ୍ୟାନ୍ କରାଯାଉ ବୋଲି ପରାମର୍ଶ ଦେଇଥିଲେ। ଏବେ କର୍ଣ୍ଣାଟକ କଂଗ୍ରେସ ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଛନ୍ତି। ସୋସିଆଲ୍ ମିଡିଆ ନିଶାର ଖରାପ ପ୍ରଭାବକୁ ଦେଖି ୧୬ ବର୍ଷର କମ ବୟସର ପିଲାଙ୍କ ସ୍ମାର୍ଟଫୋନ୍ ବ୍ୟାନ କରିବାକୁ ଚିନ୍ତା କରୁଛନ୍ତି କର୍ଣ୍ଣାଟକର ସିଦ୍ଧରମେୟା ସରକାର।

ଏନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି ଯେ ଏହି ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି ଏବଂ କ୍ୟାମ୍ପସରେ ନାବାଳକମାନଙ୍କ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ କଟକଣା ଲଗାଯିବା ଉଚିତ କି ନାହିଁ ସେ ବିଷୟରେ ରାଜ୍ୟ ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକର ଭାଇସ୍ ଚାନ୍‌ସେଲରମାନଙ୍କଠାରୁ ମତାମତ ମଗାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି "ଆଜି ଆମେ ଏହା ଉପରେ ଆଲୋଚନା କରୁଛୁ, ଏବଂ ଯେହେତୁ ଆପଣମାନେ ସମସ୍ତେ ଏଠାରେ ଭାଇସଚାନ୍‌ସେଲର ଅଛନ୍ତି, ତେଣୁ ଏନେଇ ମୁଁ ଆପଣଙ୍କ ମତାମତ ଚାହୁଁଛି। ପିଲାମାନେ ନିଶାଦ୍ରବ୍ୟର ଶିକାର ହେଉଛନ୍ତି। ତା' ଛଡା, ଅଷ୍ଟ୍ରେଲିଆ ପରି ବିଭିନ୍ନ ଦେଶରେ ବି ଛାତ୍ରମାନଙ୍କ ପାଇଁ ମୋବାଇଲ୍ ଫୋନ୍ ନିଷେଧ କରିବା ପାଇଁ ଆଲୋଚନା ହେଉଛି। ତେଣୁ ମୁଁ ଏହା ଉପରେ ଆପଣଙ୍କର ମତାମତ ଚାହୁଁଛି। ଆମେ ଏହା ଉପରେ ନଜର ରଖିଛୁ।" ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୋସିଆଲ ମିଡିଆ ପ୍ରତି ବଢୁଥିବା ଆଗ୍ରହକୁ ଦେଖି ଚେତାବନୀ ଦେଇଛନ୍ତି। ଏବଂ କହିଛନ୍ତି ଯେ ଅତ୍ୟଧିକ ଏକ୍ସପୋଜର ବ୍ୟବହାରକୁ ପ୍ରଭାବିତ କରୁଛି। ଶିକ୍ଷା ରେଜଲ୍ଟ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ନିଶା ସେବନ ପ୍ରତି ବିପଦ ମଧ ବୃଦ୍ଧି କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, କର୍ଣ୍ଣାଟକର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି/ବିଟି ମନ୍ତ୍ରୀ ପ୍ରିୟଙ୍କ ଖଡଗେ ମଧ ଶୁକ୍ରବାର ବିଧାନସଭାରେ ଏନେଇ ଚିନ୍ତା ବ୍ୟକ୍ତ କରିଥିଲେ। ଏବଂ କହିଥିଲେ ଯେ ଆମେ ବିଶେଷକରି ପିଲାମାନଙ୍କ ଦ୍ୱାରା ଏଆଇ ଏବଂ ସୋସିଆଲ ମିଡିଆର ବ୍ୟବହାର ସିମୀତ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରୁଛୁ। ଭାରତର ଗୋଆ ଓ ଆନ୍ଧ୍ର ପ୍ରଦେଶର ମଧ ସମାନ ସ୍ଥିତି ନେଇ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଆନ୍ଧ୍ରପ୍ରଦେଶ ଏନେଇ ଆଇନ ଆଣିପାରେ ବୋଲି ରାଜ୍ୟ ଶିକ୍ଷାମନ୍ତ୍ରୀ ନାରା ଲୋକେଶ ସୂଚନା ଦେଇଛନ୍ତି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ